R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୪୪
ତିଥି: ନବମୀ
୧୯ ସେପ୍ଟେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 344
19 September 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସେମିକନ୍ ଇଣ୍ଡିଆ : ଓଡ଼ିଶାକୁ ୨୩,୬୦୦ କୋଟି ନିବେଶ ପ୍ରସ୍ତାବ

ନୂଆ ଦିଲ୍ଲୀ/ଭୁବନେଶ୍ୱର, ୧୮ ।୯ (ସବ୍ୟୁ) : ଦେଶର ସେମିକଣ୍ଡକ୍ଟର ମାନଚିତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରୁଛି । ନୂଆଦିଲ୍ଲୀଠାରେ ଆୟୋଜିତ 'ସେମିକନ୍ ଇଣ୍ଡିଆ ୨୦୨୬' ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଭବିଷ୍ୟତ ଓ ନୂତନ ନିବେଶ ସମ୍ପର୍କରେ ଏକ ବଡ଼ ଘୋଷଣା କରିଛନ୍ତି । କଟକ'ର ନରାଜଠାରେ ୮୭୦ ଏକର ପରିମିତ ଜମିରେ 'ଓଡ଼ିଶା ସିଲିକନ୍ ଭାଲି' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହାଦ୍ୱାରା ସେଠାରେ ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ସୂଚନାଯୋଗ୍ୟ ଯେ, ରାଜ୍ୟରେ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରକଳ୍ପଗୁଡ଼ିକୁ ଏକାଠି କରି ଏକ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ହବ୍'ରେ ପରିଣତ କରିବା ପାଇଁ ଏହି ପ୍ରକଳ୍ପ ହାତକୁ ନିଆଯାଇଛି । ନରାଜର ଭୌଗଳିକ ଅବସ୍ଥିତି ଶିଳ୍ପ ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ । ଏଠାରୁ ଭୁବନେଶ୍ୱର-କଟକ ସହରାଞ୍ଚଳ କରିଡର ସହ ସୁଗମ ଯୋଗାଯୋଗ ସୁବିଧା (୯ ପୃଷ୍ଠାରେ)

- ନରାଜରେ ୮୭୦ ଏକର ଜମିରେ ଓଡ଼ିଶା ସିଲିକନ୍ ଭାଲି
- ନିବେଶ ପାଇଁ ଓଡ଼ିଶାରେ ସୃଷ୍ଟି ହୋଇଛି ଅନୁକୂଳ ଇକୋ ସିଷ୍ଟମ

## ନନ୍ଦୀଗ୍ରାମ ଉପନିର୍ବାଚନରେ ହାଇଡ୍ରାମା



କୋଲକାତା,୧୮ ।୯ : ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସକୁ ଝଟକା ପରେ ଝଟକା ଲାଗୁଛି । ଗତକାଲି ନିର୍ବାଚନ କମିଶନ ତାଙ୍କ ଦଳର ନାଁ ଓ ଚିହ୍ନକୁ ପ୍ରତ୍ୟାହାର କରିନେଇଥିଲେ । ମମତାଙ୍କ ଗୋଷ୍ଠୀର ଦଳକୁ ମମତା ଅଲଇଣ୍ଡିଆ ତୃଣମୂଳ କଂଗ୍ରେସ ବୋଲି ନାମିତ କରିବା ସହ ଫୁଟବଲ ଖେଳାଳିର ଚିହ୍ନ ଦେଇଥିଲେ । ଏହାପରେ ଆଜି ନନ୍ଦୀଗ୍ରାମରେ ହେବାକୁଥିବା ଉପନିର୍ବାଚନରେ ମମତାଙ୍କ ନେତୃତ୍ୱାଧିନ ତୃଣମୂଳ ପ୍ରାର୍ଥୀ ସଚ୍ଚିତା ପ୍ରଧାନ ଦେ ତାଙ୍କ ନାମକୁ ପ୍ରତ୍ୟାହାର କରିନେଇଛନ୍ତି । ମମତାଙ୍କ ପ୍ରାର୍ଥୀ ନିର୍ବାଚନ ମୈଦାନରୁ ଓହରିଗଲା ପରେ ମମତା କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ସମର୍ଥନ କରିବେ ବୋଲି ଘୋଷଣା କରିଥିଲେ । ଏହି ଘୋଷଣାର କିଛି ସମୟ (୯ ପୃଷ୍ଠାରେ)

- **ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ମମତାଙ୍କ ପ୍ରାର୍ଥୀ**
- **କଂଗ୍ରେସକୁ ସମର୍ଥନ ଘୋଷଣା ପରେ ପ୍ରାର୍ଥୀ ଗିରଫ**
- **ମମତାଙ୍କ ଗୋଷ୍ଠୀକୁ ମିଳିଲା ନୂଆ ନାଁ, ଚିହ୍ନ**

## ଯୌନ ଶୋଷଣ ଅଭିଯୋଗ, ଅତିରିକ୍ତ ସଚିବ ଗିରଫ

ଭୁବନେଶ୍ୱର, ୧୮ ।୯ (ସବ୍ୟୁ) : ଅଧସ୍ତନ କର୍ମଚାରୀଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ପରିବହନ ବିଭାଗ ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

ପରିବହନ ବିଭାଗରେ ପୀଡିତା ଚୁକ୍ତିଭିତ୍ତିକ ଷ୍ଟେନୋଗ୍ରାଫର ଭାବେ କାମ କରୁଥିଲେ । ଅତିରିକ୍ତ ସଚିବ ତାଙ୍କୁ ଦୀର୍ଘଦିନ ହେବ ଯୌନ ଶୋଷଣ କରିଆସୁଥିଲେ । ଏଥିରେ ସେ ଅସନ୍ତୋଷ ଥିଲେ ମଧ୍ୟ ଚାକିରିକୁ ଡରି ଦୃଢ ପ୍ରତିବାଦ କରିପାରୁ ନଥିଲେ । ଗୁରୁବାର ରାତି ୨ଟାରୁ ୩ଟା ମଧ୍ୟରେ ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳ ତାଙ୍କ ଖାରବେଳନଗର ନିକଟ ଘର ପାଖରେ ପହଞ୍ଚି ହୋହାଲ୍ଲା କରିବା ସହ ଗାଳିଗୁଲଜ କରି ତାଙ୍କ ଘରକୁ ପଶିଥିଲେ । ଏପରିକି ମୋବାଇଲରେ ରଖିଥିବା ଆପତ୍ତିଜନକ ଫଟୋକୁ ସର୍ବସାଧାରଣରେ ଦେଖାଇ ଚରିତ୍ର ସଂହାର କରିଥିବା ପୀଡିତା ଏତଲାରେ ଦରଜ କରିଛନ୍ତି । ଗୁରୁବାର ଦିନ ରାତିରେ ତାଙ୍କୁ ଅସଦାଚରଣ କରିଥିବା ମଧ୍ୟ ସେ ଦର୍ଶାଇଛନ୍ତି ।

ପରିସ୍ଥିତି ଅଣାୟତ୍ତ ହେବାରୁ ପୀଡିତା ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିଥିଲେ । ପିସିଆର୍ ପହଞ୍ଚିବା ବେଳକୁ ନିଶାସକ୍ତ ଅବସ୍ଥାରେ (୯ ପୃଷ୍ଠାରେ)

## ପୌର ନିର୍ବାଚନ ସୀମା ପୁନଃନିର୍ଦ୍ଧାରଣ, ସଂରକ୍ଷଣ କାର୍ଯ୍ୟସୂଚୀ

ଭୁବନେଶ୍ୱର, ୧୮ ।୯ (ସବ୍ୟୁ) : ରାଜ୍ୟର ପୌରପରିଷଦ , ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି ।

ପୂର୍ବରୁ ବିଭାଗ ପକ୍ଷରୁ ଜାରି ହୋଇଥିବା କାର୍ଯ୍ୟସୂଚୀର ଆଂଶିକ ସଂଶୋଧନ କରାଯାଇ ଏହି ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ବୌଦ୍ଧ ଜିଲ୍ଲାକୁ ବାଦ ଦେଇ ସମସ୍ତ ସମ୍ପୃକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ।


ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ୨୪ ସେପ୍ଟେମ୍ବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଖସଡ଼ା ବିଜ୍ଞପ୍ତି ପ୍ରକାଶ କରାଯାଇ ସାଧାରଣ ଜନତାଙ୍କଠାରୁ ଆପତ୍ତି ଓ ପରାମର୍ଶ ଆହ୍ୱାନ କରାଯିବ । ଆପତ୍ତି ଓ ପରାମର୍ଶ ଦାଖଲ କରିବାର ଶେଷ ତାରିଖ ୩ ଅକ୍ଟୋବର ୨୦୨୬ ରହିଛି ।

ଏହାପରେ, ୭ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ କରାଯିବ । ଏହି ବିଜ୍ଞପ୍ତି ବିରୋଧରେ ୭ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଆପିଲ୍ ଦାଖଲ କରାଯାଇପାରିବ ।

ପ୍ରାପ୍ତ ଅପିଲ୍‌ଗୁଡ଼ିକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ନିଜର ସୁପାରିଶ/ମତାମତ ସହ ୨୨ ଅକ୍ଟୋବର ୨୦୨୬ ସୁଦ୍ଧା ସ୍ୱତନ୍ତ୍ର ଦୂତ ମାଧ୍ୟମରେ ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ (୯ ପୃଷ୍ଠାରେ)

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୮ ।୯ (ସବ୍ୟୁ) : ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି । ପଦୋନ୍ନତି ପରେ ସେମାନଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି । ଆଇଏଏସ୍ ସୂର୍ଯ୍ୟନାରାୟଣ ଦାସଙ୍କୁ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସୁମିତା ସରକାରଙ୍କୁ ବନ୍ଦୋବସ୍ତ ଓ କନ୍‌ସୋଲିଡେସନ୍‌ର ଅତିରିକ୍ତ କମିଶନର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି । ସେହିଭଳି ବଳମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସୌଦାମିନୀ ସେଠୀଙ୍କୁ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ମଧୁମିତା ନାୟକଙ୍କୁ ଉତ୍ତରାଞ୍ଚଳ ଆର୍‌ଡିସିଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି । ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ମଧୁମିତା ନାୟକଙ୍କୁ ଶ୍ରମ ଓ ଇଏସ୍ଆଇ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ବବିତା ମହାନ୍ତିଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ (୯ ପୃଷ୍ଠାରେ)



## ଗଣେଶଙ୍କୁ ଲାଗେ ଚା' ଭୋଗ

ଭାରତରେ ଭଗବାନ ଗଣେଶଙ୍କୁ ମୋଦକ ଓ ଲଡୁ ପ୍ରସାଦ ଆକାରରେ ଅର୍ପଣ କରାଯାଉଥିବା ବେଳେ ଥାଇଲାଣ୍ଡରେ 'ବବଲ୍ ଟି' ଭୋଗ ଚଢ଼ାଯାଉଥିବା ଏକ ନିଆରା ପରମ୍ପରା ସାମ୍ନାକୁ ଆସିଛି । ବ୍ୟାଙ୍କକ୍‌ର ଏକ ମଲ୍ ବାହାରେ ଥିବା ଗଣେଶ ମନ୍ଦିରରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ନିକଟରେ ଏହି ପାନୀୟ ରଖୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ତେବେ ଏହି ପାନୀୟଟି ହେଉଛି ବବଲ ଟି ବା ଏକ ପ୍ରକାରର ଚା । ଥାଇଲାଣ୍ଡରେ ଭଗବାନ ଗଣେଶଙ୍କୁ 'ଫ୍ରା ଫିକାନେଟ୍' ଭାବେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ମନସ୍କାମନା ପୂରଣ ହେଲେ ଶ୍ରଦ୍ଧାଳୁମାନେ ପୂର୍ବ ଅପେକ୍ଷା ଦ୍ୱିଗୁଣିତ ପରିମାଣର ବବଲ୍ ଟି ଚଢ଼ାଇଥାନ୍ତି । ଚା', ଖୀର ଏବଂ ନରମ ଟାପିଓକା ପର୍ଲସକୁ ନେଇ ତିଆରି ହେଉଥିବା ଏହି ସ୍ୱାଦିଷ୍ଟ ପାନୀୟଟି ସ୍ଥାନୀୟ ଲୋକଙ୍କର ଅତ୍ୟନ୍ତ ପ୍ରିୟ ହୋଇଥିବାରୁ, ସେମାନେ ନିଜର ପ୍ରିୟ ଜିନିଷକୁ ପ୍ରଭୁଙ୍କ ଚରଣରେ ଅର୍ପଣ କରୁଥିବା ଜଣାପଡ଼ିଛି ।




## ପକ୍ଷୀଙ୍କ ଅବିକଳ ଅନୁକରଣ କରୁଥିବା ବାଳକ

ଆମେରିକାର ଓକ୍ଲାହୋମାରେ ରହୁଥିବା ୧୨ ବର୍ଷୀୟ ବାଳକ ସାମୁଏଲ୍ ହେଣ୍ଡରସନଙ୍କର ଏକ ଅଜବ ପ୍ରତିଭା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସେ ୧୩୦ରୁ ଅଧିକ ପକ୍ଷୀଙ୍କ ଶବ୍ଦକୁ ଅବିକଳ ଅନୁକରଣ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଛନ୍ତି । ତାଙ୍କର ଏହି ପ୍ରତିଭା ଏତେ ନିଖୁଣ ଯେ ପକ୍ଷୀଙ୍କ ଶବ୍ଦ ଚିହ୍ନଟ କରୁଥିବା ମୋବାଇଲ୍ ଆପ୍ ମଧ୍ୟ ତାଙ୍କ ସ୍ୱରକୁ ପ୍ରକୃତ ପକ୍ଷୀର ଶବ୍ଦ ଭାବି ବା ଭୁଲ୍ କରୁଥିବା ଜଣାପଡିଛି । ଓକ୍ଲାହୋମା ସିଟି ଚିଡ଼ିଆଖାନାରେ 'ଗ୍ରେଟ୍-ଟେଲ୍‌ଡ ଗ୍ରାକଲ୍' ପକ୍ଷୀର ଶବ୍ଦ ଶୁଣି ଏହାକୁ ଅନୁକରଣ କରିବା ଆରମ୍ଭ କରିଥିବା ସାମୁଏଲ୍, ମେ ୨୦୨୪ରେ ଏକ ସ୍କୁଲ୍ ଟାଲେଣ୍ଟ ଶୋ'ରେ ବିଭିନ୍ନ ପକ୍ଷୀଙ୍କ ସ୍ୱର କାଢ଼ି ଚର୍ଚ୍ଚାକୁ ଆସିଥିଲେ । ତାଙ୍କ ମା' ଏହାର ଭିଡିଓ ଟିକଟକରେ ସେୟାର୍ କରିବା ପରେ ତାହା ଭାଇରାଲ୍ ହୋଇଥିଲା । ପକ୍ଷୀଙ୍କ ଶବ୍ଦ, ରଙ୍ଗ ଓ ବ୍ୟବହାର ବିଷୟରେ ଅଧ୍ୟୟନ କରିବାକୁ ଭଲ ପାଉଥିବା ସାମୁଏଲ୍ ବଡ଼ ହୋଇ ଜଣେ ପକ୍ଷୀ ବିଜ୍ଞାନୀ ହେବାକୁ ଲକ୍ଷ୍ୟ ରଖିଛନ୍ତି । ସୋସିଆଲ ମିଡିଆରେ ତାଙ୍କର ଏଭଳି ଅଦ୍ଭୁତ କଳାକୁ ସମସ୍ତେ ପ୍ରଶଂସା କରିଛନ୍ତି ।



## ଅସାଧାରଣ ସାମୁଦ୍ରିକ ଜୀବ ବିଗ୍‌ଫିନ୍ ସ୍କ୍ୱିଡ୍

ଆମେରିକାର କାଲିଫର୍ଣ୍ଣିଆ ଉପକୂଳ ନିକଟରେ ବୈଜ୍ଞାନିକମାନେ ଏକ ଏଲିଅନ୍ ପରି ଦିଶୁଥିବା ଅସାଧାରଣ ସାମୁଦ୍ରିକ ଜୀବ 'ବିଗ୍‌ଫିନ୍ ସ୍କ୍ୱିଡ୍'କୁ ଠାବ କରିଛନ୍ତି । ପ୍ରଶାନ୍ତ ମହାସାଗରର ଉତ୍ତର-ପୂର୍ବ ଭାଗରେ ପ୍ରଥମ ଥର ପାଇଁ ଜୀବନ୍ତ ଦେଖାଯାଇଥିବା ଏହି ଜୀବଟିର ବାହୁ ନିଜ ଶରୀର ତୁଳନାରେ ପ୍ରାୟ ୨୦ ଗୁଣ ଲମ୍ବା । 'ଡକ୍ ରିକେଟ୍ସ' ନାମକ ରୋବୋଟିକ୍ ସବ୍‌ମର୍ସିବଲ୍ ଦ୍ୱାରା ସମୁଦ୍ରରର ପ୍ରାୟ ୩.୨ କିଲୋମିଟର ଗଭୀରରେ 'ଡେଭିଡସନ୍ ସିମାଉଣ୍ଟ' ନିକଟରେ ଏହାକୁ ରେକର୍ଡ କରାଯାଇଛି । ମୋଣ୍ଟେରୀ ବେ ଆକ୍ୱାରିୟମ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଦଳ ଗତ ୪୦ ବର୍ଷ ମଧ୍ୟରେ କେବଳ ଦୁଇଥର ଏହି ଜୀବକୁ ଦେଖିଥିବା ବେଳେ, ସାରା ବିଶ୍ୱରେ ଏପର୍ଯ୍ୟନ୍ତ ଏହା ମାତ୍ର ୭୦ ଥର ଦୃଶ୍ୟମାନ ହୋଇଛି । ୪ ଫୁଟ୍ ଲମ୍ବର ଏହି ବିରଳ ସ୍କ୍ୱିଡ୍‌ର ଦୁଇଟି ବଡ଼ ଡେଣା, ଆଠଟି ବାହୁ ଏବଂ ଦୁଇଟି ଲମ୍ବା ଟେଣ୍ଟାକଲ୍ସ ରହିଛି ।



## ମହାକାଶରେ ଫୁଟବଲ ଖେଳ

ଅନେକ ସମୟରେ ସ୍ପେସ ଷ୍ଟେସନରେ ଏଭଳି କିଛି ଘଟଣା ଘଟିଥାଏ, ଯାହା ସାରା ବିଶ୍ୱକୁ ଚକିତ କରିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ସ୍ପେସ ଷ୍ଟେସନ୍‌ରେ ଗବେଷଣାରେ ବ୍ୟସ୍ତ ରହୁଥିବା ମହାକାଶଚାରୀମାନେ ନିଜର ଶନିବାର ଓ ରବିବାର କିପରି ବିତାଉଛନ୍ତି, ତାହାର ଏକ ମଜାଦାର ଝଲକ୍ ସାମ୍ନାକୁ ଆସିଛି । ମହାକାଶଚାରୀ ଅନିଲ ମେନନ୍ ସୋସିଆଲ୍ ମିଡିଆରେ ଏକ ଭିଡିଓ ସେୟାର୍ କରି ମହାକାଶଚାରୀମାନେ ମହାକାଶ ଷ୍ଟେସନ୍‌ରେ ଫୁଟ୍‌ବଲ୍ ଖେଳୁଥିବାର ଦୃଶ୍ୟ ଦେଖାଇଛନ୍ତି । ଅନିଲଙ୍କ କହିବା ଅନୁଯାୟୀ, ଫୁଟ୍‌ବଲ୍ ଏପରି ଏକ ଖେଳ ଯାହା ମହାକାଶ ଷ୍ଟେସନ୍‌ରେ ସମସ୍ତଙ୍କୁ ଏକାଠି ବାନ୍ଧି ରଖିଥାଏ । ଆଗାମୀ ବ୍ୟସ୍ତବହୁଳ ସପ୍ତାହ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଏବଂ କାର୍ଯ୍ୟର ଚାପରୁ ମୁକ୍ତ ହେବା ପାଇଁ ୱିକେଣ୍ଡ୍‌ରେ ଏହିପରି ମନୋରଞ୍ଜନ କରିବା ସେମାନଙ୍କ ପାଇଁ ସହାୟକ ହୋଇଥାଏ ।



## ସୋସିଆଲ କୋଟ୍ସ



ରଙ୍ଗୀଲା ଫିଲ୍ମରେ ଉର୍ମିଳା ମାତୋଣ୍ଡକର ଡ୍ୟାନ୍ସ ନିଜେନିଜେ କୋରିଓ ଗ୍ରାଫ କରିଥିଲେ । ସେଦିନ କୋରିଓଗ୍ରାଫର ଆସି ନଥିଲେ ତେଣୁ ସେ ଏହାକୁ ନିଜେ କରିଥିଲେ ।

ରାମ ଗୋପାଲ ବର୍ମା, ଫିଲ୍ମମେକର



ବଲିଉଡ ହିରୋଙ୍କୁ ସାଉଥରେ ଭିଲିଆନ ଚରିତ୍ର ମିଳିଥାଏ । ଯାହା ମୋତେ ପସନ୍ଦ ଆସେ ନାହିଁ । ତେଣୁ ମୁଁ ସାଉଥ ଠାରୁ ଦୂରରେ ରହେ ।

ସୁନିଲ ସେଟ୍ଟି, ଅଭିନେତା



ଭାବି ଜୀ ଘର ପର ହେ ସବୁବେଳେ ମୋ ହୃଦୟର ନିକଟତର ରହିବ । ଏହି ସେଟରୁ ମୁଁ ଅନେକ କିଛି ଶିଖିଛି । ଶୋ କୁ ମୁଁ ସବୁବେଳେ ମିସ କରିଥାଏ ।

ଶୁଭାଙ୍ଗି ଆତ୍ରେ , ଅଭିନେତ୍ରୀ

## ସୁଜି ଦୋସା



ସାମଗ୍ରୀ - ସୁଜି ଏକକପ୍, ପିଆଜ କଟା ୩ଟି, ଚାଉଳ ଚୁନା ୧କପ, ଅଦା କଟା ଅଳ୍ପ, କାଜୁ ଭଜା ଅଳ୍ପ, କଟା କଞ୍ଚା ଲଙ୍କା, ଜିରା, ଧନିଆ, ଗୋଲମରିଚ ଗୁଣ୍ଡ,

ପ୍ରଣାଳୀ - ପ୍ରଥମେ ଏକ ପାତ୍ରରେ ସୁଜି, ଚାଉଳ ଗୁଣ୍ଡକୁ ମିଶାଇ ନିଅନ୍ତୁ । ଏହାପରେ ଏହି ମିଶ୍ରଣରେ କିଛି ପାଣି ମିଶାନ୍ତୁ । ଏହାପରେ ଏଥିରେ ସମସ୍ତ ଗୁଣ୍ଡ ମସଲା ମିଶାଇ ଗୋଳାଇ ନିଅନ୍ତୁ । ଏହି ଆଣକୁ ପାଖାପାଖି ୩ ଘଣ୍ଟା ଘୋଡାଇ ରଖନ୍ତୁ । ଏହାପରେ ଏହି ମିଶ୍ରଣରେ କାଜୁ ଭଜା ଓ ଅଦା ମିଶାଇ ଗୋଳାଇ ନିଅନ୍ତୁ । ଯଦି ପାଣିର ଆବଶ୍ୟକ ରହିଛି ତେବେ ଦେଇ ପାରିବେ । ଏହାପରେ ପ୍ୟାନରେ ଏହି ଆଣକୁ ଢାଳି ଦୋଷା ଆକାର ଦିଅନ୍ତୁ । ଏହା ଉପରେ ଅଳ୍ପ ପରିମାଣରେ ପିଆଜ କଟା ଓ କଞ୍ଚା ଲଙ୍କା କଟା ପକାନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଜି ଦୋଷା ।



## ସ୍ୱରାଙ୍କ ଦୁଃଖ ପ୍ରକାଶ

୨୦୧୯ର ଚର୍ଚ୍ଚିତ ଅଯୋଧ୍ୟା ରାମ ଜନ୍ମଭୂମି - ବାବ୍ରୀ ମସଜିଦ୍ ମାମଲାରେ ସୁପ୍ରିମ୍ କୋର୍ଟଙ୍କ ନିଷ୍ପତ୍ତିକୁ ନେଇ ଅଭିନେତ୍ରୀ ସ୍ୱରା ଭାସ୍କର ପୁଣି ଥରେ ନିଜର ପ୍ରତିକ୍ରିୟା ରଖିଛନ୍ତି । ନିକଟରେ ଏକ ସାକ୍ଷାତକାରରେ ସ୍ୱରା ଜଣାଇଛନ୍ତି ଯେ, କୋର୍ଟଙ୍କ ଏହି ରାୟରେ ସେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ । ଏକ ହିନ୍ଦୁ ହିସାବରେ ନିଜକୁ ଲଜ୍ଜିତ ଅନୁଭବ କରି ଆମିର ଖାନ୍, ଶାହରୁଖ୍ ଖାନ୍, ସଲମାନ ଖାନ୍‌ଙ୍କ ସମେତ ନିଜ ଫୋନ୍‌ରେ ଥିବା ସମସ୍ତ ମୁସଲିମ୍ ବନ୍ଧୁଙ୍କୁ ମେସେଜ୍ କରି କ୍ଷମାପ୍ରାର୍ଥନା କରିଥିଲେ । ସିଏଏ - ଏନ୍‌ଆରସି ବିରୋଧୀ ଆନ୍ଦୋଳନ ସମୟରେ ଭେଟିଥିବା ପତି ଫହାଦ୍ ଅହମ୍ମଦଙ୍କ ସହ ମଧ୍ୟ ଏହି ବିଷୟରେ କଥାବାର୍ତ୍ତା ହୋଇଥିବା ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୦ରେ ଏହି ରାୟ ବିରୋଧରେ ବିବାଦୀୟ ବକ୍ତବ୍ୟ ପାଇଁ ସ୍ୱରାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାୟର ପାଇଁ ନିବେଦନ କରାଯାଇଥିଲା । ହେଲେ ତତ୍କାଳୀନ ଆଟର୍ଣ୍ଣି ଜେନେରାଲ୍ କେ.କେ. ବେଣୁଗୋପାଳ ଏହାକୁ ଖାରଜ କରିଦେଇଥିଲେ ।

## ଚାଲିବା ଗତିରୁ ଜାଣିହେବ ସ୍ୱାସ୍ଥ୍ୟ ସମସ୍ୟା

ଚାଲିବାର ଗତି କେବଳ ଏକ ଅଭ୍ୟାସ ନୁହେଁ, ବରଂ ଏହା ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟ, ହୃତପିଣ୍ଡ, ଫୁସ୍‌ଫୁସ୍, ମସ୍ତିଷ୍କ ଓ ସ୍ନାୟୁ ପ୍ରଣାଳୀର ସ୍ଥିତିକୁ ଦର୍ଶାଉଥିବା ଏକ ପ୍ରମୁଖ 'କ୍ଲିନିକାଲ୍ ବାୟୋମାର୍କର୍' ବା ସ୍ୱାସ୍ଥ୍ୟ ସଙ୍କେତ । ଡାକ୍ତରମାନେ ଏହାକୁ ଶରୀରର ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଭାବେ ଗ୍ରହଣ କରିଥାଆନ୍ତି । ଗବେଷଣା ଅନୁଯାୟୀ, ଧୀର ଗତିରେ ଚାଲୁଥିବା ଲୋକଙ୍କଠାରେ ସ୍ମରଣଶକ୍ତି ହ୍ରାସ ଓ ଡିମେନ୍ସିଆର ପ୍ରାରମ୍ଭିକ ଲକ୍ଷଣ ଦେଖାଯାଇଥାଏ । ସେହିପରି 'ଆପଲ୍ ହିଅରିଂ ଷ୍ଟଡି' ଅନୁଯାୟୀ, ଶ୍ରବଣ ଶକ୍ତି କମ୍ ଥିବା ବ୍ୟକ୍ତି, ବିଶେଷ କରି ୬୦ ବର୍ଷରୁ ଅଧିକ ବୟସ୍କଙ୍କ ଚାଲିବାର ଗତି ଅପେକ୍ଷାକୃତ ଧୀର ହୋଇଥାଏ । ବୟସ ଅନୁସାରେ ଜଣେ ସାଧାରଣ ବ୍ୟକ୍ତିର ଚାଲିବା ବେଗ ଘଣ୍ଟାପ୍ରତି ୨.୧ ରୁ ୩ ମାଇଲ୍ ମଧ୍ୟରେ ରହିବା ସ୍ୱାଭାବିକ । ତେବେ ବୟସ ତୁଳନାରେ ଅଧିକ ଧୀର ଚାଲିବା ମାଂସପେଶୀର ଦୁର୍ବଳତା, ହୃଦ୍‌ରୋଗ, ଫୁସ୍‌ଫୁସ୍ ସମସ୍ୟା କିମ୍ବା ବୟସାଧିକ ପ୍ରକ୍ରିୟା ଦ୍ରୁତ ହେବାର ପୂର୍ବାନୁମାନ କରିଥାଏ ।

## ଇତିହାସ

୧୫୮୧- ସିଖ୍ ଗୁରୁ ରାମଦାସ ଜୀଙ୍କ ଦେହାନ୍ତ ।
୧୮୯୧- ୱିଲିୟମ୍ ସେକ୍ସପିଅରଙ୍କ ବିଶ୍ୱପ୍ରସିଦ୍ଧ ନାଟକ **ମର୍ଚାଣ୍ଟ** ଅଫ୍ ଭେନିସ୍ ପ୍ରଥମକରି ମାଞ୍ଚେଷ୍ଟର ମଞ୍ଚରେ ପ୍ରଦର୍ଶିତ ହେଲା ।
୧୮୯୩- ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମସଂସଦରେ ଐତିହାସିକ ଭାଷଣ ଦେଲେ ।
୧୮୯୩- ନ୍ୟୁଜିଲାଣ୍ଡ୍‌ରେ ନିର୍ବାଚନ ଆକ୍ଟ ଅନ୍ତର୍ଗତ ସମସ୍ତ ମହିଳାଙ୍କୁ ମତଦାନ ଅଧିକାର ପ୍ରଦାନ କରାଗଲା ।
୧୯୫୨- ହଲିଉଡ୍ ଷ୍ଟାର୍ ଚାର୍ଲି ଚାପ୍‌ଲିନ୍‌ଙ୍କ ଆମେରିକା ଫେରସ୍ତ ଉପରେ ପ୍ରତିବନ୍ଧକ ଲାଗୁ ।
୧୯୬୫- ଆମେରିକା ସ୍ପେସ୍ ଏଜେନ୍ସି ନାସା ଜରିଆରେ ମହାକାଶ ଯାଇଥିବା ଭାରତୀୟ ମୂଳ ସୁନୀତା ୱିଲିୟମ୍ସଙ୍କ ଜନ୍ମ ।
୨୦୧୪- ଆପଲ୍ ଆଇଫୋନ୍ ୬ର ବିକ୍ରି ଶୁଭାରମ୍ଭ ।



**ମେଷ:** କର୍ମକ୍ଷେତ୍ରେ ଶୁଭଫଳ, ମାନସିକ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ଅଶାନ୍ତି, କୌଣସି ଖବରକୁ ନେଇ ଚିନ୍ତିତ, ବନ୍ଧୁବିବାଦ, ଶରୀର ସୁସ୍ଥ, ଅଯଥା ଖର୍ଚ୍ଚ ବୃଦ୍ଧି, ଶତ୍ରୁ ସମସ୍ୟା । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗେରୁଆ, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଶରୀର ଅସୁସ୍ଥ, କର୍ମକ୍ଷେତ୍ରେ ବିବାଦ, ବ୍ୟବସାୟିକ କଷ୍ଟ, ହେବା କାର୍ଯ୍ୟକୁ ନେଇ ଚିନ୍ତା, ପାରିବାରିକ ସୁଖ, ବନ୍ଧୁଲାଭ, ସମ୍ପତ୍ତିବିବାଦ, ଦୂରଯାତ୍ରାରେ କଷ୍ଟ, ଲୋକସମ୍ପର୍କରେ ବାଧା, ଶତ୍ରୁସମସ୍ୟା । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**ମିଥୁନ:** ଅଭିଳାଷ ପୂର୍ଣ୍ଣ, କର୍ମକ୍ଷେତ୍ରେ ପୂର୍ଣ୍ଣ ସାହାଯ୍ୟ, ବିବାଦ ସମାଧାନ, ଅନୁଷ୍ଠାନରୁ ଲାଭ, ସୁସମ୍ପର୍କ, ଅର୍ଥଲାଭ, ଭୁଲ୍ ନିଷ୍ପତ୍ତିଯୋଗୁ ମାନସିକ ଅବସାଦ, ଅର୍ଥଲାଭ, ଭ୍ରମଣରେ ଖୁସି, ଖୁସିଖବର । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା - ପ୍ରଭୁ ଗଣେଶ ।

**କର୍କଟ:** ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, କର୍ମକ୍ଷେତ୍ରେ ସଫଳତା, ବିଦ୍ୟାରେ ସଫଳତା, ଅର୍ଥଲାଭ, କିଛି ସମସ୍ୟାର ସମାଧାନ, ନୂତନ କାର୍ଯ୍ୟ ଆରମ୍ଭ, ହଠାତ୍ ଦୂରଯାତ୍ରା, ସମ୍ମାନ ମିଳିବ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ସିଲଭର, ସଂଖ୍ୟା-୮, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ମାନସିକ ଶାନ୍ତି, ହଠାତ୍ ଧନଲାଭ, ବନ୍ଧୁସମସ୍ୟା, ପାରିବାରିକ ଖୁସି, ଅନୁଷ୍ଠାନରୁ ଖୁସି, ପୁରାତନ ବିବାଦ ସମାଧାନ, ଶତ୍ରୁକଷ୍ଟ, ବୟୋଜ୍ୟେଷ୍ଠଙ୍କ ଶରୀର ଅସୁସ୍ଥ, ଶୁଭଖବର, ସମ୍ପତ୍ତି ସମସ୍ୟା ସମାଧାନ, ଉତ୍ସବକୁ ନେଇ ଖୁସି । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।।

**କନ୍ୟା:** ଅଯଥା ଖର୍ଚ୍ଚ, କିଛି କ୍ଷେତ୍ରେ ବିବାଦ, ବନ୍ଧୁସାହାଯ୍ୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ କର୍ମଆରମ୍ଭ, ଯାତ୍ରା ସଫଳ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ପାରିବାରିକ ଖୁସି, ଦାମ୍ପତ୍ୟ କଳହ, ସନ୍ତାନ ଲାଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ ।

**ତୁଳା:** ଶୁଭଖବର,ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଧନ ଲାଭ, ବିବାଦ ସମାଧାନ, ଦୂରଯାତ୍ରା, ବନ୍ଧୁଲାଭ, ନୂତନ ନିଯୁକ୍ତି, ଅର୍ଥଲାଭ, ପୈତୃକ ସମ୍ପତ୍ତିରେ ଖୁସି, ମାନସିକ ପୂର୍ଣ୍ଣ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳ, ସଂଖ୍ୟା-୯, ଆରାଧନା-ମା' ଭଗବତୀ ।

**ବିଛା:** ଆକସ୍ମିକ ଧନଲାଭ, କର୍ମକ୍ଷେତ୍ରେ ସଫଳତା, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ଦେବଦର୍ଶନ, ଲୋକସମ୍ପର୍କରେ ଉନ୍ନତି, ପାରିବାରିକ ଖୁସି, କିଛି ଦ୍ରବ୍ୟ କ୍ରୟ କରିବେ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ମାନସମ୍ମାନ ପ୍ରାପ୍ତି, ପାରିବାରିକ ଖୁସି, ଦୂରଯାତ୍ରା, ଶୁଭଖବର, ଦେବକାର୍ଯ୍ୟରେ ସମୟ ଅତିବାହିତ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଦର୍ଶନ, ନୂତନ ନିଯୁକ୍ତି, କର୍ମକ୍ଷେତ୍ରେ ଶାନ୍ତି, ସନ୍ତାନଲାଭ, ଦାମ୍ପତ୍ୟଖୁସି । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ମାନସିକ ଅବସାଦ, କର୍ମକ୍ଷେତ୍ରେ ସ୍ୱଳ୍ପ ଲାଭ, ବନ୍ଧୁସାହାଯ୍ୟ, ଦୂରଯାତ୍ରା, ହେବା କାର୍ଯ୍ୟ ବିଳମ୍ବ, ପୁରାତନ କାର୍ଯ୍ୟରୁ ଲାଭ, ଶରୀର ସୁସ୍ଥ, ଅତିଥି ସତ୍କାର, ଲୋକସମ୍ପରେ ସୁଧାର । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୮, ଆରାଧନା- ମା' ଦୁର୍ଗା ।

**କୁମ୍ଭ:** ଶତ୍ରୁରେ ବିଜୟ, ଅର୍ଥଲାଭ, ମାନସିକ ଶାନ୍ତି, ଦେବକାର୍ଯ୍ୟରେ ଆଗ୍ରହ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ବନ୍ଧୁଲାଭ,ସମ୍ପତ୍ତିଲାଭ, ବିବାଦ ସମାଧାନ, ଶରୀର ସୁସ୍ଥ, ଦାମ୍ପତ୍ୟଖୁସି, । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ ।

**ମୀନ:** ବନ୍ଧୁସାହାଯ୍ୟ, ଶୁଭ ଆଲୋଚନା, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, କିଛି କାର୍ଯ୍ୟରେ ବିଳମ୍ବ, ପରିବାରରେ ଶାନ୍ତି, ସନ୍ତାନଲାଭ, ଗଠନମୂଳକ କାର୍ଯ୍ୟରେ ସଫଳତା । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' କମଳା ।

ଭାଦ୍ରବ ଶୁକ୍ଳ ପକ୍ଷ ଅଷ୍ଟମୀ
୧୯.୯.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଦାଦାବଟି ଆଦାୟ ଅଭିଯୋଗରେ ପୁଲିସ ଚଢ଼ାଉ, ୨ ଗିରଫ

ପୁରୀ, (ସବ୍ୟୁ): ପୁରୀ ତାଳବଣିଆ ଥାନା ଅଞ୍ଚଳରେ ଛୁରି ଦେଖାଇ ପର୍ଯ୍ୟଟକଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରିବା ଅଭିଯୋଗରେ ପୁଲିସ ଦୁଇ ଜଣ



ଯୁବକଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ବିଶାଳ ନାୟକ (୨୭) ଓ ରତିରଞ୍ଜନ ପ୍ରଧାନ (୨୩)। ତାଳବଣିଆ ଥାନା ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟାରେ ପୁଲିସ ଆଖଣ୍ଡଳମଣି ମନ୍ଦିର ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଦୁଇ ଜଣ ଅସାମାଜିକ ବ୍ୟକ୍ତି ଛୁରି ଦେଖାଇ ପର୍ଯ୍ୟଟକଙ୍କଠାରୁ ଦାଦା ବଟି ଆଦାୟ କରୁଥିବା ସୂଚନା ପାଇଥିଲା। ଉକ୍ତ ତଥ୍ୟ ତାଳବଣିଆ ଥାନାର ଏସ୍‌ଆଇ ଜି. ଘଡ଼େଇ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। ପୁଲିସର ଦାବି ଅନୁଯାୟୀ, ସେଠାରେ ଜଣେ ୟାମାହା ମୋଟରସାଇକେଲରେ ବସିଥିବାବେଳେ ଅନ୍ୟଜଣ ହାତରେ ଛୁରି ଧରି ରାସ୍ତାରେ ଠିଆ ହୋଇଥିଲେ। ସେମାନେ ପର୍ଯ୍ୟଟକଙ୍କୁ ଧମକ ଦେଉଥିବା ଓ ରାସ୍ତା ଅବରୋଧ କରୁଥିବା ପୁଲିସ ଉଲ୍ଲେଖ କରିଛି। ପୁଲିସ ଟିମ୍‌କୁ ମଧ୍ୟ ଛୁରି ଦେଖାଇ ଧମକ ଦେବା ଅଭିଯୋଗ ରହିଛି। ପରେ ପୁଲିସ ଦୁଇଜଣଙ୍କୁ କାବୁ କରି ସେମାନଙ୍କ ପରିଚୟ ଜାଣିଥିଲା। ତାଳବଣିଆ ଥାନା କେସ୍ ନମ୍ବର ୨୭୦/୨୦୨୬ରେ ବିଏନ୍‌ଏସ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବା ପ୍ରେସ୍ ନୋଟ୍‌ରେ ଦର୍ଶାଯାଇଛି। ତଦନ୍ତ ବେଳେ ପ୍ରାଥମିକ ପ୍ରମାଣ ମିଳିଥିବା ଦର୍ଶାଇ ପୁଲିସ ଉଭୟଙ୍କୁ ୧୮ ସେପ୍ଟେମ୍ବର ଭୋର ୪ ଟାରେ ଗିରଫ କରିଛି। ପୁଲିସ ସେମାନଙ୍କଠାରୁ ଗୋଟିଏ ୟାମାହା ମୋଟରସାଇକେଲ, ୨୫୦ ଟଙ୍କା ନଗଦ ଏବଂ ଦୁଇଟି ଛୁରି ଜବତ କରିଥିବା ଜଣାପଡ଼ିଛି। ତାଳବଣିଆ ଥାନା ଆଇଆଇସି ଇନ୍ସପେକ୍ଟର ଏ. ମିଶ୍ରଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ଚାଲିଛି।

## ୨୦ ଘଣ୍ଟା ପରେ ସ୍ୱାଭାବିକ ହେଲା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି

ଭୁବନେଶ୍ୱର, (ସବ୍ୟୁ) : ୨୦ଘଣ୍ଟା ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରହିଥିଲା । ମନ୍ଦିର ପ୍ରଶାସନ ବୁଝାସୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହେଲା ବୋଲି ବ୍ରାହ୍ମଣ ନିଯୋଗ ସଭାପତି ଗଣମାଧ୍ୟମକୁ କହିଛନ୍ତି । ଗୁରୁବାର ପଞ୍ଚବକ୍ତ୍ରଙ୍କ ନୀତିକାନ୍ତିକୁ ନେଇ ବ୍ରାହ୍ମଣ ନିଯୋଗ- ପୂଜାପଣ୍ଡା ନିଯୋଗ ମଧ୍ୟରେ ବିବାଦ ହୋଇଥିଲା । ବିବାଦ ଏଭଳି ହେଲା ଯେ, ତାହା ସମାଧାନ ହୋଇପାରିଲା ନାହିଁ । ଯାହା ଫଳରେ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ୨୦ଘଣ୍ଟା ବନ୍ଦ ରହିଲା । ମନ୍ଦିର ପ୍ରଶାସନ ଦୁଇ ନିଯୋଗର କର୍ମକର୍ତ୍ତାଙ୍କୁ ବୁଝାସୁଝା କରିବା ପରେ ଶୁକ୍ରବାର ଅପରାହ୍ଣରେ ନୀତିକାନ୍ତି ସ୍ୱାଭାବିକ ହୋଇଛି । ଦୀର୍ଘ ସମୟ ନୀତିକାନ୍ତି ବନ୍ଦ ରହିବା ଫଳରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା । ସେବାୟତଙ୍କ ମଧ୍ୟରେ ବିବାଦକୁ ନେଇ ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ବହୁ ସମୟରେ ବନ୍ଦ ରହୁଛି । ଯାହା ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରିକି ଶ୍ରଦ୍ଧାଳୁ ଠାକୁରଙ୍କ ପାଖେ ଆଣିଥିବା ଭୋଗ କରିନପାରି ଥୋଇଦେଇ ଚାଲିଯାଉଛନ୍ତି । ଏହାଦ୍ୱାରା ବାହାର ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ମନ୍ଦିର ପ୍ରଶାସନ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ମନ୍ଦିର ପ୍ରଶାସନ ଦୁଇ ନିଯୋଗର ସଭାପତି ଓ କର୍ମକର୍ତ୍ତାଙ୍କ ସହ ଦୀର୍ଘ ସମୟ ବୈଠକରେ ବସି ସମସ୍ୟାର ବ୍ୟାପକ ଆଲୋଚନା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା ।

### ସୁବୁଦ୍ଧିପୁରରେ ଏକାମ୍ର ରେସିଡେନ୍ସି ଫ୍ଲାଟ ଆବଣ୍ଟନ ପାଇଁ

# ବିଡିଏର ଅନଲାଇନ୍ ଆବେଦନ ଆରମ୍ଭ, ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସୁବୁଦ୍ଧିପୁରସ୍ଥିତ 'ଏକାମ୍ର ରେସିଡେନ୍ସି' ଆବାସିକ ପ୍ରକଳ୍ପ ଅଧୀନରେ ଆପାର୍ଟମେଣ୍ଟ ଆବଣ୍ଟନ ପାଇଁ ଆଗ୍ରହୀ କ୍ରେତାମାନଙ୍କ ନିମନ୍ତେ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି। ଏହି ଆବେଦନ ପ୍ରକ୍ରିୟା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ସମ୍ଭାବ୍ୟ ଘର କ୍ରେତାମାନଙ୍କୁ ଆବଣ୍ଟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବ। ପ୍ରାୟ ୭.୩୪ ଏକର ଜମି ଉପରେ ନିର୍ମିତ 'ଏକାମ୍ର ରେସିଡେନ୍ସି'କୁ ଏକ ଆଧୁନିକ ଆବାସିକ ପ୍ରକଳ୍ପ ଭାବରେ ଯୋଜନା କରାଯାଇଛି। ଏଥିରେ ୨ବିଏଚକେ ତଥା ୨ବିଏଚକେ ସହିତ ଷ୍ଟଡି ରୁମ୍ ଥିବା ଆପାର୍ଟମେଣ୍ଟର ବ୍ୟବସ୍ଥା ରହିଛି। ବାସିନ୍ଦାମାନଙ୍କ ପାଇଁ ଏକ ଆରାମଦାୟକ ଓ ସୁବିଧାଜନକ ଜୀବନଯାପନର ପରିବେଶ ଯୋଗାଇବା ଲକ୍ଷ୍ୟରେ ଏହି ପ୍ରକଳ୍ପରେ ବିଭିନ୍ନ ଅତ୍ୟାବଶ୍ୟକ ସୁବିଧା ଓ ସେବାର ବ୍ୟବସ୍ଥା କରାଯାଇଛି।

ଏହି ଆବାସିକ ପ୍ରକଳ୍ପରେ ପାର୍କିଂ, ଏକ କମ୍ୟୁନିଟି ସେଣ୍ଟର, ଜିମ୍ନାସିୟମ, ଛାତ ଉପରେ ସୁଇମିଂ ପୁଲ, ସୁରକ୍ଷା ବ୍ୟବସ୍ଥା, ଲିଫ୍ଟ, ପାୱାର ବ୍ୟାକଅପ୍ ଏବଂ ସୁବ୍ୟବସ୍ଥିତ ସାଧାରଣ ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ ସହର ରାସ୍ତା ଏବଂ ପରିବହନ ନୋଡଗୁଡ଼ିକ ସହିତ ସଂଯୁକ୍ତ। ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ସୁବିଧା ଏବଂ ଅନ୍ୟାନ୍ୟ ପ୍ରମୁଖ ଗନ୍ତବ୍ୟସ୍ଥଳ ମଧ୍ୟ ଆବାସିକ ବିକାଶସ୍ଥଳରୁ ପହଞ୍ଚିପାରିବ। ବର୍ତ୍ତମାନର ଯୋଜନା ଅଧୀନରେ, ବିଡିଏ ଦୁଇଟି ବ୍ଲକ୍‌ରେ ୪୯୬ଟି ଆପାର୍ଟମେଣ୍ଟ ଆବଣ୍ଟନ ପାଇଁ ଆବେଦନ ଆହ୍ୱାନ କରିଛି। ଏଥିରେ ୨୮୮ଟି '୨ବିଏଚକେ + ଷ୍ଟଡି' ଆପାର୍ଟମେଣ୍ଟ ଓ ୨୦୮ଟି '୨ବିଏଚକେ' ଆପାର୍ଟମେଣ୍ଟ ଅନ୍ତର୍ଭୁକ୍ତ। ଯୋଗ୍ୟ ଆବେଦନକାରୀଙ୍କ ପାଇଁ ଏକ ସୁବ୍ୟବସ୍ଥିତ ଆବଣ୍ଟନ ପ୍ରକ୍ରିୟା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ଆପାର୍ଟମେଣ୍ଟଗୁଡ଼ିକ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯିବ।

"ବିଡିଏ 'ଏକାମ୍ର ରେସିଡେନ୍ସି' ପ୍ରକଳ୍ପ ଅଧୀନରେ ୪୯୬ଟି ଆପାର୍ଟମେଣ୍ଟ ଆବଣ୍ଟନ ପାଇଁ ଆବେଦନ ଆହ୍ୱାନ କରିଛି। ଏହି ଆପାର୍ଟମେଣ୍ଟଗୁଡ଼ିକ ଲଟେରୀ ପ୍ରକ୍ରିୟା ମାଧ୍ୟମରେ ଆବଣ୍ଟନ କରାଯିବ ଏବଂ ଆଗ୍ରହୀ ଆବେଦନକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନଲାଇନ୍‌ରେ ନିଜର ଆବେଦନ ଦାଖଲ କରିପାରିବେ," ବୋଲି ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଛନ୍ତି। ଆବେଦନକାରୀମାନଙ୍କୁ ଏକ 'ୟୁନିକ୍ ଆକାଉଣ୍ଟ ନମ୍ବର' (ୟୁଏଏନ) ପ୍ରସ୍ତୁତ କରିବାକୁ ପଡ଼ିବ। ବିଡିଏର ସମ୍ପତ୍ତି ଆବଣ୍ଟନ ବ୍ୟବସ୍ଥା ମାଧ୍ୟମରେ କାରବାର କରିବା ପାଇଁ ଏହି ୟୁଏଏନ ବାଧ୍ୟତାମୂଳକ ଅଟେ। ୟୁଏଏନ ପାଇଁ ପଞ୍ଜୀକରଣ କରିବା ସମୟରେ ଆବେଦନକାରୀମାନଙ୍କୁ ନିଜର ଜନ୍ମ ତାରିଖ ଏବଂ ଠିକଣାର ବୈଧ ପ୍ରମାଣପତ୍ର ଦାଖଲ କରିବାକୁ ହେବ।

ଏହି ଅନ୍‌ଲାଇନ୍ ବ୍ୟବସ୍ଥା ଆବେଦନକାରୀମାନଙ୍କୁ ଆବଣ୍ଟନ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟ—ଯଥା ଆବେଦନ ଦାଖଲ, ଯାଞ୍ଚ, ଲଟେରୀ, ଅସ୍ଥାୟୀ ଆବଣ୍ଟନ ଏବଂ ଅନ୍‌ଲାଇନ୍ ଦେୟ ପ୍ରଦାନ—ଆଦି ସୁବିଧା ପାଇବାରେ ସହାୟକ ହେବ। ଆବେଦନ ସହିତ ୧୦,୦୦୦ ଟଙ୍କାର ଆବେଦନ ଶୁଳ୍କ ପ୍ରଦାନ କରିବାକୁ ପଡ଼ିବ। ଏହା ବ୍ୟତୀତ, ପ୍ରଯୁଜ୍ୟ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଆବେଦନକାରୀଙ୍କୁ ଆବେଦନ ସହିତ ସୁରକ୍ଷା ରାଶି (ଇଏମଡି) ଭାବରେ ୨ ଲକ୍ଷ ଟଙ୍କା ଜମା କରିବାକୁ ହେବ।

### ଓରାଙ୍ଗଉଟାନ ଉଦ୍ଧାର ମାମଲା

# ତଦନ୍ତ କରିବେ ଏସ୍‌ଟିଏଫ୍ ଡିଏସ୍‌ପି

ଭୁବନେଶ୍ୱର, (ସବ୍ୟୁ) : ଓରାଙ୍ଗଉଟାନ ଉଦ୍ଧାରକୁ ନେଇ ଅଜଣା ବ୍ୟକ୍ତିଙ୍କ ନାଁରେ ଏସ୍‌ଟିଏଫ୍‌ରେ ମାମଲା ରୁଜୁ କରାଯିବା ସହ ଜଣେ ଡିଏସ୍‌ପିଙ୍କୁ ତଦନ୍ତଭାର ଦିଆଯାଇଛି । ଓରାଙ୍ଗଉଟାନ ଉଦ୍ଧାର ହେବାର ୧୦ଦିନ ବିତିଯାଇଥିଲେ ମଧ୍ୟ ଏସ୍‌ଟିଏଫ୍ ଟିମ୍ ସିସିଟିଭି ଫୁଟେଜ ଧରି ବୁଲୁଛି । ଏହା ମଧ୍ୟରେ ଦୀଘାର ହୋଟେଲ ବ୍ୟବସାୟୀ ବାପ-ପୁଅଙ୍କୁ ଚିହ୍ନଟ କରାଯାଇଥିବା ବେଳେ ତାଙ୍କ ପତ୍ତା ମିଳୁନାହିଁ । ତାଙ୍କ ପରିବାରର ଦୁଇଜଣଙ୍କୁ ଏସ୍‌ଟିଏଫ୍ ଟିମ୍ ପଚରାଉଚରା କରିଥିଲେ ମଧ୍ୟ ଓରାଙ୍ଗଉଟାନ ଶାବକ ସମ୍ପର୍କରେ କୌଣସି ତଥ୍ୟ ସଂଗ୍ରହ ହୋଇପାରିନାହିଁ । ଓରାଙ୍ଗଉଟାନ ଶାବକଙ୍କୁ କିଏ କେଉଁବାଟ ଦେଇ ବାଲେଶ୍ୱର ପର୍ଯ୍ୟନ୍ତ ଆଣିଲା ଓ କେଉଁଠାକୁ ଚାଲାଣ ହୋଇଥାନ୍ତା ତାହା ଜଣାପଡିନାହିଁ । ବାଂଲାଦେଶ ବାଟେ ପଶ୍ଚିମବଙ୍ଗ ଦେଇ ଜଳପଥରେ ଓରାଙ୍ଗଉଟାନ ଶାବକଙ୍କୁ ଅଣାଯାଇଥିବା ସନ୍ଦେହ କରାଯାଉଛି । କାରଣ ଜଳପଥରେ ଅପରାଧୀମାନେ ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ବ୍ରାଉନସୁଗର, ବନ୍ଧୁକ ପ୍ରଭୃତି ସହଜରେ ଚାଲାଣ କରନ୍ତି । ଆନ୍ତର୍ଜାତୀୟ ତସ୍କର ସେହି ଜଳପଥ ଦେଇ ଓରାଙ୍ଗଉଟାନଙ୍କୁ ଆଣିଥାଇ ପାରନ୍ତି ବୋଲି ସନ୍ଦେହ ହେଉଥିଲେ ମଧ୍ୟ ତଦନ୍ତକାରୀ ଏସ୍‌ଟିଏଫ୍ ସଠିକ୍ ସ୍ଥାନରେ ପହଞ୍ଚି ପାରିନାହିଁ । ୧୦ଦିନ ପରେ ତଦନ୍ତ ସେପରି ଆଗକୁ ନବଢିବାରୁ ଜଣେ ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ବିଭାଗୀୟ ମନ୍ତ୍ରୀଙ୍କ କହିବା କଥା ମାସକ ମଧ୍ୟରେ ଓରାଙ୍ଗଉଟାନ ଚାଲାଣ ପର୍ଦ୍ଦାଫାସ ହୋଇଯିବ ।

# ବେଳାଭୂମି ସଫେଇ ଅଭିଯାନ

ପୁରୀ, (ସବ୍ୟୁ) : ସମୁଦ୍ର ଏକ ପବିତ୍ର ସ୍ଥଳ।ସମୁଦ୍ର,ସମୁଦ୍ର କୂଳ ସେହିପରି ସୌନ୍ଦର୍ଯ୍ୟ ଓ ଆକର୍ଷଣ ର କେନ୍ଦ୍ର ହୋଇଥାଏ।ହଜାର ହଜାର ପର୍ଯ୍ୟଟକ ସେଥିପାଇଁ ଦୈନିକ ସମୁଦ୍ର କୂଳରେ ପହଞ୍ଚିଥାନ୍ତି। ସମୁଦ୍ର ଙ୍କୁ ମଧ୍ୟ ମହାପ୍ରଭୁ ଙ୍କ ଶଶୁରଙ୍କ ଘର ବୋଲି କୁହାଯାଏ।ଏହି ପବିତ୍ରତା ପାଇଁ ସମୁଦ୍ର ଆଳତୀ ମଧ୍ୟ ଅନୁଷ୍ଠିତ ହୋଇଥାଏ।ତେଣୁ ଏହାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ। ଶୁକ୍ରବାର ସକାଳେ ପୁରୀ ଷ୍ଟର୍ଲିଂ ନିକଟ ସମୁଦ୍ର କୂଳରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା।ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ଅଭିଯାନର ଅଂଶବିଶେଷ ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ,ଛାତ୍ରଛାତ୍ରୀ ଓ ତାଜ ହୋଟେଲ ର କର୍ମଚାରୀ ମାନେ ଯୋଗ ଦେଇଥିଲେ। ଷ୍ଟର୍ଲିଂ ଛକ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ଏହି ସ୍ୱଚ୍ଛତା ଅନୁଷ୍ଠିତ ହୋଇଥିଲା।

### ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ୍

# ସହିଦ ନଗର ଥାନାରେ ଏତଲା

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସହିଦନଗର ଥାନାରେ ପରୀକ୍ଷା ନିୟନ୍ତ୍ରକ ଏତଲା କରିଛନ୍ତି । ପୋଲିସ ଏତଲା ଗ୍ରହଣ କରିବା ସହ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପରୀକ୍ଷା ନିୟନ୍ତ୍ରକଙ୍କ କହିବା କଥା ପ୍ରଶ୍ନପତ୍ର କିପରି କାହା ମାଧ୍ୟମରେ ଲିକ୍ ହେଲା ତାହା ଜାଣିବା ପାଇଁ ପୋଲିସରେ ଏତଲା କରାଯାଇଛି । ସହିଦନଗର ଥାନାରେ ଏତଲା ହେବା ପରେ ଯଦି ପୋଲିସ ଠିକ୍ ସ୍ଥାନରେ ନପହଞ୍ଚିପାରେ ଆବଶ୍ୟକ ହେଲେ ସାଇବର ଥାନାରେ ଏତଲା କରାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ।

ବିଭିନ୍ନ ଚାକିରି ପ୍ରତିଯୋଗିତା ପ୍ରଶ୍ନପତ୍ର ଲିକ୍ ହେବାକୁ ନେଇ ରାଜ୍ୟରୁ ହୋହାଲ୍ଲା ଥମିନଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ହେଉଛି । ପ୍ରଶ୍ନପତ୍ର ପ୍ରସ୍ତୁତ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ପାଇଁ ତାହା ଲିକ୍ ହୋଇଥିବା କୁହାଯାଉଛି । ହେଲେ କର୍ତ୍ତୃପକ୍ଷଙ୍କ କହିବା କଥା କିପରି କେଉଁଠୁ ଲିକ୍ ହେଲା ତାହା ଜାଣିବା ପାଇଁ ପୋଲିସରେ ଏତଲା କରାଯାଇଛି ।

# ପିଆଇବି ଓ ସିବିସି ଭୁବନେଶ୍ୱର ପକ୍ଷରୁ ରାଜଭାଷା ହିନ୍ଦୀ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଭାଷା ଯୋଗାଯୋଗ ଓ ଭାବ ବିନିମୟର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଭାରତର ସମୃଦ୍ଧ ଭାଷା ବିବିଧତା ମଧ୍ୟରେ ହିନ୍ଦୀର ଭୂମିକା ଏବଂ ସରକାରୀ କାର୍ଯ୍ୟରେ ଏହାର ବ୍ୟବହାରକୁ ଗୁରୁତ୍ୱ ଦେଇ ହିନ୍ଦୀ ଦିବସ ଓ ହିନ୍ଦୀ ପକ୍ଷ ପାଳନର ଅଂଶ ଭାବେ ଶୁକ୍ରବାର ପ୍ରେସ୍ ଇନଫର୍ମେସନ ବ୍ୟୁରୋ (ପିଆଇବି) ଓ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେସନ (ସିବିସି), ଭୁବନେଶ୍ୱର ପକ୍ଷରୁ ଏକ ରାଜଭାଷା ହିନ୍ଦୀ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାରେ ହିନ୍ଦୀର ପ୍ରଚାର, ଦୈନନ୍ଦିନ ସରକାରୀ କାର୍ଯ୍ୟରେ ଏହାର ବ୍ୟବହାର ଏବଂ ରାଜଭାଷା କାର୍ଯ୍ୟାନ୍ୱୟନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା।



ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ, ହିନ୍ଦୀର ପ୍ରଚାର କେବଳ ହିନ୍ଦୀ ଦିବସ କିମ୍ବା ହିନ୍ଦୀ ପକ୍ଷ ପର୍ଯ୍ୟନ୍ତ ସୀମିତ ନରହି ଧୀରେ ଧୀରେ ଦୈନନ୍ଦିନ ସରକାରୀ କାର୍ଯ୍ୟର ସ୍ୱାଭାବିକ ଅଂଶ ହେବା ଆବଶ୍ୟକ। ଫାଇଲ୍ ନୋଟିଂ, ପତ୍ର ଲେଖନ, ଚିଠିପତ୍ର, ଦୈନନ୍ଦିନ ଯୋଗାଯୋଗ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ବଢ଼ାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଭୁବନେଶ୍ୱରସ୍ଥିତ ନାବମ୍ର ପୂର୍ବତନ ନିର୍ଦ୍ଦେଶକ ଡ. ଦୀପକ ସାମନ୍ତରାୟ ଭାଷାକୁ ଭାବ ପ୍ରକାଶ ଓ ଭାବ ବିନିମୟର ମାଧ୍ୟମ ଭାବେ ଗୁରୁତ୍ୱ ଦେଇଥିଲେ। ଭାରତର ଭାଷାଗତ ବିବିଧତା ମଧ୍ୟରେ ହିନ୍ଦୀ ବିଭିନ୍ନ ଭାଷାଭାଷୀ ଲୋକଙ୍କୁ ଯୋଡ଼ିବାରେ ସଂଯୋଗ ଭାଷା ଭାବେ କାର୍ଯ୍ୟ କରୁଥିବା ସେ କହିଥିଲେ। ଯୁବପିଢ଼ି ହିନ୍ଦୀରେ ସହଜରେ ଯୋଗାଯୋଗ କରୁଥିବା ଉଲ୍ଲେଖ କରି ସେ ଦୈନନ୍ଦିନ ଜୀବନ ଓ ସରକାରୀ କାର୍ଯ୍ୟରେ ହିନ୍ଦୀର ନିୟମିତ ବ୍ୟବହାର ପାଇଁ ଉତ୍ସାହିତ କରିଥିଲେ।

ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆରଆଇଇ)ର ପିଜିଟି ପଙ୍କଜ କୁମାର ମିଶ୍ର ସରକାରୀ କାର୍ଯ୍ୟରେ ହିନ୍ଦୀର ଗୁରୁତ୍ୱ ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ରାଜଭାଷା ବ୍ୟବସ୍ଥା ଅନୁଯାୟୀ ଦ୍ୱିଭାଷୀ ଦଲିଲ ପ୍ରସ୍ତୁତି, ହିନ୍ଦୀରେ ମିଳିଥିବା ପତ୍ରର ହିନ୍ଦୀରେ ଉତ୍ତର, ଫାଇଲ୍, ରେଜିଷ୍ଟର ଓ ଅନ୍ୟାନ୍ୟ ସରକାରୀ ସାମଗ୍ରୀରେ ହିନ୍ଦୀ ବ୍ୟବହାରର ଆବଶ୍ୟକତା ସେ ଉଲ୍ଲେଖ କରିଥିଲେ। ଓଡ଼ିଶାରେ ତ୍ରିଭାଷୀ ନାମଫଳକ, ବ୍ୟାନର ଓ ନୋଟିସ୍ ବ୍ୟବହାର ସହ ଉପଯୁକ୍ତ ପାରିଭାଷିକ ଶବ୍ଦ ପାଇଁ 'ପ୍ରଶାସନିକ ହିନ୍ଦୀ' ଭଳି ପ୍ରାମାଣିକ ସ୍ରୋତ ବ୍ୟବହାର ପାଇଁ ସେ ପରାମର୍ଶ ଦେଇଥିଲେ।

କର୍ମଶାଳା ଆରମ୍ଭରେ ସିବିସିର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିଆଇବିର ସହକାରୀ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଅଂଶଗ୍ରହଣକାରୀମାନେ ହିନ୍ଦୀର ବ୍ୟବହାରିକ ପ୍ରୟୋଗ ଏବଂ ସରକାରୀ ଯୋଗାଯୋଗକୁ ଅଧିକ ସହଜ ଓ ପ୍ରଭାବଶାଳୀ କରିବାର ଉପାୟ ଉପରେ ଆଲୋଚନା ଓ ଉପସ୍ଥାପନାରେ ଭାଗ ନେଇଥିଲେ।

75 Azadi Ka Amrit Mahotsav
G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**

DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA

**Ref. No.: AD6B10/08/2026** **Dated: 15th September, 2026**

**RECRUITMENT NOTICE**

Applications are invited from the eligible candidates for the following posts:


| Sl. No. | Name of the Post | Pay Matrix Level | Category | No. of post |
|---|---|---|---|---|
| 1 | Lecturer (Prosthetics & Orthotics) | Level- 10 (Group - A) | EWS | 01 |
| 2 | Clinical Psychologist-cum- Junior Lecturer | Level- 07 (Group - B) | UR | 01 |
| 3 | Demonstrator in Physiotherapy | Level- 06 (Group - B) | UR | 01 |
| 4 | Cashier | Level- 06 (Group - B) | UR | 01 |

The aspiring applicants fulfilling the eligibility criteria in all respect can submit their application through on-line mode. The online registration of application will be made available on SVNIRTAR, Cuttack official Website i.e. **https://svnirtar.nic.in** or can directly visit the website i.e. **https://recruitment.svnirtar.in**. The link of submission of online application in respect of above said posts along with other relevant information will be activated on **25th September, 2026 after 5:00 PM.** For all other details, terms and conditions, please visit to website **https://svnirtar.nic.in.**

**Sd/- Director**

## ବ୍ୟବସାୟୀ ଗିରଫ, ୪୦ଗ୍ରାମ୍ ହେରୋଇନ ଜବତ

ଭୁବନେଶ୍ୱର, (ସବ୍ୟୁ) : ଜଣେ ବ୍ୟବସାୟୀକୁ ଭୁବନେଶ୍ୱର ଅବକାରୀ ଟିମ୍ ଗିରଫ କରିବା ସହ ତା'ନିକଟରୁ ୪୦ଗ୍ରାମ୍ ହେରୋଇନ ଜବତ କରିଛି । ଶୁକ୍ରବାର ତାକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ବ୍ୟବସାୟୀ ଶ୍ରୀକାନ୍ତ ନାୟକକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦୀପଡିଆ ଗଣେଶ ମଣ୍ଡପ ଛକରେ ସେ ହେରୋଇନ ବିକ୍ରି କରୁଥିବା ଖବର ପାଇ ଅବକାରୀ ଟିମ୍ ଚଢାଉ କରିଥିଲା । ବାଇକ୍ ସହ ତାକୁ ଅବକାରୀ ଟିମ୍ କାବୁ କରିବା ପରେ ଯାଞ୍ଚ କରିବା ବେଳେ ତା'ପକେଟରୁ ୪୦ଗ୍ରାମ୍ ଓଜନର ହେରୋଇନ ମିଳିଥିଲା । ଅବକାରୀ ଟିମ୍ ଶ୍ରୀକାନ୍ତକୁ ଅବକାରୀ ଥାନାକୁ ନେଇ ପଚରାଉଚରା କରି ବୟାନ ରେକର୍ଡ କରିବା ପରେ ତାକୁ କୋର୍ଟଚାଲାଣ କରାଯାଇଥିଲା ।



### ୮ ଜଣ ବିଜେଡ଼ି ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲା

## ବାଚସ୍ପତିଙ୍କୁ ହାଇକୋର୍ଟ ମାଗିଲେ ଜବାବ୍

କଟକ,(ସବ୍ୟୁ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିବା ୮ ଜଣ ବିଜେଡ଼ି ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାରେ ହାଇକୋର୍ଟ ଆଜି ଶୁଣାଣି କରିଛନ୍ତି । ଏହି ବିଧାୟକ ମାନଙ୍କ ସଭ୍ୟ ପଦ କାହିଁକି ରଦ୍ଦ ନହେବ ତାହା ଉପରେ ହାଇକୋର୍ଟ ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ଠାରୁ ଜବାବ ତଲବ କରିଛନ୍ତି । ବିଜେଡ଼ି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲୀକଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ୨୯ କୁ ଧାର୍ଯ୍ୟ ହୋଇଛି । ଗତ ମାର୍ଚ୍ଚରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ଦଳୀୟ ହୁଇପ୍ କୁ ଅମାନ୍ୟ କରି ବିଜେଡ଼ିରୁ ଜିତିଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଅରିନ୍ଦମ ମହାପାତ୍ର, ସନାତନ ମହାକୁଡ଼, ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲୀକ, ଚକ୍ରଧର କଅଁର ପ୍ରମୁଖ କ୍ରସ୍ ଭୋଟିଂ କରିଥିଲେ । ଏହିସବୁ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ପ୍ରଥମେ ବିଜେଡ଼ି ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା । ୮ ବିଧାୟକ ଦଳୀୟ ହୁଇପ ନମାନି ଦଳ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଦାବି କରାଯାଇଥିଲା । ମାତ୍ର ଗତ ଜୁନ୍ ୨୨ରେ ବାଚସ୍ପତି ସୁରମା ପାଢ଼ୀ ଏହି ଆବେଦନକୁ ଖାରଜ କରି ଦେଇଥିଲେ । ବିଧାନସଭା ରୁଲ୍-୬ର ସବ୍‌ରୁଲ୍-୬ ଓ ୭ ଅନୁଯାୟୀ ପ୍ରମାଣ ଓ ତଥ୍ୟ ଉପସ୍ଥାପନ ହୋଇନଥିବାରୁ ଏହି ଆବେଦନ ଖାରଜ ହୋଇଥୁଲା ବୋଲି ବାଚସ୍ପତିଙ୍କ ପକ୍ଷରୁ କୁହାଯାଇଥିଲା । ବାଚସ୍ପତିଙ୍କ ଏହି ଆଦେଶ ବିରୋଧରେ ବିଜେଡ଼ି ହାଇକୋର୍ଟକୁ ଆସିଛି । ବିଜେଡ଼ି ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନ୍‌ଗୋ ମାମଲା ପରିଚାଳନା କରୁଥିଲାବେଳେ ଆଇନଜୀବୀ ଆଶିଷ ମିଶ୍ର ସହଯୋଗ କରୁଛନ୍ତି ।

### ପୁରୀ ବାର ସଭାପତିଙ୍କୁ ଆକ୍ରମଣ ପାଇଁ ଧମକ ଘଟଣା

## ଆଇନଜୀବୀ ତପନ ବାରିକଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର କାରଣ ଦର୍ଶାଅ ନୋଟିସ୍

କଟକ, (ସବ୍ୟୁ): ପୁରୀ ବାର ଆସୋସିଏସନର ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ ପାଇଁ ଧମକଚମକ ପ୍ରଦାନ କରିଥିବା ଘଟଣାରେ ଯୁଗ୍ମ ସମ୍ପାଦକ ତପନ କୁମାର ବାରିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି ରାଜ୍ୟ ଆଇନଜୀବି ପରିଷଦ । ୧୫ ଦିନ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଅନ୍ୟାଦେଶ ପର୍ଯ୍ୟନ୍ତ ଶ୍ରୀ ବାରିକଙ୍କୁ ପୁରୀ କୋର୍ଟ ପରିସର ଓ ପୁରୀ ବାର ଆସୋସିଏସନ ପରିସରରେ ନିଷେଧ କରାଯାଇଛି । ପୁରୀ ବାରର ଜରୁରୀକାଳୀନ ସଧାରଣ ବୈଠକରେ ସର୍ବସମ୍ମତି ନିଷ୍ପତି କ୍ରମେ ରାଜ୍ୟ ଆଇନଜୀବୀ ପରିଷଦ ସମ୍ମୁଖରେ ସଂପୃକ୍ତ ଆଇନଜୀବୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଅଭିଯୋଗ ପତ୍ର ଦାଖଲ କରାଯାଇଥିଲା । ସଂପୃକ୍ତ ଅଭିଯୋଗ ପତ୍ର ତଥା ପୁରୀ ବାର ଆସୋସିଏସନର ଜରୁରୀକାଳୀନ ବୈଠକର ପ୍ରସ୍ତାବକୁ ଗ୍ରହଣ କରି ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶ କ୍ରମେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ପୂର୍ବରୁ ବାର ଆସୋସିଏସନର ଜନୈକା ସଦସ୍ୟା ମହିଳା ଆଇନଜୀବୀଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରି ବାର ଆସୋସିଏସନର ସଦସ୍ୟ ପଦରୁ ଶ୍ରୀ ବାରିକଙ୍କୁ ନିଲମ୍ବନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା ।

### ଦୁଇ ବର୍ଷରେ ଓଡ଼ିଶାର ଶିଳ୍ପାୟନର ନୂଆ ଧାରା ସୃଷ୍ଟି ହୋଇଛି : ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

## ବିଦେଶୀ ପୁଞ୍ଜିନିବେଶରେ ରାଜ୍ୟରେ ରେକର୍ଡ ସୃଷ୍ଟି ହୋଇଛି

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଶିଳ୍ପ ବିକାଶ, ରାଜ୍ୟକୁ ବୈଦେଶିକ ପୁଞ୍ଜିନିବେଶ ଆକୃଷ୍ଟ କରିବା ତଥା ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବା ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ 'ଓଡିଶା ଇନଭେସର୍ଟସ୍' ମିଟ୍ – ୟୁଏଇ ୨୦୨୬' ପାଇଁ ତିନିଦିନିଆ ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ) ଗସ୍ତରେ ଯାଇଥିଲେ । ଏହି ୟୁଏଇ ଗସ୍ତ ଓଡିଶା ପାଇଁ ଅଭୁତପୂର୍ବ ସଫଳତା ଆଣିଛି । ୟୁଏଇ ତଥା ବିଶ୍ୱର ୧୬୦ଜଣ ପ୍ରମୁଖ ନିବେଶକ, ଶିଳ୍ପ ନେତୃବୃନ୍ଦ ଏବଂ ପ୍ରତିଷ୍ଠିତ ବାଣିଜ୍ୟିକ ସଂସ୍ଥାଗୁଡିକ ସହ ପାଖାପାଖି ୫୨ଟି ବୈଠକରେ ଯୋଗ ଦେଇ ଏହି ନିବେଶକ ସମ୍ମିଳନୀରେ ମୋଟ ୨୪ଟି ପୁଞ୍ଜିନିବେଶ ପ୍ରସ୍ତାବ ରାଜ୍ୟକୁ ଆସିପାରିଛି । ଏହି ପ୍ରସ୍ତାବଗୁଡିକ ମାଧ୍ୟମରେ ରାଜ୍ୟକୁ ପ୍ରାୟ ୨ଲକ୍ଷ ୪୩ହଜାର ୧୬୨ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଏବଂ ଏହାଦ୍ୱାରା ୮ଲକ୍ଷ ୯୫ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ଏହା ଆଲୁମିନିୟମ୍ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, କ୍ରିଟିକାଲ ମିନେରାଲ୍ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ, ଫୁଡ୍ ପ୍ରୋସେସିଂ, ଟେକ୍ସଟାଇଲ୍ସ କେମିକାଲ୍ସ ଏବଂ ଅନ୍ୟାନ୍ୟ ବିକଶିତ କ୍ଷେତ୍ରରେ ନୂତନ ସୁଯୋଗର ବାଟ ଫିଟାଇଛି । ୟୁଏଇ ଗସ୍ତ ଓଡିଶାର ଶିଳ୍ପ ଜଗତ ପାଇଁ ଏକ ଐତିହାସିକ ଏବଂ ଅତ୍ୟନ୍ତ ସଫଳ ଅଧ୍ୟାୟ ହୋଇ ରହିବ ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ; ନିବେଶ ପ୍ରସ୍ତାବଗୁଡିକୁ ପ୍ରକଳ୍ପରେ ପରିଣତ କରିବା, ଶିଳ୍ପ ପ୍ରତିଷ୍ଠାକୁ ସହଜ କରିବା ଏବଂ ଯୁବପିଢିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ହେଉଛି ଆମ ସରକାରଙ୍କ ମୂଳ ଲକ୍ଷ୍ୟ । ବର୍ତମାନ ଓଡିଶାର ଶିଳ୍ପ ଅଗ୍ରଗତି ବେଶ୍ ଉଲ୍ଲେଖନୀୟ ହୋଇପାରିଛି । ଆମ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଆମେ ପାଖାପାଖି ୧୦ଲକ୍ଷ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୬ଲକ୍ଷ ୩୦ ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ଥିବା ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ୨୫ବର୍ଷର ଓଡିଶା ଶିଳ୍ପ ଇତିହାସରେ ଏହି ରେକର୍ଡ କେବେ ଦେଖିବାକୁ ମିଳିନଥିଲା ।

ଆମେ ୧୦ଟି ପ୍ରମୁଖ ସେକ୍ଟରାଲ୍ ଗ୍ରୁପରେ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛୁ । ଆମ ସରକାରଙ୍କ ଲକ୍ଷ୍ୟ ସାମଗ୍ରିକ ବିକାଶ । ମାଲକାନଗିରିରୁ ମୟୂରଭଞ୍ଜ ଏବଂ ସୁନ୍ଦରଗଡରୁ ଜଗତସିଂହପୁର ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଶିଳ୍ପାୟନକୁ ପ୍ରୋତ୍ସାହନ ଦେଉଛୁ । କେବଳ ଶିଳ୍ପ ପ୍ରକଳ୍ପ ଅନୁମୋଦନ ନୁହେଁ, ପ୍ରକଳ୍ପ ଗୁଡିକୁ ବାସ୍ତବରେ ରୂପ ଦେବା ଉପରେ ଆମ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏପର୍ଯ୍ୟନ୍ତ ପାଖାପାଖି ୩ଲକ୍ଷ ୧୨ହଜାର କୋଟି ଟଙ୍କାର ୧୫୧ଟି ଶିଳ୍ପ ପ୍ରକଳ୍ପର ଉଦଘାଟନ ଏବଂ ଭିତିପ୍ରସ୍ତର ସ୍ଥାପନ ହୋଇସାରିଛି ଯେଉଁଥିରେ ୨ଲକ୍ଷ ୪୦ହଜାରରୁ ଅଧିକ ନିଯୁକ୍ତି ସମ୍ଭାବନା ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ୨୦୨୪ ମସିହାରେ ଆମ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ 'ଉତ୍କର୍ଷ ଓଡିଶା କନକ୍ଲେଭ ଆୟୋଜନ ପୂର୍ବରୁ ଦିଲ୍ଲୀ, ମୁମ୍ବାଇ ଏବଂ ସିଙ୍ଗାପୁରଠାରେ ଇନଭେଷ୍ଟରସ' ମିଟ୍ ଏବଂ ରୋଡସୋ' ଆୟୋଜନ କରାଯାଇଥିଲା । ଜାନୁଆରୀ ୧୭ ୨୦୨୬ରେ କୋଲକାତାରେ ବି ରୋଡ୍ ସୋ କରିଥିଲୁ । ସେଠାରେ ୧,୦୦,୩୧୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲାବେଳେ ୯୦ହଜାର ୭୫୨ ନିଯୁକ୍ତି ସୃଷ୍ଟି ହେବ । ଜାନୁଆରୀ ୨୦୨୬ ରାଉରକେଲା ଇନଭେଷ୍ଟର୍ସ ମିଟ୍ ରେ ୫୨୦୨୮ କୋଟି ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲାବେଳେ ୨୦୪୨୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ମେ ୨୦୨୬ରେ ଗୁଜୁରାଟ ରୋଡ୍ ସୋରେ ୪୮ହଜାର ୩୩୦କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବାବେଳେ ୬୭୮୩୮ ନିଯୁକ୍ତି ସୃଷ୍ଟି ହେବ । ଏସବୁ ଆଉଟରିଚ୍ କାର୍ଯ୍ୟକ୍ରମର ଧାରା ଗତ ୨ବର୍ଷ ହେଲା ଜାରି ରହିଛି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି ।

ବିଜେପି ସରକାର 'ଉତ୍କର୍ଷ ଓଡିଶା କନକ୍ଲେଭ' ଆୟୋଜନ କରିବା ଦ୍ୱାରା ଆମ ପାଖକୁ ୨୦ଟି ଭିନ୍ନ ଭିନ୍ନ କ୍ଷେତ୍ରରେ ୫୯୩ଟି ପ୍ରସ୍ତାବ ସହିତ ମୋଟ ୧୬ଲକ୍ଷ ୭୩ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି । ଯାହାକି ଓଡିଶା ଶିଳ୍ପ ଇତିହାସରେ ସର୍ବକାଳୀନ ରେକର୍ଡ । ଓଡିଶାକୁ ଟେକ୍ସଟାଇଲ ଏବଂ ଆପାରେଲ୍ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଆମ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଓଡିଶା ଟେକ୍ସ – ୨୦୨୫ ଜରିଆରେ ଟେକ୍ସଟାଇଲ ଏବଂ ଆପାରେଲ୍ କ୍ଷେତ୍ରରେ ୩୩ଟି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ସହ ରାଜ୍ୟକୁ ମୋଟ ୭,୮୦୮ କୋଟି ଟଙ୍କାର ପୁଞ୍ଜିନିବେଶ ଆସିପାରିଛି । ସେହିପରି ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ ଉପକରଣ ଭଳି ନ୍ୟୁ ଏଜ୍ ସେକ୍ଟର ଗୁଡିକରେ ପୁଞ୍ଜିନିବେଶ ପାଇଁ 'ଓଡିଶା ଫାର୍ମା ସମ୍ମିଳନୀ ୨୦୨୫' ସମ୍ମିଳନୀ ଆୟୋଜନ କରିବା ସହ ଆମ ସରକାର 'ଓଡିଶା ଫାର୍ମାସ୍ୟୁଟିକାଲ୍ସ ଏବଂ ମେଡିକାଲ୍ ଉପକରଣ ନୀତି ୨୦୨୫' ପ୍ରଣୟନ କରିଛନ୍ତି । ଓଡିଶା ଫାର୍ମା ସମ୍ମିଳନୀ ୨୦୨୫ ସମ୍ମିଳନୀ ମାଧ୍ୟମରେ ରାଜ୍ୟକୁ ୭, ୦୪୩ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୬୯ଟି ପ୍ରକଳ୍ପ ଆସିପାରିଛି । ଆମ ସରକାର କେବଳ ପାରମ୍ପରିକ ଶିଳ୍ପ ପ୍ରୋତ୍ସାହନରେ ସୀମିତ ନାହାନ୍ତି, ବରଂ ରାଜ୍ୟରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ତପନ ଚାନ୍ଦ, ଅନିଲ ବିଶ୍ୱାଳ ଏବଂ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




- ବିଜେପି ସରକାର ଆସିବା ପରେ ରାଜ୍ୟକୁ ଛୁଟୁଛି ନିବେଶର ସୁଅ
- ୟୁଏଇ ଗସ୍ତ ଓଡିଶାର ଶିଳ୍ପ ଜଗତ ପାଇଁ ଏକ ଅତ୍ୟନ୍ତ ସଫଳ ଅଧ୍ୟାୟ

### ନିଶା ବିରୋଧୀ ଅଭିଯାନକୁ ଜୋର୍‌ଦାର କରିବାକୁ ଗୁରୁତ୍ୱ

## ପୁନର୍ବାସ ଓ ବିକଳ୍ପ ଜୀବିକା ଉପରେ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ "ନଶାମୁକ୍ତ ଭାରତ ଅଭିଯାନ" (ଏନ୍‌ଏମ୍‌ବିଏ), ନିଶାଦ୍ରବ୍ୟର ଚାହିଦା ହ୍ରାସ, ନିଶାଦ୍ରବ୍ୟର ଅବୈଧ କାରବାର ବିରୋଧରେ ପ୍ରବର୍ତ୍ତନ, ପୁନର୍ବାସ ଏବଂ ଜନସଚେତନତା କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ନିଶା ନିବାରଣ, ସଚେତନତା, ଆଇନଗତ ପ୍ରବର୍ତ୍ତନ, ଚିକିତ୍ସା, ପୁନର୍ବାସ ଏବଂ ସାମାଜିକ ପୁନଃ ସଂଯୋଜନ କ୍ଷେତ୍ରରେ ବିଭିନ୍ନ ବିଭାଗ, ଓଡ଼ିଶା ପୋଲିସ, ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ଅଂଶୀଦାରଙ୍କ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ –ସିଆଇଡି-କ୍ରାଇମ୍ ବ୍ରାଞ୍ଚ ତରଫରୁ ଆହୂତ ଏହି ବୈଠକରେ ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ବୃନ୍ଦା ଡି, ଏସଟିଏଫ୍ ଆଇଜି ହିମାଂଶୁ ଲାଲ, ଡିଆଇଜି କେ.ଭି.ସିଂ ଙ୍କ ସମେତ ବିଭାଗୀୟ ଶାଖାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ବୈଠକରେ ଗତ ଜୁନ୍ ୨୦୨୬ ରେ ଅନୁଷ୍ଠିତ ୭ମ ରାଜ୍ୟ ନାର୍କୋ-କୋର୍ଡିନେସନ ବୈଠକ ପରଠାରୁ ନିଶା ଦ୍ରବ୍ୟ କାରବାର ପ୍ରତି ଚଢଉ ଜୋରଦାର କରାଯାଇ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଥିବା ସଂପର୍କରେ ଏସଟିଏଫ୍ ଆଇଜି ତଥ୍ୟ ପ୍ରଦାନ କରିବା ସହ ଏହି କାର୍ଯ୍ୟ ଜାରି ରହିଥିବା ସଂପର୍କରେ ସୂଚନା ଦେଇଥିଲେ । ନିଶାଦ୍ରବ୍ୟ, ମସ୍ତିଷ୍କ ଓ ସ୍ନାୟୁତନ୍ତ୍ରକୁ ଗଭୀର ପ୍ରଭାବ ପକାଉଥିବା ପଦାର୍ଥର ଅବୈଧ କାରବାର ନିବାରଣ ଆଇନ(ପିଆଇଟିଏନଡିପିଏସ) ରେ ରୁଜୁ ହୋଇଥିବା ମାମଲାଗୁଡ଼ିକର ସ୍ଥିତି ସଂପର୍କରେ ଆଲୋଚନା କରାଯାଇଥିଲା । ନିଶା କାରବାର କ୍ଷେତ୍ରରେ ହଟସ୍ପଟ୍ ଚିହ୍ନଟ ହୋଇଥିବା ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ,ଗଜପତି , ବୌଦ୍ଧ ଆଦି ୬ଟି ଜିଲ୍ଲାର ବିଭିନ୍ନ ବ୍ଲକ, ଗ୍ରାମ ପଞ୍ଚାୟତ ଓ ଗ୍ରାମଗୁଡ଼ିକରେ ଚଢଉ ଏବଂ ସଚେତନତା ବୃଦ୍ଧି କରାଯାଇଛି । ପଂଚାୟତ ଜନ ପ୍ରତିନିଧି, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ଅଧିକାରୀ ମାନଙ୍କ ସହଯୋଗରେ ବିକଳ୍ପ ଜୀବିକାର୍ଜନ ପନ୍ଥା ଆପଣେଇବାକୁ ପରାମର୍ଶ ଓ ସଚେତନ କରାଯାଉଛି । ଗଂଜେଇ ଚାଷ ଅଂଚଳଗୁଡ଼ିକୁ ତୀକ୍ଷ୍ଣ ନଜର ରଖାଯାଇ ଆଗାମୀ ନଭେମ୍ବରରେ ଚଢଉକୁ ବ୍ୟାପକ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ନିଶାଦ୍ରବ୍ୟର ଅବୈଧ କାରବାର ରୋକିବା ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଓ ଅପରାଧ ଶାଖା ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଓଡ଼ିଶାରେ ନିଶା ଚାହିଦା ହ୍ରାସ ପାଇଁ ଜାତୀୟ କାର୍ଯ୍ୟ ଯୋଜନା (ଏନ୍‌ଏପିଡିଡିଆର) ଏବଂ ରାଜ୍ୟର 'ଦିଶା – ନିଶା ଓ ମାଦକ ଦ୍ରବ୍ୟ ସେବନ ପ୍ରତି ହସ୍ତକ୍ଷେପ ସେବା ଯୋଜନା' ମାଧ୍ୟମରେ ନିଶା ଚାହିଦା ହ୍ରାସ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏହି ଅଭିଯାନରେ କିପରି ଅଧିକରୁ ଅଧିକ ଯୁବକ-ଯୁବତୀ ସାମିଲ ହୋଇ ସମସ୍ତଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚି ପାରିବ, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି । ସେଥିମଧ୍ୟରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗଂଜେଇ ଚାଷ ବା ନିଶା କାରବାରରେ ଲିପ୍ତ ରହୁଥିବା ଲୋକଙ୍କ ପାଇଁ କୃଷି, ଉଦ୍ୟାନ କୃଷି, ଛେଳି ପାଳନ, କୁକୁଡ଼ା ପାଳନ, ମାଛ ଚାଷ, ବୃକ୍ଷରୋପଣ ଓ ବିଭିନ୍ନ ଦକ୍ଷତା ବିକାଶ ମାଧ୍ୟମରେ ବିକଳ୍ପ ଜୀବିକାର ସୁଯୋଗ ସୃଷ୍ଟି ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।




### ବିଶିଷ୍ଟ ସମବାୟବିତ୍ ବିମଳ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପରଲୋକ

ଖୋର୍ଦ୍ଧା, (ସବ୍ୟୁ): ଉତ୍କଳ ସମ୍ମିଳନୀ କେନ୍ଦ୍ର ସମିତିର କୋଷାଧ୍ୟକ୍ଷ, କରୁଣାମୟୀ ସଂଗ୍ରହାଳୟର ପ୍ରତିଷ୍ଠାତା ତଥା ଜଣାଶୁଣା ସମବାୟବିତ୍ ବିମଳ ଚନ୍ଦ୍ର ଷଡଙ୍ଗୀଙ୍କର ୭୫ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ଦୁଇ ଦିନ ତଳେ ସେ ଅସୁସ୍ଥତା ଅନୁଭବ କରିବାରୁ ଡାକ୍ତରଖାନାରେ ଭର୍ତି ହୋଇଥିଲେ । ତାଙ୍କର ମରଶରୀର ଖୋର୍ଦ୍ଧା ଦୁଲଣା ସାହିକୁ ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର, ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ । ଏହାପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ତାଙ୍କ ମୃତ୍ୟୁରେ କଳା, ସାହିତ୍ୟ, ସଂସ୍କୃତି ପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ ଷଡ଼ଙ୍ଗୀ ସମବାୟ ବିଭାଗରେ କାର୍ଯ୍ୟ କରିବାବେଳେ ବେଶ ସୁନାମ ଅର୍ଜନ କରିଥିଲେ । ସବ୍ ଆସିଷ୍ଟାଂଟ ରେଜିଷ୍ଟ୍ରାର ପଦରୁ ଅବସର ନେଇ ସମାଜସେବା ସହ ସାହିତ୍ୟ, କଳା, ସଂସ୍କୃତିର ପ୍ରଚାର, ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ରାଜ୍ୟ ଭିତରେ ତଥା ବିଚ୍ଛିନ୍ନାଂଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର, ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜଟଣୀ ଶାଖାର ୫୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର (ସବ୍ୟୁ): ୟୁନିୟନ୍ ଅଫ୍ ଇଣ୍ଡିଆର ଜଟଣୀ ଶାଖା ପକ୍ଷରୁ ୫୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ତୁଷାର କାନ୍ତ କର, ଉପ ଆଞ୍ଚଳିକ ମୁଖ୍ୟ ଶଙ୍କର ହେମ୍ବ୍ରମ ଓ ଜଟଣୀ ଶାଖାର ଶାଖା ପ୍ରବନ୍ଧକ କ୍ରୀଷ୍ଣା ଡାଗୋରେଙ୍କ ସମେତ ବ୍ୟାଙ୍କ ଅଧିକାରୀ, କର୍ମଚାରୀ, ଗ୍ରାହକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶାଖାର ୫ ଦଶନ୍ଧିର ନିଷ୍ଠାପୂର୍ଣ୍ଣ ଗ୍ରାହକ ସେବା ଏବଂ ଜଟଣୀ ଅଞ୍ଚଳର ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ବିକାଶରେ ବ୍ୟାଙ୍କର ଅବଦାନକୁ ସ୍ମରଣ କରାଯାଇଥିବା ସହ ଦୀର୍ଘ ବର୍ଷ ଧରି ଗ୍ରାହକଙ୍କ ସହ ସୁସମ୍ପର୍କ, ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସୁବିଧା ଓ ସହଯୋଗ ଉପରେ ଆଲୋକପାତ କରାଯାଇଥିଲା । ଏହି ଅବସରରେ ଜଟଣୀ ଶାଖାର ବର୍ତ୍ତମାନ ଓ ପୂର୍ବତନ ସମସ୍ତ କର୍ମଚାରୀଙ୍କ ସମେତ ୧୫୦ରୁ ଉର୍ଦ୍ଧ୍ୱ ଗ୍ରାହକ ଯୋଗଦେଇଥିଲେ । ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପକ୍ଷରୁ ଜଟଣୀ କେ ଭି ବିଦ୍ୟାଳୟରେ ସାଇବର ସିକ୍ୟୁରିଟୀ ଓ ଆର୍ଥିକ ସାକ୍ଷରତା ଶିବିରର ଆୟୋଜନ କରାଯିବା ସହ ଜଟଣୀ ଶାଖାରେ ଏକ ସ୍ୱାସ୍ଥ୍ୟ ଶିବିରର ମଧ ଆୟୋଜନ କରାଯାଇଥିଲା । ବ୍ୟାଙ୍କର ଉପ ଆଞ୍ଚଳିକ ମୁଖ୍ୟ ହେମ୍ବ୍ରମ ସମସ୍ତଙ୍କୁ ସମ୍ବୋଧିତ କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ ।




## ଇବ୍‌ଥର୍ମାଲ ୧୨୦ମେଗାୱାଟ ବିଦ୍ୟୁତ୍ ପ୍ରକଳ୍ପ ପୁରସ୍କୃତ

ଚୌଦ୍ୱାର, (ସବ୍ୟୁ): ଚୌଦ୍ୱାର ସ୍ଥିତ ଇମ୍ପା ପ୍ଲାନ୍ଟକୁ ଏହାର ପରିବେଶ ଅନୁକୂଳ ଏବଂ ସୁରକ୍ଷିତ ପରିଚାଳନା ପାଇଁ ପ୍ରଦୁଷଣ ନିୟନ୍ତ୍ରଣ ପ୍ରସଂଶନୀୟ ପୁରସ୍କାର-୨୦୨୬ରେ ସମ୍ମାନିତ କରାଯାଇଛି । ଓଡିଶା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ୪୩ତମ ପ୍ରତିଷ୍ଠା ଦିବସ ଅବସରରେ ଶିଳ୍ପ ବିଭାଗରେ ଇମ୍ପାକୁ ଏହି ଗୌରବ ସୁଚକ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପୁରସ୍କାର ପ୍ରଦାନ ଉତ୍ସବରେ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବ ର୍ନ ମନ୍ତ୍ରୀ ଗଣେଷ ରାମ ସିଂଖୁଁ ଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବ ର୍ନ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା,ଜଙ୍ଗଲ ବାହିନୀ ପ୍ରମୁଖ ଡ.କେ. ମୁରୁଗେସନ ଓ ଓଡିଶା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ମନୋଜ ଭି. ନାୟାର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ । ଇମ୍ପା ପକ୍ଷରୁ ପାୱାର ବିଜନେସ୍ ୟୁନିଟର ମୁଖ୍ୟ ତଥା ଉପସଭାପତି ବିନୟ ଅଗ୍ରୱାଲା ଏହି ପୁରସ୍କାର ଗ୍ରହଣ କରି ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡକୁ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ମଧ ସ୍ଥାୟୀ, ଦାୟିତ୍ୱବାନ ଏବଂ ପରିବେଶ ଅନୁକୁଳ ଶିଳ୍ପ ପରିଚାଳନା ପାଇଁ କମ୍ପାନୀ ସଦା ସର୍ବଦା ପ୍ରୟାସ ଜାରୀ ରଖିବ ବୋଲି ଅଗ୍ରୱାଲ କହିଛନ୍ତି ।



## କିଟ୍ ଓ କିସ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୬ତମ ଜନ୍ମଦିନ ପାଳନ

ଭୁବନେଶ୍ୱର, (ସବ୍ୟୁ): କିସ୍ ଓ କିଟ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିନ ପାଳିତ ହୋଇଯାଇଛି । ଆଜି ସକାଳେ ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ ବିଶାଳ ରକ୍ତଦାନ ଶିବିରରେ କିଟ୍ ଓ କିସ୍‌ର ୩ହଜାର ପିଲା ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କିସ୍ ପିଲାଙ୍କ ସହ ଅଲୋଚନା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହାପରେ କିସ୍ ପରିସରରେ କିସର ୪୦ ହଜାର ଛାତ୍ରଛାତ୍ରୀ କେକ୍ କାଟି ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ । ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ମାସ୍କ ପିନ୍ଧି ଜନ୍ମଦିନ କେକ୍ କାଟି ଅତ୍ୟନ୍ତ ଉତ୍ସାହର ସହ ଏହି ଉତ୍ସବରେ ସାମିଲ ହୋଇଥିଲେ । ପରେ ଶ୍ରୀବାଣୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରରେ କିସ୍‌ର ଜନଜାତି ପିଲାମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁସ୍ଥ, ନିରାମୟ ଓ ଦୀର୍ଘ ଜୀବନ କାମନା କରି ସମୂହ ଦୀପଦାନ କରିଥିଲେ । ଏହା ସହ ଶ୍ରୀବାଣୀକ୍ଷେତ୍ର ବେଦସ୍କୁଲ୍ ବେଦାଧ୍ୟାୟୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ପ୍ରଧାନମନ୍ତ୍ରୀ ନେରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ପିଲାମାନଙ୍କୁ ମୋଦୀଙ୍କ ବିଷୟରେ କହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିବା ସହ ଜନଜାତି ସମୁଦାୟର ସଶକ୍ତିକରଣ ଏବଂ ବିକାଶ ଦିଗରେ ତାଙ୍କର ପ୍ରଚେଷ୍ଟା ପାଇଁ ଶ୍ରୀ ସାମନ୍ତ ଧନ୍ୟବାଦ ଜଣାଇଥିଲେ ।



## ପାଳିତ ହେଲା ବିଶ୍ୱ ବାଉଁଶ ଦିବସ ୨୦୨୬, ଉଦ୍‌ଘାଟିତ ହେଲା ବାଉଁଶ ହାଟ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା (ଓବିଡିଏ) ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ନଗରସ୍ଥିତ ଆନନ୍ଦବନଠାରେ ବିଶ୍ୱ ବାଉଁଶ ଦିବସ–୨୦୨୬ ପାଳନ କରାଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଭିଭାଷଣରେ ମନ୍ତ୍ରୀ କହିଥିଲେ ଯେ ବାଉଁଶ ଏକ ନବୀକରଣଯୋଗ୍ୟ ଓ ଶୀଘ୍ର ବୃଦ୍ଧି ପାଉଥିବା ସମ୍ପଦ । ନିର୍ମାଣ, ଆସବାବପତ୍ର, ହସ୍ତଶିଳ୍ପ, ଜୀବନଶୈଳୀ ସାମଗ୍ରୀ, ପ୍ୟାକେଜିଂ ଓ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟବହାର ରହିଛି । ଗ୍ରାମାଞ୍ଚଳରେ ଜୀବିକା ସୃଷ୍ଟି ସହିତ ସବୁଜ ଓ ଚକ୍ରୀୟ ଅର୍ଥନୀତି ଗଠନରେ ବାଉଁଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ବୋଲି ସେ କହିଥିଲେ ।

ଏହି ଅବସରରେ ଆନନ୍ଦବନରେ ନିର୍ମିତ ବାଉଁଶ ହାଟ ଉଦ୍‌ଘାଟିତ ହୋଇଥିଲା । ଓଏଫ୍‌ଏସ୍‌ଡିପି ଅଧୀନରେ ନିର୍ମିତ ଏହି ହାଟ ବାଉଁଶ ଉତ୍ପାଦର ପ୍ରଦର୍ଶନ, ପ୍ରଚାର ଓ ବିକ୍ରି ପାଇଁ ଏକ ସ୍ଥାନ ଯୋଗାଇଦେବ । ଏହାଦ୍ୱାରା କାରିଗର, ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ଗ୍ରାହକଙ୍କ ପାଖରେ ପହଞ୍ଚିବାର ସୁଯୋଗ ପାଇବେ । ସମାରୋହରେ ଓବିଡିଏର କାର୍ଯ୍ୟକଳାପ ଓ ସଫଳତା ଉପରେ ଏକ ସଂକ୍ଷିପ୍ତ ପ୍ରାମାଣିକ ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏଥିରେ ବାଉଁଶ ଚାଷ, ପ୍ରକ୍ରିୟାକରଣ, ମୂଲ୍ୟ ସଂଯୋଜନ, ତାଲିମ ଓ ରୋଜଗାର ସୁଯୋଗ ସୃଷ୍ଟି ସମ୍ପର୍କିତ କାର୍ଯ୍ୟ ଦର୍ଶାଯାଇଥିଲା । ଏହି ଅବସରରେ ଓବିଡିଏର ବିଭିନ୍ନ କାର୍ଯ୍ୟକଳାପ ଓ ଆଗାମୀ ବର୍ଷ ପାଇଁ ପ୍ରସ୍ତୁତ ଯୋଜନା ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା ।

ଉତ୍ସବର ଅଂଶ ଭାବେ ଓବିଡିଏ ପକ୍ଷରୁ ୧୭ ଓ ୧୮ ସେପ୍ଟେମ୍ବରରେ ଆନନ୍ଦବନଠାରେ ବାଉଁଶ ଉତ୍ପାଦ ଉଦ୍ଭାବନ ପ୍ରତିଯୋଗିତା–୨୦୨୬ ଆୟୋଜିତ ହୋଇଥିଲା । ଓଡ଼ିଶା ସମେତ କେରଳ, ଆସାମ ଓ ଦିଲ୍ଲୀର ପ୍ରତିଯୋଗୀମାନେ ନୂତନ ବାଉଁଶ ଉତ୍ପାଦ, ଡିଜାଇନ ଓ ଚିନ୍ତାଧାରା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ସମାରୋହରେ ସମ୍ମାନିତ କରାଯାଇଥିଲା । ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଡଃ କେ. ମୁରୁଗେସନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କୋଙ୍କଣ ବାଉଁଶ ଓ ବେତ ଉନ୍ନୟନ କେନ୍ଦ୍ରର ନିର୍ଦ୍ଦେଶକ ଶ୍ରୀ ସଞ୍ଜୀବ କାର୍ପେ ଏବଂ ଓବିଡିଏର ରାଜ୍ୟ ମିଶନ ନିର୍ଦ୍ଦେଶକ ଶ୍ରୀ କାର୍ତ୍ତିକ ଭିଙ୍କ ସମେତ ବାଉଁଶ ଚାଷୀ, କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, ଡିଜାଇନର, ଗବେଷକ, ସରକାରୀ ଅଧିକାରୀ ଓ ବ୍ୟବସାୟ ପ୍ରତିନିଧିମାନେ ଅନୁଷ୍ଠାନରେ ଯୋଗ ଦେଇଥିଲେ ।



## ରମ୍ଭାରେ ସାମ୍ବାଦିକଙ୍କୁ ଅପହରଣ ଉଦ୍ୟମ ଓ ହତ୍ୟା ଧମକ

# ବାଲାଜି ଇଣ୍ଡିଆନ ଗ୍ୟାସ ପରିଚାଳକ ସହ ୧୦ ସହଯୋଗୀଙ୍କ ନାଁରେ ମାମଲା

ବ୍ରହ୍ମପୁର/ରମ୍ଭା, (ସବ୍ୟୁ) : ରମ୍ଭା ସହରରେ ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ଅପହରଣ ଉଦ୍ୟମ ଓ ହତ୍ୟା ଧମକ ଦିଆଯାଇଥିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏନେଇ ରମ୍ଭା ଥାନାରେ କେଶ୍ ନଂ ୬୬୧/୨୬ ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ ରମ୍ଭା ଏନଏସି ଲକ୍ଷ୍ମୀପୁର ସାହିର ସାମ୍ବାଦିକ ସୁଜିତ କୁମାର ବେହେରା ଜଣେ ଦୈନିକ ଖବରକାଗଜର ସାମ୍ବାଦିକ । ରମ୍ଭା ସହରର ବାଲାଜି ଇଣ୍ଡିଆନ ଗ୍ୟାସ ବିତରଣ କେନ୍ଦ୍ରର ଅନିୟମିତତାକୁ ନେଇ ସେ ପୂର୍ବରୁ ଖବର ପ୍ରସାରଣ କରିଥିଲେ ।

ଅଭିଯୋଗ ଅନୁଯାୟୀ ବିତରଣ କେନ୍ଦ୍ରର ମାଲିକ ରମ୍ଭା ମୁଖ୍ୟ ବଜାର ରାସ୍ତା ଦେଇ ବଙ୍ଗଳା ସାହିରେ ଥିବା ଗୋଦାମକୁ ଟ୍ରକରେ ଗ୍ୟାସ ଲୋଡ଼ କରି ନେବା ଆଣିବା କରୁଥିବା ବେଳେ ଜନବସତି ମୁହାଁ ହୋଇଥିବାରୁ ରମ୍ଭାବାସୀ ଗଞ୍ଜାମ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ଏହାର ତଦନ୍ତ ପାଇଁ ଗତ ୧୭/୯/୨୦୨୬ ଗୁରୁବାର ଦିନ ସକାଳ ପ୍ରାୟ ୧୧ଟାରେ ଏକ କେନ୍ଦ୍ରୀୟ ତଦନ୍ତକାରୀ ଟିମ୍ ରମ୍ଭାରେ ପହଞ୍ଚିଥିଲେ ।

ପାନ୍ଥନିବାସ ଛକ ନିକଟରେ ଥିବା ବାଲାଜି ଇଣ୍ଡିଆନ ଗ୍ୟାସ ଅଫିସ ନିକଟକୁ ସାମ୍ବାଦିକ ସୁଜିତ ବେହେରା ଖବର ସଂଗ୍ରହ ପାଇଁ ଯାଇଥିବା ବେଳେ ବାଲାଜି ଗ୍ୟାସ ଦାୟିତ୍ୱ ବୁଝୁଥିବା ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଏକ ବୁଲେରୋରେ ଆସିଥିବା ୧୦ରୁ ୧୨ ଜଣ ଅସାମାଜିକ ଯୁବକ ମଦ୍ୟପାନ କରି ତାଙ୍କୁ ଘେରି ଯାଇ ଖବର ସଂଗ୍ରହରେ ବାଧା ସୃଷ୍ଟି କରିଥିଲେ। ତାଙ୍କୁ ଘେରାବନ୍ଦୀ କରି ମାଡିବସି ତଳେ ବସାଇ ଦେଇଥିଲେ । ସେ ଯେଉଁଠିକି ଗଲେ ସେଠାରେ ତାଙ୍କୁ ଘେରାବନ୍ଦୀ କରି ରଖିଥିଲେ। ପୁଣି ଦିନ ପ୍ରାୟ ୨ଟା ବେଳେ ତଦନ୍ତକାରୀ ଟିମ୍ ଓଟିଡିସି ପାନ୍ଥନିବାସକୁ ଖାଇବାକୁ ଯାଇଥିବା ଖବର ପାଇ ସୁଜିତ ପୁଣି ସାକ୍ଷାତ ପାଇଁ ଓଟିଡିସି ଯାଇଥିଲେ ।

ଓଟିଡିସି ଭିତର ରାସ୍ତାରେ ଏକ ଧଳା ରଙ୍ଗର ବୁଲେରୋରେ ସେହି ୧୦-୧୨ ଜଣ ଅଭିଯୁକ୍ତ ଅଶ୍ଳୀଳ ଗାଳିଗୁଲଜ କରି ବୁଲେରୋ ଭିତରକୁ ବାରମ୍ବାର ପେଲାଠେଲା କରି ଅପହରଣ ଉଦ୍ୟମ କରିଥିଲେ । ତାଙ୍କୁ ଅପହରଣ କରି ନେଇ ହତ୍ୟା କରିବାର ଯୋଜନାବଦ୍ଧ ଷଡଯନ୍ତ୍ର ହୋଇଥିବା ସେମାନଙ୍କ ମୁହଁରୁ ଶୁଣିଥିବା ନେଇ ସୁଜିତ ଅଭିଯୋଗରେ ଦର୍ଶାଇଛନ୍ତି ।

ତେବେ ପୋଲିସ ଚାରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପୋଲିସ ମାମଲା ରୁଜୁ କରିବା ସହ ଅଟକ ରଖି ପଚାରା ଉଚାରା ଜାରି ରଖିଛନ୍ତି । ସାମ୍ବାଦିକ ସୁଜିତଙ୍କ କହିବା ଅନୁଯାୟୀ ପୂର୍ବରୁ ମଧ ବାଲାଜି ଇଣ୍ଡିଆନ ଗ୍ୟାସ ଏଜେନ୍ସି ତାଙ୍କୁ ହତ୍ୟା ଧମକ ଦେଇଥିଲେ । ଏହି ଗୁରୁବାର ଦିନ ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ଓଟିଡିସିର ସିସିଟିଭିରେ କଏଦ ହୋଇଛି । ପୋଲିସ ସିସିଟିଭି ଜବତ କରି ବୁଲେରୋ ଗାଡି ଓ ମୁଖ୍ୟ ଷଡଯନ୍ତ୍ରକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ସୁଜିତ ଦାବି କରିଛନ୍ତି ।

## ବୋମାମାଡ଼ ଘଟଣାରେ ୩ ଗିରଫ

# ବାଳସୁଧାର ଗୃହକୁ ଗଲେ ଦୁଇ ନାବାଳକ

ବ୍ରହ୍ମପୁର, (ସବ୍ୟୁ) : କୁକୁଡ଼ାଖଣ୍ଡି ଦାସ ସାହିରେ ଗତ ୧୪ ତାରିଖରେ ଘଟିଥିବା ହିଂସା, ଆକ୍ରମଣ ଓ ବୋମାମାଡ଼ ଘଟଣାରେ ବ୍ରହ୍ମପୁର ସଦର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେହିପରି ୨ ଜଣ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କୁକୁଡ଼ାଖଣ୍ଡି କାଲୁଆ ସାହିର ଗଙ୍ଗାଧର ମହାନ୍ତି ଓରଫ ଗଙ୍ଗା (୨୨), ବିକାଶ ପାତ୍ର (୨୫) ଏବଂ ବାଳକୃଷ୍ଣପୁରର ଶୁଭମ କୁମାର ସାହୁ (୧୯) । ଅଭିଯୁକ୍ତଙ୍କ ଠାରୁ ୨ ଟି ଜୀବନ୍ତ ବୋମା ଓ ମାରଣାସ୍ତ୍ର ଜବତ କରାଯାଇଛି ।



କେସ ନଂ ୫୮୫/୨୬ରେ ଏକ ତିନି ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛ । ଘଟଣାରୁ ପ୍ରକାଶ ଯେ, ଗତ ୧୪ ତାରିଖ ସନ୍ଧ୍ୟାରେ ୧୦ ଟି ବାଇକ୍‌ରେ ଏକ ଅପରାଧୀ ଗ୍ୟାଙ୍ଗ କୁକୁଡ଼ାଖଣ୍ଡି ଦାସ ସାହିରେ ପହଞ୍ଚିଥିଲେ । ସେମାନଙ୍କ ହାତରେ ଖଣ୍ଡା, କାତି ଓ ବିସ୍ଫୋରକ ସାମଗ୍ରୀ ଧରି ସେଠାରେ ଆତଙ୍କରାଜ ଖେଳାଇଥିଲେ । ଦୁର୍ବୃତ୍ତମାନେ ବୋମା ଫିଙ୍ଗିବା ସହ ଗାଡ଼ି ଭଙ୍ଗାରୁଜା, ଲୋକଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଥିଲେ । ଏନେଇ ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ କରି ଶୁକ୍ରବାର ଦିନ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି ସୂଚନା ଦେଇଛି ।

## ଜାତୀୟ ସ୍ତରରେ ସମ୍ମାନିତ ହେଲେ ମୟୂରଭଞ୍ଜର ୨ ରକ୍ତଦାତା ନିରୋଜ, ସୋମନାଥ



ବାରିପଦା, (ସବ୍ୟୁ) : ପବିତ୍ର ଶ୍ରୀରାମ ଧାମ ଅଯୋଧ୍ୟାରେ ରାମ କୃଷ୍ଣ ସେବା ଫାଉଣ୍ଡେସନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ରକ୍ତଦାନ ମହୋତ୍ସବ ଓ ରକ୍ତବୀର ସେବା ରନି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବରେ ଓଡିଶା ସମେତ ୨୨ଟି ରାଜ୍ୟର ରକ୍ତଦାତା ଯୋଗ ଦେଇଥିଲେ।

ମୟୂରଭଞ୍ଜରୁ ସମାଜସେବୀ ଓ ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ ଓ ସୋମନାଥ ସିଂହ ଯୋଗ ଦେଇଥିଲେ। ଡ. ପୋଥାଳଙ୍କ ୧୩୯ ଓ ଶ୍ରୀ ସିଂହଙ୍କ ୭୨ଥର ରକ୍ତଦାନ ପାଇଁ ଫାଉଣ୍ଡେସନ ତରଫରୁ ଜୌନପୁରର ମହାରାଣୀ ଓ ସ୍ଥାନୀୟ ବିଧାୟକଙ୍କ ହାତରେ ରାଷ୍ଟ୍ରୀୟ ରକ୍ତବୀର ସେବାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ସମାଜସେବା ଓ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଭୟ ବିଭିନ୍ନ ଅନୁଷ୍ଠାନ ତରଫରୁ ବହୁବାର ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିସାରିଛନ୍ତି।

## ଗାଈକୁ ଗୋଡ଼ରେ ଦଳି ମାରିଦେଲା ଦନ୍ତା

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ଼ ରେଞ୍ଜର ଖଣ୍ଡିକୋଟି, ବେଲାଟୁନି ଓ ଗୁଣ୍ଡିରିବାଡ଼ି ଅଞ୍ଚଳରେ ଅଲଗା ହୋଇ ବୁଲୁଥିବା ୩ଟି ଦନ୍ତାହାତୀ ଗତ କିଛିଦିନ ହେଲା ଆତଙ୍କ ସୃଷ୍ଟି କରିଛି । ସନ୍ଧ୍ୟା ହେଲେ ହାତୀ ଜଙ୍ଗଲରୁ ବାହାରି ଗ୍ରାମ ମଧ୍ୟରେ ପଶି ଏଣେତେଣେ ଘୁରି ବୁଲୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ତିନିଦିନ ପୂର୍ବେ ଗୁଣ୍ଡିରିବାଡ଼ି ପଞ୍ଚାୟତର ଚାଉଳ ଗୋଦାମ ଗୋଟିଏ ହାତୀ ଭାଙ୍ଗି ଚାଉଳ ନଷ୍ଟ କରିଥିଲା । ବୁଧବାର ରାତିରେ ଖଣ୍ଡିକୋଟି ଗ୍ରାମରେ ପଶି ଦୀର୍ଘ ସମୟ ଧରି ଗାଁରେ ଘୂରି ବୁଲିଥିଲା । ଏହାପରେ ଶୁକ୍ରବାର ପ୍ରତ୍ୟୁଷରେ ଗ୍ରାମରେ ଏକ ଗାଈକୁ ଦଳି ମାରିଦେଇଥିବା ଜଣାପଡ଼ିଛି ।

ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସହ ଭୟ ବୃଦ୍ଧି ପାଇଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ହାତୀଟି ଦିନରେ ଜଙ୍ଗଲ ମଧ୍ୟରେ ରହୁଥିବା ବେଳେ ରାତି ସମୟରେ ଗ୍ରାମ ଅଭିମୁଖେ ଆସୁଛି । ଫଳରେ ଲୋକେ ସନ୍ଧ୍ୟା ପରେ ଘରୁ ବାହାରିବାକୁ ଭୟ କରୁଛନ୍ତି । ମୃତ ଗାଈଟି ସମିତିସଭ୍ୟ ଶ୍ରୀନିବାସ ବିଶ୍ୱାଳଙ୍କର ବୋଲି ଜଣାପଡିଛି । ହାତୀଟି ଗ୍ରାମ ମଧ୍ୟକୁ ବାରମ୍ବାର ପ୍ରବେଶ କରୁଥିବାରୁ ଆଗକୁ ହାତୀ-ମଣିଷ ସଂଘର୍ଷର ଆଶଙ୍କା ଦେଖାଦେଇଛି । ତେଣୁ ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଘଟଣା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ହାତୀଟିକୁ ନିୟନ୍ତ୍ରଣ କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ପ୍ରେମ ସମ୍ପର୍କକୁ ନେଇ କଙ୍ଗାରୁକୋର୍ଟ

## ଯୁବକ ଓ ବିବାହିତାଙ୍କୁ ଦୁଇଦିନ ନିର୍ଯାତନା, ପୁଲିସ ଜିମା ଦେଲେ ଗ୍ରାମବାସୀ

ବାରିପଦା, (ସବ୍ୟୁ) : ପ୍ରେମ ସମ୍ପର୍କକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ କଙ୍ଗାରୁ କୋର୍ଟ ବସାଇ ଜଣେ ଯୁବକ ଓ ଦୁଇ ସନ୍ତାନର ମାଙ୍କୁ ଗଛରେ ବାନ୍ଧି ନିର୍ଯାତନା ଦିଆଯାଇଥିବା ଅଭିଯୋଗର ଭିଡିଓ ସାମ୍ନାକୁ ଆସିଛି । ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଯୋକା ପଞ୍ଚାୟତ ଅଞ୍ଚଳର ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ରଡିଲା ଗ୍ରାମର ଜଣେ ଯୁବକଙ୍କ ସହ ଯୋକା ଗ୍ରାମର ଜଣେ ବିବାହିତା ମହିଳାଙ୍କର ଇନଷ୍ଟାଗ୍ରାମ ଜରିଆରେ ପରିଚୟ ହେବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟଙ୍କୁ ଭେଟାଭେଟି କରୁଥିବା ବେଳେ ଗ୍ରାମବାସୀ କାବୁ କରିଥିବା ଜଣାପଡ଼ିଛି । ଏହାପରେ ଗ୍ରାମବାସୀ ଉଭୟଙ୍କୁ ଗଛରେ ଦଉଡ଼ିରେ ବାନ୍ଧି ଅଟକ ରଖିବା ସହ ଗ୍ରାମ ମୁଖିଆଙ୍କୁ ଡାକି କଙ୍ଗାରୁ କୋର୍ଟ ବସାଇଥିବା ଅଭିଯୋଗ ହୋଇଛି । ସେଠାରେ ଉଭୟଙ୍କୁ ଜେରା କରାଯିବା ସହ ନିର୍ଯାତନା ଦିଆଯାଇଥିବା ଭିଡିଓରୁ ଦେଖିବାକୁ ମିଳୁଛି । ଅଭିଯୋଗ ଅନୁସାରେ, ଦୁଇଦିନ ଧରି ଉଭୟଙ୍କୁ ଅଟକ ରଖାଯାଇଥିଲା । ଏହି ସମୟରେ ଘଟଣାସ୍ଥଳରେ ଥିବା କିଛି ଲୋକ ନିର୍ଯାତନାର ଭିଡିଓ ରେକର୍ଡ କରି ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ । ଭିଡିଓ ଭାଇରାଲ ହେବା ପରେ ଘଟଣାଟି ସାମ୍ନାକୁ ଆସିଥିଲା । ପରେ ଗ୍ରାମବାସୀ ଉଭୟଙ୍କୁ ଝାରପୋଖରିଆ ପୁଲିସ ଜିମାରେ ଦେଇଥିବା ଜଣାପଡ଼ିଛି । ପୁଲିସ ଉଭୟଙ୍କୁ ନିଜ ହେପାଜତକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଆଇନକୁ ହାତକୁ ନେଇ କଙ୍ଗାରୁ କୋର୍ଟ ବସାଇଥିବା ଏବଂ ଉଭୟଙ୍କୁ ନିର୍ଯାତନା ଦେଇଥିବା ବ୍ୟକ୍ତିମାନଙ୍କ ବିରୋଧରେ ପୁଲିସ ପକ୍ଷରୁ ତଦନ୍ତ ଚାଲିଥିବା ସୂଚନା ମିଳିଛି ।

## ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ନିଶାମୁକ୍ତ ଯୁବ, ବିକଶିତ ଭାରତ ଅଭିଯାନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍‌ଏ) ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସଏସ) ପକ୍ଷରୁ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଯୁବ, ବିକଶିତ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ଓ ମଦ୍ୟପାନରୁ ଦୂରେଇ ରଖି ସୁସ୍ଥ ଓ ସଚେତନ ଯୁବସମାଜ ଗଠନ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା । କଲେଜର ପ୍ରତିଷ୍ଠାତା-ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦାଃ ଯୋଗଦେଇ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରାଇଥିଲେ । ମୁଖ୍ୟବକ୍ତା ପ୍ରଫେସର ଡଃ ପୁଷ୍ପରାଣୀ ପାତ୍ର ନିଶା ବିରୋଧରେ ଯୁବସମାଜକୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ।



ଜିଲ୍ଲା ଏନ୍‌ଏସଏସ ନୋଡାଲ ଅଧିକାରୀ ପ୍ରଫେସର ଡଃ ଅନାମ ଚରଣ ରାଉଳ ନିଶାମୁକ୍ତ ସମାଜ ଗଠନରେ ଏନ୍‌ଏସଏସ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ମେରା ଯୁବ ଭାରତର ଜାତୀୟସ୍ତରୀୟ ସ୍ୱେଚ୍ଛାସେବୀ ସାଇରଞ୍ଜନ ଲେଙ୍କା ମଧ ଯୁବକମାନଙ୍କୁ ନିଶାଠାରୁ ଦୂରେଇ ସକାରାତ୍ମକ କାର୍ଯ୍ୟରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ । ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଡଃ ପ୍ରମୋଦ କୁମାର କର ଓ ସରକାରୀ ମହିଳା ମହାବିଦ୍ୟାଳୟର ଯମୁନା ମାଝୀ ମଧ ଯୋଗଦେଇଥିଲେ । ଏମ୍‌ସିଏମ୍‌ଏର ଏନ୍‌ଏସଏସ ସ୍ୱେଚ୍ଛାସେବୀମାନେ ନିଶା ବିରୋଧୀ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ । ଏଥିରେ ବିଭିନ୍ନ ମହାବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଏନ୍‌ଏସଏସ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ । ଶେଷରେ ପ୍ରଫେସର ଡଃ ଅନାମ ଚରଣ ରାଉଳ ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ପାଠ କରାଇଥିଲେ । ସଭାକୁ ଗଉଇଗର ପ୍ରଶାସନିକ ଅଧିକାରୀ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିବାବେଳେ ଏନ୍‌ଏସଏସ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୟୂରଭଞ୍ଜ ଛଉର ୧୦ଦିନିଆ ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ଉଦ୍‌ଘାଟିତ

# ଜିଲ୍ଲାର ୧୦୦ ଶିଳ୍ପୀ ନେବେ ତାଲିମ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଛଉ ନୃତ୍ୟର ଐତିହ୍ୟ ଓ କଳାକୁ ଆହୁରି ସମୃଦ୍ଧ ଓ ପରିମାର୍ଜିତ କରିବା ପାଇଁ ସ୍ଥାନୀୟ ବେଲଗଡ଼ିଆ ପ୍ୟାଲେସରେ ୧୦ଦିନିଆ ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। କଣ୍ଟାକ୍ଟ ବେସ ଓ ବାଂଲା ନାଇଟ ଡଟ କମ ପକ୍ଷରୁ ଆୟୋଜିତ ଏହି ଶିବିରରେ ଜିଲ୍ଲାର ୧୦୦ ଜଣ ଛଉ ଶିଳ୍ପୀ ଯୋଗଦାନ କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

ବିଶିଷ୍ଟ ଛଉ ଗୁରୁ ଲୋକନାଥ ଦାସଙ୍କ ତତ୍ତ୍ୱାବଧାନ ଏବଂ ଦିବାର ନାଏକ ଓ ପିୟୁଷ ଘଡେଇଙ୍କ ସହଯୋଗରେ ପ୍ରଶିକ୍ଷାର୍ଥୀମାନେ ଛଉ ନୃତ୍ୟର ଉନ୍ନତ କୌଶଳ, ଭଙ୍ଗୀ, ମୁଦ୍ରା ଓ ଅଭିବ୍ୟକ୍ତି ଉପରେ ବିସ୍ତୃତ ତାଲିମ ପାଇବେ ଓ ମୟୂରଭଞ୍ଜ ଛଉ କେବଳ ଏକ ନୃତ୍ୟ ନୁହେଁ, ଏହା ସଂସ୍କୃତିର ଏକ ଅମୂଲ୍ୟ ସମ୍ପଦ ହୋଇଥିବାରୁ



ଆଜିର ପିଢ଼ିକୁ ଏହା ସହିତ ଯୋଡ଼ି ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ଉଚ୍ଚକୋଟିର ଶିଳ୍ପୀ ଗଢିତୋଳିବା ଏହି ଶିବିରର ଲକ୍ଷ୍ୟ ବୋଲି ମୁଖ୍ୟ ଆୟୋଜକ ତଥା ବାଂଲା ନାଇଟ୍ ଡଟ କମର ପ୍ରତିଷ୍ଠାତା ନିର୍ଦ୍ଦେଶକ ଅମିତାଭ ଭଟ୍ଟାଚାର୍ଯ୍ୟ ପ୍ରକାଶ କରିଛନ୍ତି। ଏହି ଶିବିରରେ ଅତିଥି ପ୍ରଶିକ୍ଷକ ଭାବେ ବିଶିଷ୍ଟ ଅନ୍ତର୍ଜାତୀୟ ମାଇମ ଓ ମୁଭମେଣ୍ଟ ଆର୍ଟିଷ୍ଟ ଦେବକୁମାର ପାଲ ଯୋଗଦେଇ ଶିଳ୍ପୀମାନଙ୍କର ଶରୀର ଭାଷା, ଅଭିବ୍ୟକ୍ତି ଓ ମଞ୍ଚ ଉପସ୍ଥାପନା କୌଶଳ ଉପରେ ପ୍ରଶିକ୍ଷଣ ଦେବେ ବୋଲି ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକ ଜଣାଇଛନ୍ତି।

## ପତ୍ନୀଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ, ସ୍ୱାମୀ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଘରୋଇ ହିଂସାର ଶିକାର ହୋଇଥିବା ଜେ. ଶ୍ରୀମତୀଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ବଡବଜାର ପୋଲିସ ସ୍ୱାମୀକୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ରଘୁନାଥପୁର ଅଂଚଳର ଜେ. ଜଗୟା ପାତ୍ର (୩୮) । ମାମଲା ନଂ ୬୩୭/୨୬ରେ, ପୋଲିସ ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି ଜଗୟା ପାତ୍ର ୨୦୧୦ ମସିହାରେ ଜେ. ଶ୍ରୀମତୀଙ୍କୁ ବିବାହ କରିଥିଲେ । ତାଙ୍କର ଦୁଇଟି ପୁତ୍ର ସନ୍ତାନ ରହିଛି । ଯୌତୁକ ଦାବିକୁ ନେଇ ଜଗୟା ପାତ୍ର ତାଙ୍କ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ପରେ ପୀଡିତା ପୂର୍ବରୁ ୨୦୨୦ ରେ ମହିଳା ଥାନା ଓ ୨୦୨୩ ରେ ବଡବଜାର ଥାନାରେ ଅଭିଯୋଗ କରିଥିଲେ । ଏହା ସହିତ ବ୍ରହ୍ମପୁରରେ ଭରଣପୋଷଣ ପାଇଁ କୋର୍ଟରେ ମାମଲା ବିଚାରାଧୀନ ରହିଛି । ମାସିକ ଭରଣପୋଷଣ ଦେବାକୁ କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ତାଙ୍କ ସ୍ୱାମୀ ଆର୍ଥିକ ସହାୟତା ପ୍ରଦାନ କରିନଥିଲା । ଫଳରେ ପୀଡିତା ଓ ପିଲାମାନେ ତାଙ୍କ ବାପ ଘରେ ରହିବାକୁ ବାଧ ହୋଇଥିଲେ । ଗତ ଅଗଷ୍ଟ ୨୧ ତାରିଖ ଅପରାହ୍ନରେ ଜେ. ଶ୍ରୀମତୀ ନିଜର ବ୍ୟକ୍ତିଗତ ଜିନିଷ ଆଣିବା ଏବଂ ସେଠାରେ ରହିବା ପାଇଁ ଜି. ରଘୁନାଥପୁର ସ୍ଥିତ ଶାଶୁ ଘରକୁ ଯାଇଥିଲେ । ଅଭିଯୁକ୍ତ ତାଙ୍କୁ ମୁଥ ଓ ଗୋଇଠା ମାରିଥିଲେ । ଶ୍ରୀମତୀଙ୍କ ବେକ ଚିପି ତାଙ୍କ ସ୍ୱାମୀ ହତ୍ୟା ଉଦ୍ୟମ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ ।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସୌରଶକ୍ତିର ସଚେତନତା କରୁଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ପାରମ୍ପରିକ ପ୍ରଚାର ମାଧ୍ୟମଠାରୁ ଆଗକୁ ବଢ଼ି ଛାତ ଉପରେ ସୌର ଶକ୍ତି ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଏହାର ଆଠଟି ଜିଲ୍ଲାରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଉଛି । ଏହି ଅଭିଯାନ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ଏବଂ ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ (ୟୁଏଲ୍‌ଏ) ମଡେଲ୍ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଗ୍ରାମପଞ୍ଚାୟତ, ଗାଁ, ଜନଜାତି ଅଞ୍ଚଳ, ଦୁର୍ଗମ ସ୍ଥାନ ଏବଂ ସହରାଞ୍ଚଳର ଲୋକଙ୍କ ନିକଟରେ ଛାତ ଉପରେ ସୌର ଶକ୍ତି ବ୍ୟବହାରର ଲାଭ, ଯୋଗ୍ୟତା ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସିଧାସଳଖ ସୂଚନା ପହଞ୍ଚାଯାଉଛି । ଲୋକଙ୍କ ନିକଟରେ ସହଜରେ ସୂଚନା ପହଞ୍ଚାଇବା ପାଇଁ ପଥପ୍ରାନ୍ତ ନାଟକକୁ ଏହି ଅଭିଯାନର ଏକ ପ୍ରମୁଖ ମାଧ୍ୟମ କରାଯାଇଛି । ପ୍ରଶିକ୍ଷିତ କଳାକାରମାନେ ବିଭିନ୍ନ ଅଞ୍ଚଳକୁ ଯାଇ ଏଥିପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ନାଟକ ପରିବେଷଣ କରୁଛନ୍ତି। ଓଡ଼ିଆ ଭାଷା ସହ ସ୍ଥାନୀୟ ଲୋକମାନେ ସହଜରେ ବୁଝୁଥିବା ଭାଷାରେ ନାଟକ ପରିବେଷଣ କରାଯାଉଛି ।

ଏହି ଅଭିଯାନ ଦକ୍ଷିଣ ଓଡ଼ିଶାର ସମସ୍ତ ଆଠଟି ଜିଲ୍ଲା-ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, କନ୍ଧମାଳ, ବୌଦ୍ଧ ଓ ଗଞ୍ଜାମରେ ଚାଲୁ ରହିଛି । ଏହି ଅଭିଯାନ ଅଧୀନରେ ମୋଟ ୨୫୦ଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଉଛି । ଟିପିଏସ୍‌ଓଡିଏଲର ମୁଖ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ପଥପ୍ରାନ୍ତ ନାଟକ କେବଳ ଏକ ସଚେତନତା କାର୍ଯ୍ୟକ୍ରମ ନୁହେଁ ଏହା ସମୁଦାୟ ସହ ସିଧାସଳଖ କଥାବାର୍ତ୍ତାର ଏକ ମାଧ୍ୟମ । ପ୍ରଶିକ୍ଷିତ କଳାକାରମାନେ ଯେତେବେଳେ ଲୋକମାନେ ବୁଝୁଥିବା ଭାଷାରେ, ସେମାନଙ୍କ ଦୈନନ୍ଦିନ ଜୀବନର ପରିଚିତ ଘଟଣାକୁ ନେଇ କଥା କୁହନ୍ତି, ସେତେବେଳେ ଏକ ଜଟିଳ ବିଷୟ ମଧ୍ୟ ସରଳ ଓ ସହଜରେ ବୁଝିହୁଏ । ଆମେ ପୂର୍ବରୁ କରିଥିବା ଜନସୁରକ୍ଷା ଓ ପଶୁ ସୁରକ୍ଷା ଅଭିଯାନରେ ଏହି ମାଧ୍ୟମର ପ୍ରଭାବ ଦେଖିଛୁ । ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ପ୍ରଚାର, ସୋଲାର ରଥ, ସଚେତନତା ଷ୍ଟଲ୍, ବିକାଶ ମେଳା, ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଏବଂ ଉପଭୋକ୍ତାଙ୍କୁ ସହାୟତା ଭଳି କାର୍ଯ୍ୟକ୍ରମ ରହିଛି । ଲଗାତାର ଚାଲିଥିବା ଏହି ସଚେତନତା ଅଭିଯାନର ପ୍ରଭାବ ଗଞ୍ଜାମ ଜିଲ୍ଲାରେ ବିଶେଷ ଭାବେ ଦେଖିବାକୁ ମିଳୁଛି ।

## ବିଶ୍ୱକର୍ମା ପୂଜା ମଣ୍ଡପରେ ଛତ୍ରପୁର ବିଧାୟକ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁର ସ୍ଥିତ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପରିସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି । ଆକର୍ଷଣୀୟ ତୋରଣ ଓ ଆଲୋକସଜ୍ଜାରେ ପୂଜା ମଣ୍ଡପ ଝଲସି ଉଠିଛି । ଏହି ଅବସରରେ ଶୁକ୍ରବାର ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପୂଜା ମଣ୍ଡପରେ ପହଞ୍ଚି ଭଗବାନ ବିଶ୍ୱକର୍ମାଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ ।

ପରେ ସେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ଗଞ୍ଜାମ ଜିଲ୍ଲା ସମ୍ପାଦକ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଯୁବ ନେତା ବନୋଜ ନାହାକ, ପୂର୍ବତନ ସମିତି ସଭ୍ୟ ଜ୍ୟୋତିରଞ୍ଜନ ସାହୁ, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ୍. ସଞ୍ଜୀବ ରେଡ୍ଡୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପୀତବାସ ପଣ୍ଡା ହତ୍ୟାକାଣ୍ଡର ସାକ୍ଷୀଙ୍କୁ ଜେଲରୁ ଧମକ ମାମଲା

# ଡାକ୍ତର ସୁଶାନ୍ତଙ୍କ ମୋବାଇଲ ଜବତ, ନୋଟିସ ଦେଇ ଛାଡିଲା ପୋଲିସ

ବ୍ରହ୍ମପୁର, (ସବ୍ୟୁ) : ଭାଜପା ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀଙ୍କୁ ଜେଲରେ ଭିତରୁ ଫୋନରେ ଧମକଚମକ ଦେବା ବେଳେ ବ୍ୟବହୃତ ମୋବାଇଲ ଜେଲରେ କାର୍ଯ୍ୟରତ ଡାକ୍ତରଙ୍କ ବୋଲି ଜଣାପଡିଛି । ପୋଲିସ ଡା. ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ଥାନାରେ ହାଜର ପାଇଁ ନୋଟିସ କରିଥିଲା । ଡା. ପାଣିଗ୍ରାହୀ ବୁଧବାର ରାତ୍ର ଗୋଶାଣିନୂଆଗାଁ ଥାନାରେ ହାଜର ହୋଇଥିଲେ ।

ପୋଲିସ ତାଙ୍କୁ ଦୁଇଘଣ୍ଟା ଧରି ତାଙ୍କୁ ମାରାଥନ ଜେରା କରିଥିଲେ । ଜେଲ ଭିତରେ ତାଙ୍କ ମୋବାଇଲ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ମଦନ ଦଳାଇ ବ୍ୟବହାର କରିଥିବା ଡା. ପାଣିଗ୍ରାହୀ ପୋଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡିଛି । ସେହିପରି ଡାକ୍ତର ପାଣିଗ୍ରାହୀଙ୍କ ମୋବାଇଲ ଜବତ କରି ପୋଲିସ ଛାନବିନ କରୁଛି । ସେହିପରି ଥାନାରୁ ଡା. ପାଣିଗ୍ରାହୀଙ୍କୁ ନୋଟିସ ଦେଇ ପୋଲିସ ଛାଡ଼ିଛି । ଏହି ମାମଲାରେ ନିକଟରେ ଜେଲରୁ ମୁକୁଳିଥିବା ବିଜେଡି ଜିଲ୍ଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଓ ବ୍ରହ୍ମପୁର ମଣ୍ଡଳକାରାଗାର ରେ ବିଚାରାଧୀନ ବନ୍ଦୀ ଥିବା ମଦନ ଦଳାଇଙ୍କ ଛନ୍ଦି ହୋଇଯାଇଛନ୍ତି ।


ଘଟଣାରୁ ପ୍ରକାଶଯେ, ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀ ତଥା ଆଇନଜୀବୀ ଲଳିତ ମୋହନ ମଙ୍ଗରାଜଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ଜେଲ ଭିତରୁ ବିକ୍ରମ, ମଦନ ଧମକ ଦେଇଥିଲେ । କୋର୍ଟରେ ସାକ୍ଷୀନଦେବାକୁ ସେମାନେ ଅଭିଯୋଗକାରୀ ମଙ୍ଗରାଜଙ୍କୁ ଧମକ ଦେଇଥିବା ନେଇ ସେ ଗୋଶାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଜେଲରେ ଭିତରୁ ସିସିଟିଭି ଫୁଟେଜ ଓ ଫୋନ କଲ ରେକର୍ଡ ସଂଗ୍ରହ କରିଥିବା ନେଇ ବୁଧବାର ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଖବରଦାତାଙ୍କୁ ସୂଚନା ଦେଇଥିଲେ । ଲଳିତ ମଙ୍ଗରାଜଙ୍କ ଅଭିଯୋଗ ଆଧାରରେ ପୋଲିସ ୩୫୫/୨୬ ରେ ମାମଲା ରୁଜୁ କରିଥିବାବେଳେ ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

ପ୍ରକାଶ ଥାଉକି ୨୦୨୫ ଅକ୍ଟୋବର ୬ ତାରିଖ ରାତ୍ର ପୀତବାସ ପଣ୍ଡା ହତ୍ୟା କରାଯାଇଥିଲା । ଏହି ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ସମେତ ୧୬ ଜଣଙ୍କୁ ଗିରଫ କରି ଜେଲ ପଠାଇଥିଲା । ଗତ ୧ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶରେ ବିକ୍ରମ ପଣ୍ଡା ସର୍ତ୍ତମୂଳକ ଜାମିନରେ ଜେଲରୁ ମୁକୁଳିଥିଲେ ।

## ଟ୍ରିମ୍‌ସରେ ବିଶ୍ୱକର୍ମାଙ୍କ ପୂଜା

କଟକ, (ସ୍ୱପ୍ର): ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉସାହ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ କେୟାର ହସ୍‌ପିଟାଲ, ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜିର ବିଭିନ୍ନ ବିଭାଗ, ପଲିଟେକ୍‌ନିକ, ଫେସନ୍ ଡିଜାଇନିଂ, ଆଇଟିଆଇ, ବିଦ୍ୟୁତ୍, ଉଦ୍ୟାନ କୃଷି, ପରିବହନ ପ୍ରଭୃତି ବିଭାଗରେ ବିଶ୍ୱକର୍ମାଙ୍କ ପୂଜା ଓ ହୋମ ଯଥାବିଧି ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୁରୋଧା ତଥା ଟ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ ସହ ଛାତ୍ରଛାତ୍ରୀମାନେ ବିଶ୍ୱକର୍ମାଙ୍କ ଆର୍ଶୀବାଦରେ ଭଲ ମଣିଷ ହୋଇ ପିତାମାତା ଓ ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ ।

ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର. ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଡିନ୍ ଡ. ନୟନ ରଂଜନ ସାମଲ, ଡ. ତପସ୍ୱିନୀ ସାହୁ, ଇଂ ପ୍ରଶାନ୍ତ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ,



ସୁନୟ ମିଶ୍ର, ସୁଧାଂଶୁ ଭୂଷଣ କର ପ୍ରମୁଖ ଦେବ ଶିଳ୍ପୀଙ୍କୁ ଭକ୍ତିନୈବେଦ୍ୟ ଅର୍ପଣ କରିଥିଲେ ।

# ପାରାଦୀପ ବନ୍ଦରରେ 'ଏକ ପେଡ୍ ମାଁ କେ ନାମ', ବିଶ୍ୱକର୍ମା ପୂଜା ଓ 'ଆଶୀର୍ବାଦ କା ଦିଆ' ପାଳିତ




ପାରାଦୀପ, (ଜିପ୍ର) : ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ 'ଏକ ପେଡ ମାଁ କେ ନାମ', ବିଶ୍ୱକର୍ମା ପୂଜା ୨୦୨୬ ଏବଂ 'ଆଶୀର୍ବାଦ କା ଦିଆ' କାର୍ଯ୍ୟକ୍ରମ ବନ୍ଦରର ବିଭିନ୍ନ ସ୍ଥାନରେ ଅଧିକାରୀ, କର୍ମଚାରୀ ଓ ବରିଷ୍ଠ ଅଧିକାରୀମାନଙ୍କ ସକ୍ରିୟ ଅଂଶଗ୍ରହଣରେ ପାଳିତ ହୋଇଛି । ଏହି ସମସ୍ତ କାର୍ଯ୍ୟକ୍ରମ ଏସ. କେ. ପୁରୋହିତ ଅଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସାମଗ୍ରିକ ନେତୃତ୍ୱ ଓ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ 'ଏକ ପେଡ ମାଁ କେ ନାମ' ପଦକ୍ଷେପ ଅଧୀନରେ ପାରାଦୀପ ବନ୍ଦରର ଏସ୍ପିପି –୩ ସ୍ଥାନରେ ଫଳଦାୟୀ ଚାରାରୋପଣ କରାଯାଇଥିଲା । ଶ୍ରୀ ଟି. ଭେଣୁ ଗୋପାଳ, ଉପାଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା, ସବୁଜିମା ଓ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାର ବାର୍ତ୍ତା ଦେଇଥିଲେ । ଏହି ପଦକ୍ଷେପ ବନ୍ଦର ପରିସରରେ ସବୁଜ ପରିବେଶ ବିକାଶ ସହ ପରିବେଶ ପ୍ରତି ଦାୟିତ୍ୱବୋଧକୁ ଆହୁରି ସୁଦୃଢ଼ କରିବାର ଗୁରୁତ୍ୱକୁ ପ୍ରତିଫଳିତ କରିଥିଲା ଶ୍ରୀ ଟି. ଭେଣୁ ଗୋପାଳ, ଉପାଧ୍ୟକ୍ଷ, ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଏମ୍ପିଏଚପି , କେଏଆଇସିଟି , ଆଇଓଏଚପି ଓ ଏଲସିଅ ସେଡ ଭଳି ବିଭିନ୍ନ କାର୍ଯ୍ୟକ୍ଷମ ଓ ବୈଷୟିକ ପ୍ରତିଷ୍ଠାନ ପରିଦର୍ଶନ କରି ବିଶ୍ୱକର୍ମା ପୂଜା ଉତ୍ସବରେ ଅଂଶଗ୍ରହଣ କରିଥିଲେ ।

ଏହା ସହିତ ପୋର୍ଟ ଇଲେକ୍ଟ୍ରିକାଲ ଡିଭିଜନ ପବ୍ଲିକ ହେଲ୍ଥ ଡିଭିଜନ ଇଞ୍ଜିନିୟରିଂ ବିଭାଗ ଓ ମେରାଇନ ବିଭାଗ ସହ ସମ୍ପୃକ୍ତ ନିର୍ଦ୍ଧାରିତ ପୂଜାସ୍ଥଳୀରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳିତ ହୋଇଥିଲା । ଅଧିକାରୀ, କର୍ମଚାରୀ ଓ ବୈଷୟିକ କର୍ମଚାରୀମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାରେ ଅଂଶଗ୍ରହଣ କରି ବନ୍ଦରର ସୁରକ୍ଷିତ ଓ ସୁଗମ କାର୍ଯ୍ୟପରିଚାଳନା ତଥା ସମଗ୍ର ବନ୍ଦର ପରିବାରର ମଙ୍ଗଳ କାମନା କରିଥିଲେ । ପୋର୍ଟ ଇଲେକ୍ଟ୍ରିକାଲ ଡିଭିଜନ ବିଶ୍ୱକର୍ମା ପୂଜା ମଣ୍ଡପରେ 'ଆଶୀର୍ବାଦ କା ଦିଆ' ପଦକ୍ଷେପ ଅଧୀନରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଟି. ଭେଣୁ ଗୋପାଳ, ଉପାଧ୍ୟକ୍ଷ, ବିଭାଗୀୟ ମୁଖ୍ୟ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନରେନ୍ଦ୍ର ମୋଦୀ, ଭାରତର ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ, ସୁସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା କରି ପ୍ରାର୍ଥନା ଓ ଶୁଭେଚ୍ଛା ଜଣାଯାଇଥିଲା। ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ବିଶ୍ୱକର୍ମା ପୂଜା ଉତ୍ସବରେ ସଦ୍ଭାବ, ଶ୍ରଦ୍ଧା ଓ ସାମୂହିକ ଅଂଶଗ୍ରହଣର ଭାବନାକୁ ଆହୁରି ଉଜ୍ଜ୍ୱଳ କରିଥିଲା ।

'ଏକ ପେଡ ମାଁ କେ ନାମ', ବିଶ୍ୱକର୍ମା ପୂଜା ଓ 'ଆଶୀର୍ବାଦ କା ଦିଆ'ର ସାମୂହିକ ଆୟୋଜନ ପରିବେଶ ସୁରକ୍ଷା, ପାରମ୍ପରିକ ମୂଲ୍ୟବୋଧ, ସାମୂହିକ ଅଂଶଗ୍ରହଣ ଏବଂ କର୍ମଚାରୀମାନଙ୍କ ପ୍ରତି ସମ୍ମାନର ବାର୍ତ୍ତା ପ୍ରଦାନ କରିଥିଲା । ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ବନ୍ଦର ପରିସରରେ ଏକ ନିରାପଦ, ସ୍ୱଚ୍ଛ, ସବୁଜ ଓ ଦାୟିତ୍ୱଶୀଳ କାର୍ଯ୍ୟ ପରିବେଶ ଗଠନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି ।

# ମହିଳାଙ୍କୁ ଅପହରଣ ଉଦ୍ୟମ : ୨ କୋର୍ଟ ଚାଲାଣ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା କଂଟିଗଡିଆ ଗ୍ରମରେ ଜଣେ ବିବାହିତ ମହିଳାଙ୍କୁ ବନ୍ଧୁକ ମୁନରେ ଅପହରଣ କରିନେଉଥିବା ବେଳେ ଗ୍ରାମବାସୀମାନେ ଦୁବୃତଙ୍କୁ କାବୁ କରି ପୁଲିସ ଜିମ୍ମା ଦେଇଥଲେ । ଧର୍ମଶାଳା ଥାନାରେ ଘଟଣାର ଅଭିଯୋଗପରେ ପୁଲିସ ୩୮୮/୨୬ରେ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ବାଲିଚନ୍ଦ୍ରପୁର ଥାନା ବାଲିକୁଦା ଗ୍ରାମର ପ୍ରମୋଦ ମହାରଣାଙ୍କ ଝିଅ ପ୍ରିୟଙ୍କା ମହାରଣା ଭଲପାଇ ଧର୍ମଶାଳା ଥାନା କଂଟିଗଡ଼ିଆ ପଂଚାୟତ ହରିଚନ୍ଦନପୁର ଗ୍ରାମର ପ୍ରମୋଦ ମଳିକଙ୍କ ପୁଅ ସୁରେନ୍ଦ୍ର ମଳିକକୁ ୨୦୨୬ ମସିହା ମେ ମାସରେ କୋର୍ଟ ମ୍ୟାରେଜ କରିଥିଲେ ଓ ସେହି ଦିନଠାରୁ ପ୍ରିୟଙ୍କା ମହାରଣା ହରିଚନ୍ଦନ ପୁରରେ ସ୍ୱାମୀଙ୍କ ସହ ଶାଶୁ ଘରେ ରହିଆସୁଥିଲେ ।

ଅନୁସୂଚିତ ଜାତିରେ ଝିଅ ବିବାହ ପରେ ପ୍ରିୟଙ୍କାର ବାପ ଘର ଲୋକେ ଝିଅକୁ ନେବା ପାଇଁ ବହୁବାର ସୁରେନ୍ଦ୍ରଙ୍କ ଘରକୁ ଆସି ଧମକ ଚମକ ଦେଇ ଆସୁଥିଲେ । ବୁଧବାର ପୂର୍ବାହ୍ନରେ କିଛି ଯୁବକ ହରିଚନ୍ଦନପୁରରେ ପହଂଚି ବନ୍ଧୁକ ଦେଖାଇ ଜୋରଜବରଦସ୍ତ ପ୍ରିୟଙ୍କାକୁ ଅପହରଣ କରି ଉଠାଇ ନେଉଥିବା ବେଳେ ଗାଁ ଲୋକେ ଅପହରଣକାରୀଙ୍କୁ ମାଡ଼ିବସିଥିଲେ । ପରେ ଧର୍ମଶାଳା ପୁଲିସକୁ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଂଚି ଅପହରଣକାରୀଙ୍କ ନିକଟରୁ ଏକ ବନ୍ଧୁକ ଜବତ କରିବା ସହ ଓ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା । ତେବେ ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତ କେନ୍ଦ୍ରାପଡା ଜିଲ୍ଲା ଡେରାବିଶି ଥାନା ବାଲିଆ ଗ୍ରାମର ତାପସ କୁମାର ନାୟକ(୩୪) ଓ ସେହିଗ୍ରାମର ଗୌତମ ବରାଳ (୨୪)ଙ୍କୁ ଗିରଫ କରି ଅଜି କୋର୍ଟଚଲାଣ କରଛି ।

# ନାବାଳିକା ଅନ୍ତସତ୍ତ୍ୱା : ଯୁବକ ଗିରଫ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅଂଚଳରେ ଜଣେ ନାବାଳିକାକୁ ଅନ୍ତସତ୍ତ୍ୱା କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଏହି ଥାନା ସୁନ୍ଦରିଆ ପଂଚାୟତ ଫତେପୁର ଗ୍ରାମର ପର୍ଶୁ ଗେଡି(୨୪) ବୋଲି ଜଣାପଡିଛି । ସୂଚନା ମୁତାବକ ପର୍ଶୁ ଜଣେ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ତା ସହିତ ଶାରିରିକ ସମ୍ପର୍କ ରକ୍ଷା କରିବା ଫଳରେ ନ ।ବଳିକା ଜଣକ ଅନ୍ତସତ୍ତ୍ୱା ହୋଇଥିଲା । ପରିବାର ଲୋକେ ଜାଣି ଏସମ୍ପର୍କରେ ନାବାଳିକାକୁ ପଚାରିବାରୁ ପର୍ଶୁ ଏଭଳି କାମ କରିଥିବା କହିଥିଲା ।

ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୩୮୯/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଅଭିଯୁକ୍ତ ପର୍ଶୁକୁ ଗିରଫ କରି ତାର ଡାକ୍ତରୀମାଇନା କରିବା ସହ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

# ଦଳିତ ଯୁବକଙ୍କୁ ଆକ୍ରମଣ

ବରୀ, (ସବ୍ୟୁ ): ବରୀ ଥାନା ଅଧୀନସ୍ଥ କଳାମାଟିଆ ପଂଚାୟତରେ ରାଜନୈତିକ ତିକ୍ତତା। ଦଳିତ ଯୁବକଙ୍କୁ ସଂଘବଧ ଆକ୍ରମଣ। ହସ୍ପିଟାଲ ବେଡରେ ଜିବନ ମରଣ ସହ ସଂଘର୍ଷ କରୁଛି ଗଜେନ୍ଦ୍ର ସେଠୀ। ଏହି ପଞ୍ଚାୟତରେ ପୁର୍ବରୁ ବୋମା ମାଡ଼ ସହିତ ହତ୍ୟା,ଧର୍ଷଣ, ମରଣାତକ ଆକ୍ରମଣ ଭଳି ଅନେକ ଜଘନ୍ୟ କାଣ୍ଡ ଘଟିଛି। କିଛିଦିନ ନିରବତା ପରେ ଏବେ ପୁଣୀ ଅଶାନ୍ତ ହେଉଛି କଳାମାଟିଆ ପଂଚାୟତ। ଗଜେନ୍ଦ୍ର ସେଠୀ ବାଇକ ଯୋଗେ ଏକ ଦୋକାନକୁ ସଉଦା ଆଣିବାକୁ ଯାଇଥିବା ବେଳେ ସେଠାରେ ପୁର୍ବ ପ୍ରସ୍ତୁତି ଅନୁଯାୟୀ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ରଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ତଳେ ପକାଇ ବିଧା ଗୋଇଠା ମାରିଥିବା ଯାହା ଆହତ ଗଜେନ୍ଦ୍ର ସେଠୀଙ୍କ ମାଆ ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ପଞ୍ଚାୟତର ଯୁବ ନେତା ସୋନୁଙ୍କୁ ରାଜନୈତିକ କାର୍ଯ୍ୟକ୍ରମରେ ଓ ବନ୍ୟା ସମୟର ରିଲିଫ ବଣ୍ଟନ ସମୟରେ ଗଜେନ୍ଦ୍ରସେଠୀ ସହଯୋଗ କରୁଥିବାରୁ ଅପରପକ୍ଷ ରାଗ ରଖି ଆକ୍ରମଣ କରିଥିବା ଗଜେନ୍ଦ୍ର ଙ୍କ ବାପା କହିଛନ୍ତି। ସୋନୁ ସହିତ ଯାହାକୁ ଦେଖିବୁ ମାଡ ମାରିବୁ ବୋଲି ଧମକ ଦେଇଥିବା ମଧ୍ୟ କହିଛନ୍ତି।ବରୀ ପୋଲିସ ଅଭିଯୋଗ ଅନୁଯାୟୀ ୩୫୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଆହତ ଗଜେନ୍ଦ୍ରଙ୍କୁ ନ୍ୟାୟ ଦେବା ସହିତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

# ବଟରପଡାରୁ ମୋଟର ଚୋରି

ରାଜକନିକା, (ସବ୍ୟୁ) : ରାଜକନିକା ବ୍ଲକ ହାଟସାହି ପଞ୍ଚାୟତ ବଟରପଡ଼ା ଗାଁ ର ଏକ ଉଠାଜଳସେଚନ ପଏଣ୍ଟର ୧୦ ଏଚ.ପି ମୋଟରକୁ ଗତ ରାତିରେ କେହି ଚୋରି କରି ନେଇଥିବା ରାଜକନିକା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗାଁ ର ବନମାଳୀ ବେହୁରିଆଙ୍କ ଏତଲା ମୁତାବକ ଏହି ମୋଟର ଉପରେ ଆମ ଗାଁ ର ୫୦ ଜଣ ଚାଷୀ ରବି ଫସଲର ଡ଼ାଲୁଅ ଧାନ ଚାଷ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏହି ମୋଟର ଚୋରି ହେବା ପରେ ସେମାନେ ଆଉ ଚାଷ କରିବା ସମ୍ଭବ ହେବନାହିଁ ବୋଲି ଅଭିଯୋଗ କରି ତୁରନ୍ତ ଏହି ଚୋରୀର ପର୍ଦ୍ଦାଫାଶ କରିବାକୁ ଦାବୀ କରିଛନ୍ତି। ରାଜକନିକା ଥାନାରେ ଚାଷୀ ମଦନ ସେଠି, ସୁଜିତ କୁମାର ବେହୁରିଆ, ଭରତ ଚନ୍ଦ୍ର ବେହୁରିଆ, ସୁଧାଂଶୁ ବେହୁରିଆ, ସନ୍ତୋଷ ବେହୁରିଆ ପ୍ରମୁଖ ଥାନାରେ ଉପସ୍ଥିତ ଥିଲେ ।

# ନିର୍ମାଣ ଶ୍ରମିକ ସହାୟତାରେ ଜାଲିଆତି : ଗଣଧାରଣା




ବ୍ୟାସନଗର, (ଜିପ୍ର) : ଯାଜପୁର ଜିଲ୍ଲା ଶ୍ରମକାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ଓ ସହାୟତା ରାଶି ପ୍ରଦାନରେ ଅନିୟମିତତା ପ୍ରତିବାଦ କରି ଶତାଧିକ ନିର୍ମାଣ ଶ୍ରମିକ ହିତାଧିକାରୀ ତୁରନ୍ତ ଅର୍ଥପ୍ରଦାନ ଦାବିରେ ଗଣଧାରଣା ଦେଇଥିଲେ । ଏହାକୁ ସମର୍ଥନ କରି ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘ ସଭାପତି ତଥା ଓଜେସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତି ଧାରଣା ସ୍ଥଳରେ ପହଁଚିଥିଲେ । ଆୟୋଜିତ ପ୍ରତିବାଦ ସଭାରେ ଭାଷଣ ଦେଇ ଶ୍ରମକାର୍ଯ୍ୟାଳୟ ଦଲାଲ ଓ ମାଲିକ ମାନଙ୍କ ହାତରେ ପରିଚାଳିତ ହେବାଦ୍ୱାରା ବହୁ ଶ୍ରମିକ ସାମାଜିକ ସୁରକ୍ଷାରୁ ବଂଚିତ ହେଉଛନ୍ତି ।

ଅନେକ ଅଣଶ୍ରମିକ ଅଧିକାରୀମାନଙ୍କୁ ଲାଂଚ ଦେଇ ନିଜର ନାମ ପଞ୍ଜିକୃତ କରିବା ଘଟଣାକୁ ଶ୍ରୀ ମହାନ୍ତି ଦୃଢ଼ ନିନ୍ଦା କରିଥିଲେ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଜିଲ୍ଲାଶ୍ରମ ଅଧିକାରୀ ସୁଧୀର ସାହୁ ଓ ଅହକାରୀ ଶ୍ରମଅଧିକାରୀ ଅଭିଜିତ ପ୍ରଧାନ ଧାରଣାକାରୀଙ୍କ ଆଲୋଚନା କରି ଆସନ୍ତା ମାସରେ ଦରଖାସ୍ତ କାରୀକୁ ସହାୟତାପ୍ରଦାନ କରାଯିବ ସହ, କୋରେଇ ଓ ବ୍ୟାସନଗର ପାଇଁ ଶ୍ରୀ ପ୍ରଧାନ ନିଯୁକ୍ତ ଅଛନ୍ତି ବୋଲି ଘୋଷଣା କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ଯେନା, ଅଭିମନ୍ୟୁ ପାତ୍ର, ମଦନ ସାହୁ, ପ୍ରଶାନ୍ତ ଜେନା, ଶତ୍ରୁଘନ ମଲିକ, ଲକ୍ଷ୍ମୀଧର ପାତ୍ର, ରାକେଶ କୁମାର ଓ ପ୍ରଦୀପ ସେଠି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା ଦାବି

ପାଣିକୋଇଲି, (ସବ୍ୟୁ) : କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତର ମୁଲରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ପିତବାସ ପୁରୀଙ୍କ ଦୁଇ ବଖରା ଘର ଜଳିଯିବା ସହ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ଆଜି ମୁଲରି ଗ୍ରାମର ପିତବାସ ପୁରୀଙ୍କ ଘରେ ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡର କାରଣ ଜଣାନଥିବା ବେଳେ ବିଦୁ୍ୟତ ସର୍ଟ ସର୍କିଟରୁ ହୋଇଥିବା ଅନୁମାନ କରାଯାଉଛି । ତେବେ ବୈତରଣୀରୋଡ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ବିପନ୍ନ ପରିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ମହାକାଳପଡ଼ା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତ ଅନ୍ତର୍ଗତ କେନ୍ତିଆ ଗ୍ରାମରେ ବଜ୍ରପାତରେ ଫଳରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି।ସୂଚନା ମୁତାବକ କେନ୍ତିଆ ଗ୍ରାମର ପୀତାମ୍ବର ରାଉତ (୬୦) ଶୁକ୍ରବାର ବର୍ଷା ଆସିବାର ଦେଖି ବାଡ଼ିପଛ ବିଲକୁ ବାଛୁରୀ ଆଣିବାକୁ ଯାଇଥିଲେ । ବଜ୍ରପାତ ଘଟିବାରୁ ସେ ବିଲରେ ଟଳିପଡିଥିଲେ । ପରିବାର ଲୋକେ ଦେଖି ତାଙ୍କୁ ତୁରନ୍ତ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ।ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି । ପଂଚାୟତର ସରପଞ୍ଚ ସନ୍ତାପିତ ପରିବାର କୁ ଭେଟି ସାନ୍ତ୍ୱନା ଦେବା ସାହି ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବିକରିଛନ୍ତି ।

# ରକ୍ତଦାନ ଶିବିର : ୫୦ ୟୁନିଟ୍ ସଂଗ୍ରହ

ବାଲିଚନ୍ଦ୍ରପୁର ,(ସବ୍ୟୁ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣି ର ନିକଟ ଗ୍ରାମ ଲଳିତଗିରି ଗ୍ରାମର ବିଶିଷ୍ଟ ସମାଜସେବୀ ନୀଳମଣି ସିଂହ (ମିନିଆ ସିଂହ) ଙ୍କ ଏକାଦଶ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବୈରାଗୀ ଚରଣ ସିଂହ ସ୍ମୃତି ସଂସଦ ଲଳିତଗିରି ଆନୁକୁଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ସଂସଦର ସଭାପତି ସମାଜସେବୀ ରୁଦ୍ରନାରାୟଣ ସିଂହ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅତିଥିଭାବେ ବଡ଼ଚଣାର ସାମାଜ ସେବୀ ସୁମନ୍ତ କୁମାର ସାମଲ ,ଅଭିଯାନ ଅନୁଷ୍ଠାନର ପ୍ରତିଷ୍ଠାତା ମଧୁସୂଦନ ଦାସ, ବେବର୍ତା ଅଜୟ ବଲ୍ଲଭ ଦାସ, ଶ୍ରୀକାନ୍ତ ରାଉତ, ବିପିନ ବିହାରୀ ସାମଲ, ଉତ୍କଳ କେଶରୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ରକ୍ତ ଭଣ୍ଡାର କେନ୍ଦ୍ର କଟକ ର ଡାକ୍ତର ହରପ୍ରସାଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଡାକ୍ତର ରାମପ୍ରସାଦ ରାୟ, ଲାବୋରଟୋରୀ ଟେକ୍ନିସିଆନ ସୁନୀଲ ଖଣ୍ଡାଇ, ଆସିଷ୍ଟାଣ୍ଟ ପ୍ରଶାନ୍ତ ସାହୁ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ହେମନ୍ତ ସାହୁ ପ୍ରମୁଖ ରକ୍ତ ସଂଗ୍ରହକାରୀ ଟିମ ଉକ୍ତ ଶିବିର ରୁ ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରକୁ ଶରତ କୁମାର ସିଂହ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଶୋକ କୁମାର ସାମଲ ଲଲାଟ କେଶରୀ ସାମଲ ଆଲୋକ ମହାରଣା, ଧୀରେନ୍ଦ୍ର ସାମଲ ଉପେନ୍ଦ୍ର ସିଂହ ଙ୍କ ସମେତ ସଂସଦ ର ସଦସ୍ୟ ମାନେ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଅସୁରକ୍ଷିତ ହେଉଛି ଜେନାପୁର ଥାନା ଅଞ୍ଚଳ
# ଦୁଇଦୁଇଟି ଛିନତାଇ, ଲୋକେ ଆତଙ୍କିତ

ଚଣ୍ଡିଖୋଲ/ଚଢେଇଧରା, (ସବ୍ୟୁ) : ଯାଜପୁର ଜିଲ୍ଲାର ଜେନାପୁର ଥାନା ଅଞ୍ଚଳ ଏବେ ଅସୁରକ୍ଷିତ ହୋଇପଡିଛି । ଚଳିତ ସପ୍ତାହକ ମଧ୍ୟରେ ଏହି ଥାନା ଅଞ୍ଚଳର ରାଜପଥରେ ଦୁଇଦୁଇଟି ଛିନତାଇ ଘଟଣା ଘଟିଯାଇଥିଲେ ମଧ୍ୟ ପୋଲିସ ହାତବାନ୍ଧି ବସିଛି । ଗତ ୧୧ ତାରିଖ ଦିନ ଗଡମଧୁପୁରରୁ ସ୍କୁଲ ସାରି ଅଣ୍ଟିଆ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସରସତ୍ୱତୀ ପଣ୍ଡା ତାଙ୍କ କାରଯୋଗେ ନିଜ ଘରକୁ ଫେରୁଥିବା ବେଳେ ଉକ୍ତ ଥାନାର ପାଟବନ୍ଧ ରାସ୍ତାରେ ଦୁଇଜଣ ଲୁଟେରା କାରକୁ ଅଟକାଇ ଡ୍ରାଇଭରକୁ ମାଡମାରିବା ସହ ତାଙ୍କ ଆଖିରେ ବିଶାକ୍ତ ତରଳ ପଦାର୍ଥ ପକାଇ ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟପାଟ କରିଥିଲେ । ଲୁଟେରା ମାନେ ଶିକ୍ଷୟିତ୍ରୀଙ୍କ ଠାରୁ ସ୍ୱଷ୍ଟ ଦିବାଲୋକରେ ସୁନାଚେନ,କାନଫୁଲ ଓ ହାତରୁ ମୁଦି ଛଡାଇ ନେଇଥିଲେ । ଏଥିନେଇ ଶିକ୍ଷୟତ୍ରୀ ଜେନାପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଉକ୍ତ ଘଟଣାର ଠିକ ୫ ଦିନ ପରେ ଏହି ଥାନାର ବଳରାମପୁର ଛକ ନିକଟରେ ଜଣେ ବ୍ୟବସାୟୀ ସୋମନାଥ ମିଶ୍ରଙ୍କୁ ବନ୍ଧୁକ ଦେଖାଇ ଓ ତାଙ୍କ ଆଖିରେ ଲଙ୍କାଗୁଡ ପକାଇ ତାଙ୍କ ବେକରୁ ଦୁଇଟି ସୁନା ଚେନ ଓ ପକେଟରୁ ୬୫ ହଜାର ଟଙ୍କା ଲୁଟକରି ପଳାଇ ଯାଇଥିଲେ ।

ଘଟଣା ପରେ ସୋମନାଥଙ୍କ ପୁଅ ଏତଲା ଦେଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ହାତବାନ୍ଧି ବସିଛି । ସାତଦିନ ମଧ୍ୟରେ ରାସ୍ତା ଉପରେ ଏପରି ଦୁଇଦୁଇଟି ଲୁଟ ଓ ଛିନତାଇ ଘଟଣା ଘଟିବା ପରେ ଲୋକେ ଭୟଭିତ ହୋଇପଡିଛନ୍ତି । କେବଳ ଏହି ଦୁଇଟି ଘଟଣା ନୁହେଁଏହି ଥାନା ଅଞ୍ଚଳରେ ଦୀର୍ଘ ଦିନ ହେବ ମାରଧର,ଦଙ୍ଗା ହେଙ୍ଗାମ ସହିତ ଆଖିବୁଜା ଖଣିଚୋରି ଚାଲିଥିଲେ ମଧ୍ୟ ସବୁ ଘଟଣାରେ ପୋଲିସର ନିଷ୍କ୍ରିୟତା ପରିଲକ୍ଷିତ ହୋଇଛି । ଯେଉଁଥି ପାଇଁ ସମଗ୍ର ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି । କ୍ରମାଗତ ଭାବେ ଏହି ଥାନାରେ ଘଟି ଚାଲିଥିବା ମାମଲା ଗୁଡିକରେ ପୋଲିସ ପକ୍ଷରୁ କୌଣସି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନହେବା ଓ ଆସାମୀମାନେ ଧରା ନପଡିବା ଯୋଗୁଁ ଏବେ ଏହି ଥାନା ଅଞ୍ଚଳ ଅସାମାଜିକଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଥିବା ଅଭିଯୋଗ ହୋଇଛି । ଗତ ୬ ମାସ ମଧ୍ୟରେ ୪ଟି ଖଣିଚୋରି ସହିତ ୧୦ଟିରୁ ଉର୍ଦ୍ଧ୍ୱ ଛୋଟବଡ ଚୋରି ମାମଲା ଥାନାରେ ପଞ୍ଜିକୃତ ହୋଇଥିଲେ ମଧ୍ୟ କୌଣସି ଗୋଟିଏ ବି ଘଟଣାରେ ସଠିକ କାର୍ଯ୍ୟାନୁଷ୍ଠାନ ହୋଇନାହିଁକି କୌଣସି ଆସାମୀ ଗିରଫ ହୋଇ ନଥିବା ଜଣାପଡିଛି । ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି । ଏ ସମ୍ପର୍କରେ ଯାଜପୁର ରୋଡ ପୋଲିସ ଏସଡିପିଓ ଶରତଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ ଏଥିନେଇ ଜେନାପୁର ଥାନାରେ ମାମଲା ପଞ୍ଜିକରଣ ହୋଇଛି ଓ ଥାନା ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି ।

# ଭରଣପୋଷଣ ଅର୍ଥ ମିଳୁନି: ଭୋକ ଉପାସରେ ମହିଳା

ବିଞ୍ଝାରପୁର, (ସବ୍ୟୁ) : ସ୍ୱାମୀ ଠାରୁ ନିର୍ଯ୍ୟାତିତା ଜଣେ ମହିଳା ନ୍ୟାୟ ପାଇବା ପାଇଁ ପରିବାର ଅଦାଲତର ଦ୍ୱାରସ୍ତ ହୋଇଥିଲେ । ମାମଲାରେ ଅଦାଲତ ସେହି ମହିଳା ଓ ତାଙ୍କ ଝିଅର ଭରଣ ପୋଷଣ ପାଇଁ ମାସିକ ୪୫୦୦/(ଚାରି ହଜାର ପାଞ୍ଚଶହ ଟଙ୍କା) ପ୍ରଦାନ ପାଇଁ ଅଭିଯୁକ୍ତଙ୍କୁ ଆଦେଶ ଦେଇଥିଲେ । ମାତ୍ର ଅଭିଯୁକ୍ତ ପରିବାର ଅଦାଲତ. ଆଦେଶର ପରିପାଳନ ନକରିବାରୁ ତାଙ୍କ ନାମରେ ଗିରଫ ପରୁଆନା ଜାରି କରିଥିଲେ । ବରୀ ପୁଲିସ ଗିରଫ ପରୁଆନାକୁ କାର୍ଯ୍ୟକାରୀ କରିବାରେ ଅନାଗ୍ରହ ପ୍ରକାଶ କରିବାରୁ ଅଭିଯୁକ୍ତ ପୁଲିସ କୁ ଆଖିଠାର ମାରି ବେପରୁଆ ବୁଲୁଛି ବୋଲି ଅଭିଯୋଗ କରିଛନ୍ତି ଅଭିଯୋଗ କାରିଣୀ ।

ପ୍ରକାଶ ଯେ ବିଞ୍ଝାରପୁର ଥାନା ଅଧୀନ ବରୀବ୍ଲକ ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ତଥା ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ପିତାମ୍ବର ରାଉତଙ୍କର ଝିଅ ଏଲୋରା ଭାରତୀ ରାଉତ ବରୀ ବ୍ଲକର ରାଉତସାହି ଗ୍ରାମର କାହ୍ନୁ ଚରଣ ରାଉତଙ୍କ ପୁଅ ମାନସ ରାଉତଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ଏହା ପରେ ସ୍ୱାମୀଙ୍କ ସହିତ ମତାନ୍ତର ଯୋଗୁ ଏଲୋରା ଭାରତୀ ରାଉତ ଅଙ୍ଗାଲୋସ୍ଥ ବାପଘରକୁ ଚାଲି ଆସିଥିଲେ । ।ବିବାହ ବିଚ୍ଛେଦ ପୂର୍ବରୁ ଏଲୋରା ଭାରତୀ ରାଉତ. ସ୍ୱାମୀ ମୀନସଙ୍କ ଠାରୁ ଭରଣ ପୋଷଣ ଦାବୀ କରି ଫ୍ୟାମିଲ କୋର୍ଟରେ ଏକ ମୋକଦ୍ଦମା ରୁଜୁ କରିଥିଲେ । ବରୀ ପୁଲିସ ନିଦା ବିଷ୍ଟୁ ସାଜି ୱାରେଣ୍ଟକୁ କାର୍ଯ୍ୟକାରୀ କରୁନଥିବା କହଛନ୍ତି ଏଲୋରା ଭାରତୀ । ଏଲୋରା ଙ୍କ ପିତା କହଛନ୍ତି ଯେ ଘଟଣା ସମ୍ପର୍କରେ ସେ ଥାନା ଅଧିକାରୀଙ୍କୁ ଭେଟିବା ପାଇଁ ବରୀ ରାମଚନ୍ଦ୍ର ଥାନାକୁ ଯାଇ ପୁଲିସଙ୍କ ଠାରୁ ଦୁର୍ବ୍ୟବହାର ପାଇ ଫେରିଛନ୍ତି ।

# ଝଙ୍କଡ଼ ସାରଳାଙ୍କ ଶାରଦୀୟ ପାର୍ବଣପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ଝଙ୍କଡ଼, (ସବ୍ୟୁ) : ଶାରଦୀୟ ପାର୍ବଣ ପୂଜା ଉପଲକ୍ଷେ ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା ସାରଳା ଠାକୁରାଣୀ ଙ୍କ ମନ୍ଦିରବେଢାରେ ଥିବା ସଭାଗୃହରେ ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଙ୍କ ଅଧ୍ୟକ୍ଷତା ରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏଥିନିମନ୍ତେ ୧୭ ଲକ୍ଷ ୫୨ ହଜାର ୪ ଟଙ୍କା ବ୍ୟୟ ଅଟକଳ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିବାବେଳେ ଏହି ସାର୍ବଜନୀନ ଶାରଦୀୟ ପାର୍ବଣପୂଜାରେ ସମସ୍ତ ନୀତିକାନ୍ତି ସୁଚାରୁରୂପେ କରିବାପାଇଁ ପ୍ରଶାସନ ଓ ସେବାୟତ ମାନଙ୍କ ମଧ୍ୟରେ ସହମତି ଓ ସମନ୍ୱୟ ରହିବା ଅତ୍ୟନ୍ତ ଜରୁରୀ ବୋଲି ଉପଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ ।

ଆସନ୍ତା ଅକ୍ଟୋବର ୩ ତାରିଖ ମୂଳାଷ୍ଟମୀ ଠାରୁ ୧୮ ତାରିଖ ରବିବାର ମହାଷ୍ଟମୀ ପର୍ଯ୍ୟନ୍ତ ଏହି ପୂଜାର ନୀତିନିର୍ଘଣ୍ଟ କରାଯାଇଥିଲାବେଳେ ପ୍ରତିଦିନ ରାତ୍ର ୯ ଟା ବେଳେ ସମ୍ପୂର୍ଣ୍ଣସୁନାବେଶ ଓ ୧୬/୧୭/୧୮ ଷଷ୍ଠୀ ସପ୍ତମୀ ଓ ମହାଷ୍ଟମୀ ସନ୍ଧ୍ୟାରେ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବବୋଲି ସ୍ଥିର କରାଗଲା । ଯାତ୍ରୀମାନଙ୍କ ଶୃଙ୍ଖଳିତ ଦର୍ଶନ, ଯାନବାହାନ ନିୟନ୍ତ୍ରଣ, ବ୍ୟାପକ ସ୍ଥାନ ରେ ସି ସି ଟିଭି ଲଗାଇ ସ୍ଥିତି ଅନୁଧାନ, ସ୍ୱାସ୍ଥ୍ୟସେବା, ପାନୀୟ ଜଳଯୋଗାଣ, ନିରନ୍ତର ବିଦ୍ୟୁତ ସେବା ପ୍ରଦାନ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିବା ବେଳେ, ସେବାୟତମାନଙ୍କ ତରଫରୁ ପ୍ରଦାନ କରାଯାଇଥିବା କେତେକ ପ୍ରସ୍ତାବ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ।

ତେବେ ଏହି ବୈଠକ ରେ ର୍ତିର୍ତୋଲ ତହସିଲଦାର ମହେଶ୍ୱର ବେହେରା, ସାରଳାମନ୍ଦିର ପ୍ରଶାସନ ର କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ପରିଜା, ର୍ତିର୍ତୋଲଥାନା ଏସ ଡି ପି ଓ ଅଜୟ କୁମାର ଦାସ, ଆଇ ଆଇ ସି ବଂଶୀଧର ପ୍ରଧାନ, ଫାଣ୍ଡି ଅଧିକାରୀ ବିଭୁତି କୁମାର ବିଶ୍ୱାଳ, ମନ୍ଦିର ପୋଲିସ ଫାଣ୍ଡି ଅଧିକାରୀ ସଞ୍ଜୟ ରାଉତ, ଆର ଡବ୍ଲୁ ଏସ ଏସ ର କନିଷ୍ଠଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦାଶ, ଅଗ୍ନିଶମ, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ବୈଠକରେ ଉପସ୍ଥିତ ରହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସେବାୟତମାନଙ୍କ ତରଫରୁ ପୁରୋହିତ ପଣ୍ଡିତ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟପୂଜକ ରଞ୍ଜନ କୁମାର ପଣ୍ଡା, ପୂର୍ବତନ ପରିଛା ରଘୁନାଥ ପଣ୍ଡା, ଲକ୍ଷ୍ମୀଧର ମହାପାତ୍ର, ବିଜୟ କୁମାର ରାଉଳ, ରମେଶଚନ୍ଦ୍ର ରାଉଳ, ହରେକୃଷ୍ଣ ନାୟକ, ନୃସିଂହ ଚରଣ ନାୟକ, ଜିତେନ୍ଦ୍ର ରାଉଳ, ବିଶ୍ୱରଞ୍ଜନ ରାଉଳ, ଅଜୟ କୁମାର ରାଉଳ, ସନ୍ଦୀପ ମଧୁସୂଦନ ପଣ୍ଡା, ତ୍ରିଲୋଚନ ରାଉଳ, ବସନ୍ତ କୁମାର ରାଉଳ, ରଜନୀକାନ୍ତ ରାଉଳ ଓ ରମାକାନ୍ତ ରାଉଳ ପ୍ରମୁଖ ଏଥିରେ ଅଂଶଗ୍ରହଣ କରି ପାର୍ବଣ ପୂଜାକୁ ସରସ ସୁନ୍ଦର ଓ ସଫଳ କରିବା ପାଇଁ ନିଜନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।ସାରଳା ମନ୍ଦିରର ଅନ୍ୟତମ ପ୍ରଶାସନିକ ଅଧିକାରୀ ଚଳିତ ପାର୍ବଣ ପୂଜାର ବଜେଟ ଉପସ୍ଥାପନ କରିଥିବା ବେଳେ, କିରାଣୀ ଦୀପକ କୁମାର ପଣ୍ଡା ବିବରଣୀ ପାଠ କରିଥିଲେ ।

# ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକଙ୍କ ଜଗତସିଂହପୁର ଜିଲ୍ଲା ଗ୍ରସ୍ତ

ଜଗତସିଂହପୁର,(ସବ୍ୟୁ): ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକ ସନ୍ତୋଷ କୁମାର ଶତପଥୀ ୩ ଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିଥିଲେ ।ଜାତୀୟ ମାନବାଧିକାର ଆୟୋଗର ବିଶେଷ ପ୍ରତିବେଦକ ଶ୍ରୀ ଶତପଥୀ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ, ମିଶନ ଶକ୍ତି ମହିଳା ମାନଙ୍କ ଉଦ୍ୟୋଗ, ୱାନ ଷ୍ଟପ ସେଣ୍ଟର, ଜିଲ୍ଲା କାରାଗାର, ଆଳିପିଙ୍ଗଳ ଓ ସମାଗୋଳ ସବ ଜେଲ, ଉନ୍ନୟନ ମୁଳକ ପ୍ରକଳ୍ପ, ଅନୁସୂଚିତ ଜାତି ବସତି ଆଦି ପରିଦର୍ଶନ କରି ସ୍ଥିତି ଅନୁଧାନ କରିଥିଲେ । ଆଜି ଶେଷ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ଆଲୋଚନାତ୍ମକ ବୈଠକରେ ଜିଲ୍ଲାରେ ମାନବାଧିକାର ସ୍ଥିତି ସମ୍ପର୍କିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ପ୍ରତିବେଦକଙ୍କ ପରାମର୍ଶ କ୍ରମେ ଜିଲ୍ଲା ର ମାନବାଧିକାର ଓ ନ୍ୟାୟ ର କାର୍ଯ୍ୟକାରିତା କୁ ତ୍ୱରାନ୍ୱିତ କରିବାକୁ ବିଭଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ମଧ୍ୟ ଜିଲ୍ଲାରେ ନ୍ୟାୟ ପ୍ରଦାନ ଦିଗରେ ପୋଲିସ ପ୍ରଶାସନର ଭୂମିକା ବିଷୟରେ କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀବୃନ୍ଦ ଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲା ପରିଷଦ ବୈଠକ: ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା, (ସବ୍ୟୁ) : କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ଷଷ୍ଠ ଜିଲ୍ଲା ପରିଷଦର ନବମ ସାଧାରଣ ପରିଷଦ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ସାଂସଦଙ୍କ ପ୍ରତିନିଧି ସୁନାକାର ବେହେରାଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର ଆୟର ଏବଂ ସମସ୍ତ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।ବୈଠକ ଆରମ୍ଭରେ ଅଧ୍ୟକ୍ଷା ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ସାମଗ୍ରିକ ବିକାଶ, ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟଣ ଉପରେ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।ସେହିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରି କାର୍ଯ୍ୟଗୁଡ଼ିକୁ ଶୀଘ୍ର ଆରମ୍ଭ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଚଳିତ ବନ୍ୟା ପରିସ୍ଥିତି ସମ୍ପର୍କରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ, ଆବଶ୍ୟକ ସେବା ଯୋଗାଣ, ରାସ୍ତାଘାଟ ଓ ଅନ୍ୟାନ୍ୟ ଭିତ୍ତିଭୂମିର ସ୍ଥିତି ଏବଂ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସଦସ୍ୟ/ସଦସ୍ୟାମାନେ ଗୃହରେ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ ।

ବୈଠକରେ ରାସ୍ତାଘାଟରେ ବୁଲା ଗୋରୁଗାଈଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣଙ୍କ ଯାତାୟାତରେ ସମସ୍ୟା ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଗୋଶାଳା ନିର୍ମାଣ କରିବା ନିମନ୍ତେ ରାଜନଗର ବିଧାୟକ ଶ୍ରୀ ଧ୍ରୁବ ଚରଣ ସାହୁ ପ୍ରସ୍ତାବ ରଖିଥିଲେ । ଅନ୍ୟପକ୍ଷରେ, ଦିବଙ୍ଗତ ୨୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ସୁବ୍ରତ ଲେଙ୍କାଙ୍କ ସ୍ମୃତିରେ ତାଙ୍କ ନାମରେ ଏକ କମ୍ୟୁନିଟି ସେଣ୍ଟର ଖୋଲିବା ନିମନ୍ତେ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟାମାନଙ୍କ ପକ୍ଷରୁ ବୈଠକରେ ପ୍ରସ୍ତାବ ରଖାଯାଇଥିଲା । ଗୃହରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ।

ନିର୍ବାଚିତ ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା, ଉନ୍ନୟନ କାର୍ଯ୍ୟର ଅଗ୍ରଗତି ଏବଂ ଜନସାଧାରଣଙ୍କ ସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକୁ ଗୃହରେ ଉପସ୍ଥାପନ କରିଥିଲେ । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉଠିଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ ।ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଷଣ୍ଢଙ୍କ ଉପଦ୍ରବ : ସତ୍ୟବାଦୀ ବ୍ଲକ ଆଗରେ ଚାଷୀଙ୍କ ଧାରଣା

ସାକ୍ଷୀଗୋପାଳ ,(ସବ୍ୟୁ): ବୁଲା ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉପଦ୍ରବରେ ଫସଲ ନଷ୍ଟ ହେଉଥିବା ଅଭିଯୋଗ କରି ବଳପୁର ପଞ୍ଚାୟତର ଶହ ଶହ ଚାଷୀ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ପୂର୍ବରୁ ଗତ ୧୫ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ରେ ଏହି ଚାଷୀମାନେ ଏନେଇ ସତ୍ୟବାଦୀ ଥାନାରେ ଷଣ୍ଢ, ବୁଲା ଗୋରୁ ଓ ଅଣ୍ଡିରା ବାଛୁରୀ ମାନଙ୍କ ବିରୋଧରେ ସତ୍ୟବାଦୀ ଥାନାରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ। ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳରେ ଗୋଚର ଜମି, ସରକାରୀ ଜମି ଓ ଦଣ୍ଡା ଆଦିର ଜବରଦଖଲ ଯୋଗୁଁ ବୁଲା



ଗୋରୁଙ୍କ ପାଇଁ ଚରିବା ସ୍ଥାନ ବା ଚାରଣ ଭୂମି ଆଉ ନାହିଁ । ଫଳରେ ଷଣ୍ଢ ଓ ଅଣ୍ଡିରା ବାଛୁରୀମାନେ ଚାଷ ଜମିରେ ପଶି ବିରି, ମୁଗ ଭଳି ରବି ଫସଲ ସମେତ ବର୍ତ୍ତମାନର ଧାନ ଫସଲ ନଷ୍ଟ କରୁଛନ୍ତି। ଫସଲକୁ ସୁରକ୍ଷା ଦେବା ପାଇଁ ଚାଷୀମାନଙ୍କୁ ରାତିଦିନ ଜଗିବାକୁ ପଡୁଥିବା ସେମାନେ କହିଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଥିଲେ। ପୂର୍ବାହ୍ନରେ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା ଆନ୍ଦୋଳନରତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ମାତ୍ର ବିଡିଓ ଦେବାଶିଷ ନାୟକ ଅନୁପସ୍ଥିତ ଥିବାରୁ ଚାଷୀମାନେ ଦୀର୍ଘ ସମୟ ଧରି ବ୍ଲକ ପରିସରରେ ଧାରଣାରେ ବସି ରହିଥିଲେ। ପରେ ଅପରାହ୍ନରେ ବିଡିଓ ଦେବାଶିଷ ନାୟକ, ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଓ ବ୍ଲକ ପଶୁଧନ ଅଧିକାରୀ ମୌସୁମୀ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ଗୋଶାଳା ଓ ସେଚ୍ଛାସେବୀ ସଂଗଠନ ସହ ଆଲୋଚନା କରି ୪ ଦିନ ମଧ୍ୟରେ ଚାଷୀଙ୍କ ଫସଲ ସୁରକ୍ଷା ଦିଗରେ ପଦକ୍ଷେପ ନିଆଯିବା ସହ ଷଣ୍ଢ ଓ ବାଛୁରୀମାନଙ୍କୁ ସ୍ଥାନାନ୍ତରଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣା ଓ ବିକ୍ଷୋଭ ପ୍ରତ୍ୟାହାର କରିଥିଲେ। ବଳପୁର ପଞ୍ଚାୟତର ଶତାଧିକ ଚାଷୀ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ।

## କିଡନୀ ରୋଗରେ ମହିଳାଙ୍କର ମୃତ୍ୟୁ

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଧୀନ ମାନପୁର ଗ୍ରାମ ଆଦିବାସୀ ସାହିର ବିଧବା ମହିଳା କୁମାରୀ ନାୟକ (୩୦) ଗତ କିଛି ମାସ ଧରି କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ।ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଗୁରୁବାର ଦିନ ତାଙ୍କର ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି।ମୃତ କୁମାରୀଙ୍କ ସ୍ୱାମୀ ଗତିକୃଷ୍ଣ ନାୟକ ଏଥି ପୂର୍ବରୁ ମୃତ୍ୟୁ ବରଣ କରିଥିଲେ। ପିତାମାତାଙ୍କୁ ହରାଇ ଭାଙ୍ଗି ପଡିଥିବା ପୁଅ ଓ ଝିଅଙ୍କୁ ଆନୁସଙ୍ଗିକ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ବନ୍ଧୁକ ଦେଖାଇ ଧମକପୂର୍ଣ୍ଣ ରିଲସ୍ : ଜେଲ ଗଲେ ଯୁବକ



ନୟାଗଡ଼, (ସବ୍ୟୁ): ନୟାଗଡ଼ ସହରର ଜଣେ ୟୁଟୁବର ମୌର୍ଯ୍ୟମଣି ଜୈତ୍ରଦେବ ଜେନା ହାତରେ ବନ୍ଧୁକ ଧରି ନାନା ଅଶାଳୀନ ଭାଷାରେ ଧମକପୂର୍ଣ୍ଣ ରିଲସ୍ ପ୍ରସାର କରି ଏବେ ବିଚାରବିଭାଗୀୟ ହାଜତରେ ବନ୍ଦି ହୋଇଛନ୍ତି ମୌର୍ଯ୍ୟମଣି ଏକ ରିଲସ୍‌ରେ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା, ବେଆଇନ ଅସ୍ତ୍ର ପାଖରେ ରଖିବା ଏବଂ ଅଶାଳୀନ ଭାଷାଯୁକ୍ତ ଭିଡ଼ିଓ ପ୍ରସ୍ତୁତ କରି ତାହାକୁ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଅପରାଧରେ ପୋଲିସ୍ ମୌର୍ଯ୍ୟମଣିଙ୍କୁ ଗିରଫ କରିଥିଲା। ପୂର୍ବରୁ ସାମାଜିକ ଗଣମାଧ୍ୟମରେ ନାନା ଅଶାଳୀନ ଭାଷାଯୁକ୍ତ ରିଲସ୍ ରେ ମୌର୍ଯ୍ୟମଣି ବିଭିନ୍ନ ବ୍ୟକ୍ତିବିଶେଷ ଓ ରାଜନୈତିକ ନେତାଙ୍କ ଚରିତ୍ର ସଂହାର କରି ବେଶ ଚର୍ଚ୍ଚାରେ ରହିଥିଲେ। ଏଥିପାଇଁ ଅନେକ ତାଙ୍କୁ କଟୁ ସମାଲେଚନା ମଧ୍ୟ କରୁଥିଲେ। ନିକଟରେ ମୌର୍ଯ୍ୟମଣି ହାତର ଦୁଇଟି ବନ୍ଧୁକ ଧରି ସାମାଜିକ ଗଣମାଧ୍ୟମର ସମାଲୋଚକମାନଙ୍କୁ ଧମକାଉଥିବାର ଭିଡ଼ିଓ ତା'ଙ୍କ ସୋସିଆଲ ଆକାଉଣ୍ଟରେ ଦେଖାଯାଇଥିଲା। ଏହାକୁ ଗୁରୁତ୍ୱ ଦେଇ ନୟାଗଡ଼ ପୋଲିସ୍ ସ୍ୱତଃ ମାମଲା ରୁଜୁ କରି ନୟାଗଡ଼ ହାଉସିଙ୍ଗ ବୋର୍ଡ କଲୋନୀ ନିବାସୀ ବିଭୁତି ଭୂଷଣ ଜେନାଙ୍କ ପୁତ୍ର ୟୁଟୁବର ମୌର୍ଯ୍ୟମଣିଙ୍କୁ ଭୁବନେଶ୍ୱର ଉପକଣ୍ଠ ଯାଆଁଳା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ ଘରୁ ଗୋଟିଏ ପିସ୍ତଲ, ଗୋଟିଏ ରାଇଫଲ

# ମା ଭଗବତୀଙ୍କ ଶାରଦୀୟ ପାର୍ବଣ ଶୁଭାରମ୍ଭ
# ଚିଲିକା ହ୍ରଦରେ ପାଣିତୋଳା , ଆସିଲା କାଳିଜାଇଙ୍କ ଆଜ୍ଞାମାଳ

ବାଲୁଗାଁ ,(ସବ୍ୟୁ): ପ୍ରତିବର୍ଷ ପରି ଚଳିତ ବର୍ଷ ଭାଦ୍ର ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଶୁକ୍ରବାର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ଶାରଦୀୟ ପାର୍ବଣ ପରମ୍ପରାର ଶୁଭାରମ୍ଭ ହୋଇଛି । ଏହି ଉପଲକ୍ଷେ ତଥାକଥିତ ଭଉଣୀ ମା କାଳିଜାଇଙ୍କୁ ନିମନ୍ତ୍ରଣ ସ୍ୱରୂପ ଶୁକ୍ରବାର ସନ୍ଧ୍ୟାରେ ।ଲୁଗାଁ ନିକଟସ୍ଥ ଚିଲିକା ହ୍ରଦ ମଧ୍ୟରେ ମା ଭଗବତୀ ଓ ମା କାଳିଜାଇଙ୍କ ପାଣିତୋଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଠାରୁ ମା କାଳିଜାଇଙ୍କ ଆଜ୍ଞାମାଳ ନେଇ ମା ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ବାଣପୁର ସ୍ଥିତ ସ ଆସ୍ଥାନ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।ସୂଚନା ଥାଉ କି, ଶାରଦୀୟ ପାର୍ବଣ ନିମନ୍ତେ ପୂର୍ବରୁ



ତଥା କଥିତ ୫ ଭଉଣୀ ବିଭିନ୍ନ ତିଥିରେ ନିମନ୍ତ୍ରିତ ହୋଇସାରିଛନ୍ତି ।ଶୁକ୍ରବାର ଅପରାହ୍ନରେ ମା ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ଘଣ୍ଟ, ବାଦ୍ୟ, କାହାଳି ,ପାଟ ପଟୁଆର ସହ ବାଣପୁର ମନ୍ଦିରରୁ ବାହାରି ସନ୍ଧ୍ୟାରେ ବାଲୁଗାଁରେ ପହଞ୍ଚି ଥିଲେ । ସ୍ଥାନୀୟ ପାଟଣା ସାହି ସ୍ଥିତ ମା ଜାଗୁଳାଇ ମନ୍ଦିରରେ କିଛି ସମୟ ବିଶ୍ରାମ ନେଇ ଚିଲିକା ତଟରେ ପହଞ୍ଚିଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ଏକ ସୁସଜ୍ଜିତ ବୋଇତରେ ମା ଙ୍କୁ ବିରାଜମାନ କରାଯାଇ ଚିଲିକା ବକ୍ଷକୁ ନିଆଯାଇଥିଲା ।ସେପଟୁ ଅନ୍ୟ ଏକ ଡ଼ଙ୍ଗାରେ ମା କାଳିଜାଇଙ୍କ ଆଜ୍ଞାମାଳ ଆସିବା ପରେ ଚିଲିକା ହ୍ରଦର ମଧ୍ୟ ଭାଗରେ ପାରମ୍ପରିକ ରୀତିରେ ପାଣିତୋଳା ଉତ୍ସବ ଆରମ୍ଭ ହୋଇଥିଲା । ଏହି ସମୟରେ ଘଣ୍ଟ ଘଣ୍ଟା,କାହାଳି, ଏବଂ ହରିବୋଲ ଧ୍ୱନି ରେ ପ୍ରକମ୍ପିତ ହୋଇଉଠିଥିଲା ଚିଲିକା ବକ୍ଷ । ସମସ୍ତ ପୂଜା ରୀତିନୀତି ସମାପନ ପରେ ଶାରଦୀୟ ପାର୍ବଣ ନିମନ୍ତେ ନିମନ୍ତ୍ରଣ ସ୍ୱରୂପ ମା କାଳିଜାଇଙ୍କ ଆଜ୍ଞାମାଳ ନେଇ ମା ଭଗବତୀଙ୍କ କାଠି ଠାକୁରାଣୀ ବାଲୁଗାଁ ଚିଲିକା କୂଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବିଳମ୍ବିତ ରାତ୍ରିରେ ମା କାଠି ଠାକୁରାଣୀ ବାଲୁଗାଁ ସ୍ଥିତ ସାମନ୍ତରା ପୁର, ଗୁଣ୍ଡୁରୁପୁର, ପାଟଣା ସାହି, ଅନ୍ତର କିଆରୀ ଗ୍ରାମ ଏବଂ ବିଷରପାଟଣାରେ ଭୋଗ ସାରି ବାଣପୁର ସ୍ଥିତ ନିଜସ୍ୱ ମନ୍ଦିରକୁ ଫେରିଛନ୍ତି ।ବାଲୁଗାଁ ଏସଡିପିଓ ସଞ୍ଜୟ ପଟ୍ଟନାୟକ, ବାଣପୁର ଥାନା ଆଇ ଆଇ ସି ଜୟ ପ୍ରକାଶ ପରିଡା ଏବଂ ବାଲୁଗାଁ ଆଇ ଆଇ ସି ଶ୍ରଦ୍ଧା ନାୟକଙ୍କ ତତ୍ତ୍ୱାବଧାନରେ ବ୍ୟାପକ

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ, ଆଇନମନ୍ତ୍ରୀଙ୍କ ଦୀପଦାନ

କୁହୁଡ଼ି,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୬ତମ ଜନ୍ମଦିନ ଅବସରରେ ଖୋରଧା ଜିଲ୍ଲାର ଚିଲିକା ନିର୍ବାଚନ ମଣ୍ଡଳୀର ଗମ୍ଭାରୀମୁଣ୍ଡା ଗ୍ରାମ ନିକଟସ୍ଥ ଗୋଡିଝର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଦଳର କାର୍ଯ୍ୟକର୍ତ୍ତା, ମାତୃଶକ୍ତି ଓ ଗୋଡ଼ିଝର ଗ୍ରାମବାସୀଙ୍କ ସହ 'ଆଶୀର୍ବାଦ ଦୀପ' ପ୍ରଜ୍ୱଳନ କରି ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ, ନିରାମୟ ଓ ସୁସ୍ଥ ଜୀବନ କାମନା କରିବା ସହ ନିରନ୍ତର ଦେଶବାସୀଙ୍କ ସେବା କରିବା ପାଇଁ ଅପାର ଶକ୍ତି ପ୍ରଦାନ କରିବା ପାଇଁ ପ୍ରାର୍ଥନା ଠାକୁରଙ୍କ ନିକଟରେ ପ୍ରାର୍ଥନା କରିଥିଲେ



ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ । 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଗାଁର ମା', ଭଉଣୀ ଓ ଗ୍ରାମବାସୀଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ପାଳନ କରିବା ମୋ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ଆଇନମନ୍ତ୍ରୀ କହିଛନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦରେ 'ସମୃଦ୍ଧ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନର ମହାନ ସଂକଳ୍ପକୁ ସାକାର କରିବା ପାଇଁ ଆମକୁ ନିରନ୍ତର ପ୍ରେରଣା, ଶକ୍ତି ଓ ଆଶୀର୍ବାଦ ମିଳୁ ବୋଲି ଆଇନମନ୍ତ୍ରୀ କହିଛନ୍ତ

## ପାଣିରେ ବୁଡ଼ି ନାବାଳକର ମୃତ୍ୟୁ

କଣ୍ଟାପଡ଼ା, (ସବ୍ୟୁ): ଓଲଟପୁର ଥାନା ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଅଜିତକୁମାର ଭୋଇଙ୍କ ନାବାଳକ ପୁଅ ସୂର୍ଯ୍ୟକାନ୍ତ ଭୋଇ (୧୦)ର ପାଣିରେ ବୁଡ଼ି ଅକାଳ ମୃତ୍ୟୁ ହୋଇଛି। ସେ ଘର ପଛ ପଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲାବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲା। ପରିବାର ଲୋକେ ତାକୁ ଉଦ୍ଧାର କରି ପ୍ରଥମେ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ଶ୍ରୀଶ୍ରୀ ରାଧା ଜନ୍ମୋତ୍ସବ ୨୦୨୬ ଦ୍ୱିତୀୟ ସନ୍ଧ୍ୟା

ସାକ୍ଷୀଗୋପାଳ ,(ସବ୍ୟୁ): ପ୍ରଭୁ ସାକ୍ଷୀଗୋପାଳ ଓ ମା' ରାଧାରାଣୀଙ୍କ ଶାଶ୍ୱତ ପ୍ରେମର ସ୍ମୃତି ବହନ କରୁଥିବା ଶ୍ରୀ ଶ୍ରୀ ରାଧାଷ୍ଟମୀ ଉତ୍ସବ -୨୦୨୬ ଅବସରରେ ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ଭଜନ ସମାରୋହ କମିଟି ପକ୍ଷରୁ ଆୟୋଜିତ ଭକ୍ତି ଓ ସଂସ୍କୃତିକ କାର୍ଯ୍ୟକ୍ରମର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ । ସକାଳୁ ଧାର୍ମିକ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିବା ଉତ୍ସବ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ରଙ୍ଗରେ ରଙ୍ଗାଇ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟ ଓ ସଙ୍ଗୀତର ଆସର ଜମିଥିବାବେଳେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ। ସକାଳ ୯ଟାରେ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଦିନ ୧୧ଟାରେ ରଙ୍ଗୋଲି ଓ କୁଇଜ ପ୍ରତିଯୋଗିତା ହୋଇଥିବାବେଳେ ସାଢ଼େ ୧୨ଟାରେ ବାଳଗୋପାଳଙ୍କ ପ୍ରସାଦ ସେବା ଆୟୋଜିତ ହୋଇଥିଲା। ଅପରାହ୍ନ ୩ଟାରେ ସଙ୍ଗୀତ ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟା ୬ଟାରେ ମଞ୍ଚ ଉଦ୍ଘାଟନ ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।ମୁଖ୍ୟ ଅତିଥି ଭାବେ ସତ୍ୟବାଦୀର ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡ଼ା ଅନ୍ୟତମ ଅତିଥି ଭାବେ ଅନୁଷ୍ଠାନର ସମ୍ପାଦକ ଦିବାକର ମହାପାତ୍ର ଓ ସେବାୟତ ସଂଘ ସଭାପତି ବିଜୟ କୁମାର ମହାପାତ୍ର ଯୋଗ ଦେଇଥିଲେ।ଉତ୍ସବ ଅବସରରେ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୃତ୍ୟ ଓ ସଙ୍ଗୀତର ମନୋରମ ପରିବେଷଣ ଚାଲିଥିଲା ।

# ବିଦ୍ୟୁତ ଖୁଣ୍ଟିରେ କାର ପିଟି ହୋଇ କୋଣାର୍କ ଏନଏସି ଅଧକ୍ଷା ଆହତ



କୋଣାର୍କ ,(ସବ୍ୟୁ): ଶୁକ୍ରବାର ଅପରାହ୍ନରେ ସମୟରେ କୋଣାର୍କ - ଗୋପ ପୂର୍ତ୍ତ ବିଭାଗ ରାସ୍ତାର ବନାଖଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କୋଣାର୍କ ଏନଏସି ଅଧକ୍ଷାଙ୍କ ବ୍ୟକ୍ତିଗତ ଗାଡି ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି। ହେବା ଫଳରେ ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି ।କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ବନାଖଣ୍ଡି ସ୍ଥିତ ପ୍ରେଟୋଲ ଟାଙ୍କିରେ ତେଲ ପକାଇ ଏନଏସି କାର୍ଯ୍ୟାଳୟକୁ ଫେରୁଥିବା ବେଳେ ବନାଖଣ୍ଡି ଗ୍ରାମପଞ୍ଚାୟତ ସମ୍ମୁଖ ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ଅସାବଧାନତା ଯୋଗୁଁ ଏହି ଦୁର୍ଘଟଣା ଘଟିଛି ବୋଲି ସୂଚନା ମିଳିଛି। ଖବର ପାଇ କୋଣାର୍କ ଏନଏସି କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଆହତ ଅଧକ୍ଷା ସୁଶ୍ରୀ ତ୍ରିପାଠୀଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋପ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟଙ୍କ ସମେତ କାଉନସିଲର ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେଠାରେ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଅଧକ୍ଷା ତ୍ରିପାଠୀଙ୍କୁ ଭୁବନେଶ୍ୱର ସ୍ଥିତ ୬ ନମ୍ବର ହସ୍ପିଟାଲକୁ ପଠାଯାଇଛି।

## ଖୁଣ୍ଟୁଣୀ ଡାଳୁଆ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ, ମାଟି ତଳୁ ବାହାରିଲା ମଦ

ଆଠଗଡ଼,(ସବ୍ୟୁ) : କଟକ ଜିଲ୍ଲା ଖୁଣ୍ଟୁଣୀ ଡାଳୁଆ ସଂରକ୍ଷିତ ଜଙ୍ଗଲରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଚାଲିଥିବା ନେଇ ଖବର ପାଇ ଚଢ଼ାଉ କରିଛି ଖୁଣ୍ଟୁଣୀ ପୁଲିସ ।ଚଢ଼ାଉ ବେଳେ ଜଙ୍ଗଲ ଭିତରେ ମାଟି ତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଠାବ କରାଯାଇଥିଲା । ପ୍ରାୟ ୪ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ପ୍ରାୟ ୧୫୦ ଲିଟର ଦେଶୀ ମଦ ଜବତ କରିଛି ପୁଲିସ । ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଉପକରଣକୁ ମଧ୍ୟ ପୁଲିସ ଜବତ କରିଛି । ଜଙ୍ଗଲ ଭିତରେ ଦୀର୍ଘଦିନ ଧରି ଏହି ବେଆଇନ ଦେଶୀ ମଦ କାରବାର ଚାଲିଥିଲା କି ନାହିଁ, ସେନେଇ ତଦନ୍ତ ଆରମ୍ଭ ହୋଇଛି ।ଏହି ବେଆଇନ କାରବାର ପଛରେ କାହାର ହାତ ରହିଛି ଏବଂ ଏଥିରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବାକୁ ପୁଲିସ ଛାନଭିନ ଜାରି ରଖିଛି । ମଦ ମାଫିଆଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ମଧ୍ୟ ଜାରି ରହିଛି ।

# ମା' ନବମଲ୍ଲିକା ଯୁବକ ସଂଘର ସମ୍ବର୍ଦ୍ଧନା ମହୋତ୍ସବ

ଫୁଲନଖରା ,(ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମର ଡିଅସାହିରେ ପବିତ୍ର ଗଣେଶ ପୂଜା ଅବସରରେ ମା' ନବମଲ୍ଲିକା ଯୁବକ ସଂଘ ଆନୁକୂଲ୍ୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ମହୋତ୍ସବ ଓ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଲଳିତ କୁମାର ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଜୋନ-୪ ଏସିପି ଅମିତାଭ ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଟକ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ, ନିଆଳି ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ଭୋଇ, ବରିଷ୍ଠ ସମାଜସେବୀ ଇଂ ସୁଶାନ୍ତ କୁମାର ତ୍ରିପାଠୀ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ପ୍ରାକ୍ତନ ସରପଞ୍ଚ ନରୋତ୍ତମ ପାତ୍ର, ଯୁବ ସଂଗଠକ ଶୋଭନ ମହାପାତ୍ର, ଯୁବ



ନେତା କଳ୍ପତରୁ ଖୁଣ୍ଟିଆ, ନଳିନୀକାନ୍ତ ପଟ୍ଟନାୟକ, ବିଲଡର୍ସ ଲକ୍ଷ୍ମଣ ଖଟୁଆ, ବିଲଡର୍ସ କିଶୋର କୁମାର ଜେନା, ଶ୍ରୀତମ ମହାନ୍ତି, ଅମିୟ ମହାପାତ୍ର, ବିପ୍ଳବ ଯାଦବ, ଅଜୟ କୁମାର ବେଉରା, ବରଦା ପ୍ରସାଦ ବେଉରା, ଶୈଳଜାନନ୍ଦ ସାହୁ, ଘନଶ୍ୟାମ ମହାନ୍ତି, ଧୀରେନ୍ଦ୍ର ନାଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।ଏହି ଅବସରରେ 'ପୂଜ୍ୟ ପୂଜା ସମ୍ମାନ' ପ୍ରଦାନ କରାଯାଇ ଅତିଥିମାନଙ୍କ ସମେତ ଅଞ୍ଚଳର ଶିକ୍ଷାବିତ ସାମ୍ବାଦିକ, ସମାଜସେବୀ, ଯୁବ ନେତା, ରାଜନେତା ଓ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଭା ଓ ଅବଦାନ ମାଧ୍ୟମରେ ସମାଜ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନ ଓ ସମ୍ବର୍ଦ୍ଧନା ମାଧ୍ୟମରେ ସମାଜର ପ୍ରତିଭାବାନ ଓ କର୍ମନିଷ୍ଠ ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ସହ ଯୁବପିଢ଼ିଙ୍କ ମନରେ ସେବା, ସମାଜ ପ୍ରତି ଦାୟିତ୍ୱ ଓ ମାନବିକତାର ଭାବନା ଜାଗ୍ରତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଶେଷକରି ଯୁବକମାନଙ୍କ ଦ୍ୱାରା ଏଭଳି ଶୃଙ୍ଖଳିତ ଓ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ ଆଗାମୀ ପିଢ଼ି ପାଇଁ ଏକ ଉତ୍ସାହଜନକ ବାର୍ତ୍ତା ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।ପୂଜାର କର୍ତ୍ତା ଗଣେଶ ବେଉରା, କମିଟିର ସଭାପତି ଦିବ୍ୟଜ୍ୟୋତି ବେଉରା ଓ ସମ୍ପାଦକ ଦିବ୍ୟଦ୍ୟୁତି ବେଉରାଙ୍କ ସମେତ ଅରଜିତ ବେଉରା, ହିମାଂଶୁ ଶେଖର ଜେନା, ରତିରଞ୍ଜନ ବେଉରା, ବିସାଜ ବେଉରା, ଚିନ୍ମୟ ବେଉରା, ତେଜନାରାୟଣ ବେଉରା, ସୌମ୍ୟକାନ୍ତ ବେଉରା, ରାକେଶ ବେଉରା, ରାଜେଶ ବେଉରା ପ୍ରମୁଖ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଆହୁରି ରଙ୍ଗାରଙ୍ଗ କରିଥିଲା ଲକ୍ଷେଶ୍ୱର ଭଜନ ସନ୍ଧ୍ୟା ଆନୁକୂଲ୍ୟରେ ଆୟୋଜିତ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ। ଭଜନ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ ପରିବେଷଣରେ ଡିଅସାହିର ପରିବେଶ ଉତ୍ସବମୁଖର ହୋଇଉଠିଥିଲା

## ପ୍ରମୋଦ ଡ଼ାଙ୍ଗ କଣ୍ଟିଲୋ ଫାଣ୍ଡି ଅଧିକାରୀ



କଣ୍ଟିଲୋ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ଥାନା ଅନ୍ତର୍ଗତ କଣ୍ଟିଲୋ ଫାଣ୍ଡିର ନୂତନ ଅଧିକାରୀ ରୂପେ ଯୋଗଦେଇଛନ୍ତି ପ୍ରମୋଦ କୁମାର ଡ଼ାଙ୍ଗ । ପ୍ରାୟ ୨ମାସ ଖାଲି ପଡିବା ପରେ ଗୁରୁବାର ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି ।ପ୍ରଥମେ ସେ ନୀଳମାଧ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ପ୍ରାଥମିକତା ହେବ ବୋଲି ଶ୍ରୀ ଡ଼ାଙ୍ଗ କହିଛନ୍ତି ।

# ଜଂକିଆ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟା
# ଦର୍ଶକଙ୍କ ମନ ମୋହିଲା ପୁରୀ ରଙ୍ଗଶାଳା ସାହି ନାଗାଯାତ

ନିରାକାରପୁର,(ସବ୍ୟୁ): ଖୋରଧା ଜିଲ୍ଲା ଜଂକିଆ ବାଲିଗାଡିଆ ଓମ ଶ୍ରୀ ଗ୍ରୁପ ଦ୍ୱାରା ସ୍ଥାନୀୟ ବାସନ୍ତୀ ପଡ଼ିଆରେ ଆୟୋଜିତ ୧୫ ତମ ଜଂକିଆ ପଲ୍ଲୀ ଉତ୍ସବ-୨୦୨୬ର ପଞ୍ଚମ ସନ୍ଧ୍ୟା ଶୁକ୍ରବାର ଦିନ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ଆୟୋଜିତ ସଭାରେ ୧ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳାଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରୁଦ୍ରଭାନୁ ନରେନ୍ଦ୍ରଜି ସିଂହ ଏବଂ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ପଲ୍ଲୀ ଉତ୍ସବର ଆଭିମୁଖ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓମ ଶ୍ରୀ ଗ୍ରୁପର



ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ଓ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ସଭା ପରିଚାଳନା କରିଥିଲେ। କମଲେଶ ମହାପାତ୍ର ଓ ଅଶ୍ୱିନୀ ମହାନ୍ତି ମଞ୍ଚ ଉପସ୍ଥାପନା କରିଥିଲେ। ସଭା କାର୍ଯ୍ୟ ଶେଷ ହେବା ପରେ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ପୁରୀର 'ରଙ୍ଗଶାଳା', ବଲାଙ୍ଗୀରର 'ଦୟାଳ ଡାନ୍ସ ଗ୍ରୁପ' ଏବଂ ଖୋର୍ଦ୍ଧା 'ସାଇ ପାପୁଲାର ଗ୍ରୁପ' ଦ୍ୱାରା ମନମୁଗ୍ଧକର ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଶହ ଶହ ଦର୍ଶକ ଉପସ୍ଥିତ ରହି ଏହି ସାଂସ୍କୃତିକ ସନ୍ଧ୍ୟାର ଭରପୂର ଆନନ୍ଦ ନେଇଥିଲେ।

# ଶୋଚନୀୟ ଝାରପଡା ଗ୍ରାମ୍ୟରାସ୍ତା ମରାମତି କଲେ ଗାଁ ଯୁବକ

ଡେଲାଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ରେଙ୍ଗଳ ପଂଚାୟତ ଅର୍ନ୍ତଗତ ଝାରପଡା ଗ୍ରାମ୍ୟ ରସ୍ତା ଏବେ ଶୋଚନୀୟ ହୋଇପଡିଛି । ଯାହାଫଳରେ ଏହି ରାସ୍ତା ଉପରେ ଯାତାୟତ କରୁଥିବା ଗ୍ରାମର ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ କରିଛନ୍ତି । ଝାରପଡା ଗ୍ରାମରେ ୨୬୮ ପରିବାରର ପ୍ରାୟ ୧୭ଶହ ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ



।ସ୍ୱାଧୀନତାର ୮୦ ବର୍ଷ ବିତି ଯାଇଥିଲେ ସୁଧା ଏହି ଗ୍ରାମକୁ ଆଜି ପର୍ଯ୍ୟନ୍ତ ଢଳେଇ ରାସ୍ତାଟିଏ ନାହିଁ । ବରପଦା ଠାରୁ ଝାରପଡା ପ୍ରାୟ ଅଢେଇ କିମି ରାସ୍ତା ହୋଇଥିବା ବେଳେ ସ୍କୁଲ,କଲେଜର ଛାତ୍ରଛାତ୍ରୀ ,ବ୍ଲକ ଓ ତହସିଲକୁ ଜନସାଧାରଣ ଏବଂ ମେଡିକାଲକୁ ଆମ୍ବୁଲାନ୍ସ ଯୋଗେ ରୋଗୀଟିଏ ନେବା ଏହି ରାସ୍ତା ଉପରେ କଷ୍ଟକର ହୋଇପଡିଛି । କିନ୍ତୁ ନିର୍ବାଚନ ଆସିଲେ ନେତାମାନେ ଭୋଟ ମାଗିବା ପାଇଁ ଗ୍ରାମକୁ ଦୌଡି ଆସିଥାନ୍ତି । ଏବଂ ପ୍ରତିଶୃତି ଦିଅନ୍ତି । ଭୋଟରେ ଜିତିବା ପରେ ଏହି ରାସ୍ତା ନିର୍ମାଣ କାମ ଆଗ କରିବା ପାଇଁ । ତେବେ ପ୍ରତିଶୃତି ପାଣିର ଗାର ହୋଇ ଯାଇଛି । ପୂର୍ବ ସରକାରର ୨୪ ବର୍ଷ ଏବଂ ନୂତନ ସରକାରକୁ ଅଢେଇ ବର୍ଷ ବିତିଯାଇଥିଲେ ସୁଧା ଗ୍ରାମବାସୀ ନେତାଙ୍କ ଠାରୁ ପ୍ରଶାସନ ପର୍ଯ୍ୟନ୍ତ ଢଳେଇ ରାସ୍ତାଟିଏ ନିର୍ମାଣ ପାଇଁ ଦୌଡି ଦୌଡି ନୟାନ୍ତ ହୋଇ ନିରାଶ ହୋଇ ପଡିଛନ୍ତି । ଶେଷରେ ଗ୍ରାମର ମହାବୀର ସେନାର ଯୁବକ ସାଥୀମାନେ ରାମଲିଳା ନାଟ୍ୟ ପରିଷଦ ବଳକା ଟଙ୍କାରେ ରାସ୍ତାରେ ମୋରମ ପକାଇ ରାସ୍ତା କାମ ହାତକୁ ନେଇଛନ୍ତି । ତାଙ୍କର ଏହି ମହତ୍ୱପୂର୍ଣ୍ଣ ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ସେମାନଙ୍କୁ ଚାରିଆଡୁ ପ୍ରଶଂସା କରାଯାଇଛି । କିନ୍ତୁ ଜିଲ୍ଲା ଓ ବ୍ଲକ ପ୍ରଶାସନର ଏହି ଅବହେଳା ନୀତି ପାଇଁ ସବୁଠି ସରକାର ସମାଲୋଚିତ ହୋଇଛନ୍ତି । ସ୍ଥାନୀୟ ବିଧାୟକ ହୁଅନ୍ତୁ କି ଜିଲ୍ଲାପାଳ ଏହି ଗ୍ରାମର ଢଳେଇ ରାସ୍ତା ନିର୍ମାଣ ପାଇଁ ଯଥାଶିଘ୍ର ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି।

# ଭଦ୍ରକରୁ ଅପହରଣ ନାବାଳିକା ଡେଲାଙ୍ଗରୁ ଉଦ୍ଧାର

ଡେଲାଙ୍ଗ,(ସବ୍ୟୁ): ଭଦ୍ରକ ଟାଉନଥାନା ଅଂଚଳରୁ ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ବେଳେ ଡେଲାଙ୍ଗ ପୋଲିସ ଶୁକ୍ରବାର ଦିନ ଉଦ୍ଧାର କରି ଭଦ୍ରକ ପୋଲିସକୁ ହସ୍ତାନ୍ତର କରିଛି । ଭଦ୍ରକ ଟାଉନଥାନାର ଜଗନ୍ନାଥପୁର ଗ୍ରାମରୁ ଉଦୟ ମୁର୍ମୁଙ୍କ ୭ ବାର୍ଷର ନାବାଳିକା ଝିଅକୁ କେହି ଅପହରଣ କରିଥିବା ପରିବାର ଲୋକେ ଭଦ୍ରକ ଟାଉନଥାନାରେ ଗତ ଅପ୍ରେଲ ୭ ତାରିଖରେ ଅଭିଯୋଗ କରିଥିଲେ ।ଭଦ୍ରକ ପୋଲିସ ଘଟଣାର ତଦନ୍ତ କରିବା ପରେ ନାବାଳିକାର ପିଉସି ଓ ପିଇସା ତାଙ୍କୁ ଅପହରଣ କରିଥିବା ଜାଣିବାକୁ ପାଇଥିଲେ ।ତେବେ ନାବାଳିକାକୁ ଭଦ୍ରକକୁ ଆଣି ଡେଲାଙ୍ଗରେ ଲୁଚାଇରଖିଥିବା ପୋଲିସ ଅନୁମାନ କରିଥିଲା । ଘଟଣା ସମ୍ପର୍କରେ ଅବଗତ ହେବା ପରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଡେଲାଙ୍ଗ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ଏଏସଆଇ ମହମଦ ଅଲେନୁର ଓ ଗୃହରକ୍ଷୀ ଶଶାଙ୍କ ଛାଟୋଇ ଏକାଧିକ ସ୍ଥାନରେ ଛଢାଉ କରିଥିଲେ । ତେବେ ଅରିସଲ ସନ୍ନିକଟ ବାରବାଟି ଠାରେ ଏକ ରାଇସ ମିଲରେ ବାହାର ଜିଲ୍ଲାର କେତେକ ଶ୍ରମିକ କାମ କରୁଥିବା ସ୍ଥାନୀୟ ପୋଲିସ ଖବର ପାଇଥିଲା । ଡେଲାଙ୍ଗ ପୋଲିସ ଘଟଣା ସ୍ଥଳରେ ଚଢାଉ କରି ୭ ବାର୍ଷର ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ପିଇସା ବୋନା ମୁଣ୍ଡା(୩୦) ଓ ପିଉସି କୁନି ମୁଣ୍ଡା (୨୫) ଉଠାଇ ଆଣିଥିଲା । ଭଦ୍ରକ ପୋଲିସକୁ ଯୋଗାଯୋଗ କରି ନାବାଳିକା ସହିତ ଅପହରଣକାରୀ ଦ୍ୱୟଙ୍କୁ ହସ୍ତାନ୍ତର କରାଯାଇଥିବା ପିପିଲି ଏସଡିପିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ସମ୍ପାଦକୀୟ

# ଜାତୀୟ ରାଜନୀତିରେ ତୃତୀୟ ସାମ୍ମୁଖ୍ୟ

'ଭାରତର ଜାତୀୟ ରାଜନୀତିକୁ ଏବେ ବିଜେପି ନେତୃତ୍ୱରେ ଏନ୍‌ଡିଏ ( ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ) ଓ କଂଗ୍ରେସ ନେତୃତ୍ୱରେ ଏବେ ଇଣ୍ଡିମେଣ୍ଟ ପ୍ରଭାବିତ କରି ଆସିଛି । ଏନ୍‌ଡିଏ ମେଣ୍ଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୀର୍ଘ ବାର ବର୍ଷାଧିକ କାଳ ଶାସନ କ୍ଷମତାରେ ରହିଥିବାବେଳେ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କେତେକ ବିରୋଧୀ ଦଳ ଇଣ୍ଡିମେଣ୍ଟରେ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବିଜେପି ଦଳକୁ ଦୃଢ଼ କରିବା ସହିତ ନିଜ ସରକାରକୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟଦ୍ୱାରା ଆକୃଷ୍ଟ କରିବାକୁ ଚାହୁଁଛନ୍ତି । ଅପରପକ୍ଷରେ କଂଗ୍ରେସ ନେତା ତଥା ବିରୋଧୀ ଦଳର ନେତା ରାହୁଲ ଗାନ୍ଧି କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ କଡାକଡି ଭାବେ ସମାଲୋଚନା କରି ବିକ୍ଷୋଭ ଓ ପଦଯାତ୍ରା ପରି ଅନେକ କାର୍ଯ୍ୟକ୍ରମ ଦ୍ୱାରା ଯୁବ ସମାଜର ଓ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଉଦ୍ୟମ କରୁଛନ୍ତି । ମାତ୍ର ଇଣ୍ଡିମେଣ୍ଟ ମଧ୍ୟରେ ଏବେ ଫାଟ ସୃଷ୍ଟି ହୋଇଛି, ତଦ୍ୱାରା କେତେକ ରାଜନୀତିକ ଦଳ ଏବେ ଇଣ୍ଡିମେଣ୍ଟରୁ ଓହରି ଯାଇ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

ନିକଟରେ ଦକ୍ଷିଣ ଭାରତର ଡିଏମ୍‌କେ ଦଳ ଇଣ୍ଡିମେଣ୍ଟରୁ ଓହରି ଆସି କଂଗ୍ରେସ ସମର୍ଥନ ବିନା ତୃତୀୟ ସାମ୍ମୁଖ୍ୟ ଗଠନ ସକାଶେ ଆଗ୍ରହ ପ୍ରକାଶ କରିଛି । ଡିଏମ୍‌କେ ଦଳର ଉପ- ସାଧାରଣ ସମ୍ପାଦିକା ତଥା ସାଂସଦ ଶ୍ରୀମତୀ କାନୀ ମୋଝୀ କରୁଣାନିଧି ଏହି ତୃତୀୟ ସାମ୍ମୁଖ୍ୟ ଗଠନ କରିବା ଉଦ୍ଦେଶ୍ୟରେ କଲକାତା ଗସ୍ତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଦଳର ପ୍ରତିଷ୍ଠାତା ମମତା ବାନାର୍ଜୀଙ୍କୁ ତାଙ୍କର କାଳିଘାଟସ୍ଥିତ ବାସଭବନରେ ଦେଖା କରି ଏ ବିଷୟରେ କଥାବାର୍ତ୍ତା ହୋଇଛନ୍ତି । ଶ୍ରୀମତୀ କାନୀ ମୋଝୀ ପରେ ମୁମ୍ବାଇ ଠାରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଏନ୍‌ସିପି- ଏସ୍‌ପିର ସାଂସଦ ସୁପ୍ରିୟା ସୁଲେଙ୍କୁ ଗତ କିଛିଦିନ ତଳେ ଭେଟି ଏ ସଂକ୍ରାନ୍ତରେ କଥାବାର୍ତ୍ତା କରିଛନ୍ତି ।

**ସେ ଯାହା ହେଉ, ଏନ୍‌ଡିଏ ଓ ଇଣ୍ଡିମେଣ୍ଟରୁ ପୃଥକ ହୋଇ, ତୃତୀୟ ସାମ୍ମୁଖ୍ୟ ଗଠନ କରିବା ଖୁବ୍ କଷ୍ଟ । ଯଦିଓ ଡିଏମ୍‌କେ ଦଳର ମୁଖ୍ୟ ଷ୍ଟାଲିନ ଓ ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ଦିଦିଙ୍କ ମଧ୍ୟରେ ରାଜନୀତିକ ସମ୍ପର୍କ ଭଲ ରହିଛି, ଏନ୍‌ସିପି-ଏସ୍‌ପି, ଡିଏମ୍‌କେର ଏହି ତୃତୀୟ ସାମ୍ମୁଖ୍ୟ ଗଠନ ବିଷୟରେ ସ୍ପଷ୍ଟ କିଛି ସୂଚନା ଦେଇ ନାହିଁ । ବିଜେଡି ପରି ଦଳର ଗୁରୁତ୍ୱ ଏବେ ହ୍ରାସ ପାଇଥିବାରୁ, ସମ୍ଭବତଃ ଡିଏମ୍‌କେ ଦଳ ବିଜେଡିର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ସହ ଏ ପର୍ଯ୍ୟନ୍ତ କଥାବାର୍ତ୍ତା ହୋଇ ନାହାନ୍ତି । ଆହୁରି ଅନେକ ରାଜନୀତିକ ଦଳ ସହ ଏହି ତୃତୀୟ ସାମ୍ମୁଖ୍ୟ ବିଷୟରେ କଥାବାର୍ତ୍ତା ହୋଇପାରି ନାହିଁ । ତେବେ ଦେଖାଯାଉ, ଡିଏମ୍‌କେ ତରଫରୁ ଉଦ୍ୟମ ଜାରି ରହିଥିବା ଏହି ତୃତୀୟ ସାମ୍ମୁଖ୍ୟ ସହଜରେ ଦାନା ବାନ୍ଧି ପାରୁଛି କି ନାହିଁ ।**

କାନି ମୋଝୀ ଓ ସେମାନଙ୍କ ମଧ୍ୟରେ ଯେଉଁ ସବୁ ବିଷୟରେ ଆଲୋଚନା ହୋଇଥିଲା, ସେଥିରେ ପ୍ରସ୍ତାବିତ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା ବୋଲି ଜାଣିବାକୁ ମିଳିଛି । କଂଗ୍ରେସର ନେତୃତ୍ୱକୁ ଛାଡି ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ପାରିବେ କି ନାହିଁ, ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଡିଏମ୍‌କେର କର୍ମକର୍ତ୍ତାମାନେ ସାଂସଦ ଶ୍ରୀମତୀ କାନୀ ମୋଝୀଙ୍କୁ ବିରୋଧୀ ଦଳଗୁଡ଼ିକ ସହିତ ସେହି ମର୍ମରେ କଥାବାର୍ତ୍ତା କରିବାକୁ ଦାୟିତ୍ୱ ଦେଇଥିବା କୁହାଯାଉଛି ।

ଲୋକସଭାରେ ଏବେ ଡିଏମ୍‌କେ ଦଳରୁ ୨୨ ଜଣ ଓ ରାଜ୍ୟସଭାର ୮ ଜଣ ଏହିପରି ୩୦ ଜଣ ସାଂସଦ ରହିଛନ୍ତି । ପୂର୍ବରୁ ଡିଏମ୍‌କେ କଂଗ୍ରେସ ନେତୃତ୍ୱରେ ଇଣ୍ଡିମେଣ୍ଟରେ ରହିଥିଲା । ପରେ ଡିଏମ୍‌କେ ଏହି ମେଣ୍ଟରୁ ସମ୍ପର୍କକୁ ଛିନ୍ନ କରିଥିଲା । ଏହାର କାରଣ ଥିଲା ତାମିଲନାଡୁରେ ଟିଭିକେ ସରକାର ।

ମମତା ବାନାର୍ଜୀ ଏବେ କଂଗ୍ରେସ ଦଳ ଉପରେ ଖୁବ୍ ଅସନ୍ତୁଷ୍ଟ ଅଛନ୍ତି । ଅବଶ୍ୟ ତୃଣମୂଳ କଂଗ୍ରେସର ପରାଜୟ ହେବା ପରେ ସେ ଶ୍ରୀମତୀ ସୋନିଆ ଗାନ୍ଧିଙ୍କୁ ଭେଟି ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପରିବର୍ତ୍ତିତ ପରିସ୍ଥିତିରେ କଂଗ୍ରେସ ସହିତ ମମତାଙ୍କର ଏବେ ଏତେ ଭଲ ପଡୁନାହିଁ । ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ଓ ରେଜିନଗର ବିଧାନସଭା ଉପ-ନିର୍ବାଚନରେ କଂଗ୍ରେସ ଦଳ ସହିତ ତାଙ୍କ ଦଳର ଆସନ ବୁଝାମଣା ଠିକ୍ ଭାବରେ ହୋଇ ପାରି ନଥିବାରୁ ମମତା ଦିଦି କୁଆଡେ କ୍ଷୁବ୍ଧ ।

ସେ ଯାହା ହେଉ, ଏନ୍‌ଡିଏ ଓ ଇଣ୍ଡିମେଣ୍ଟରୁ ପୃଥକ ହୋଇ, ତୃତୀୟ ସାମ୍ମୁଖ୍ୟ ଗଠନ କରିବା ଖୁବ୍ କଷ୍ଟ । ଯଦିଓ ଡିଏମ୍‌କେ ଦଳର ମୁଖ୍ୟ ଷ୍ଟାଲିନ ଓ ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ଦିଦିଙ୍କ ମଧ୍ୟରେ ରାଜନୀତିକ ସମ୍ପର୍କ ଭଲ ରହିଛି, ଏନ୍‌ସିପି-ଏସ୍‌ପି, ଡିଏମ୍‌କେର ଏହି ତୃତୀୟ ସାମ୍ମୁଖ୍ୟ ଗଠନ ବିଷୟରେ ସ୍ପଷ୍ଟ କିଛି ସୂଚନା ଦେଇ ନାହିଁ । ବିଜେଡି ପରି ଦଳର ଗୁରୁତ୍ୱ ଏବେ ହ୍ରାସ ପାଇଥିବାରୁ, ସମ୍ଭବତଃ ଡିଏମ୍‌କେ ଦଳ ବିଜେଡିର ମୁଖ୍ୟ ନବୀନ ପଟ୍ଟନାୟକଙ୍କ ସହ ଏ ପର୍ଯ୍ୟନ୍ତ କଥାବାର୍ତ୍ତା ହୋଇ ନାହାନ୍ତି । ଆହୁରି ଅନେକ ରାଜନୀତିକ ଦଳ ସହ ଏହି ତୃତୀୟ ସାମ୍ମୁଖ୍ୟ ବିଷୟରେ କଥାବାର୍ତ୍ତା ହୋଇପାରି ନାହିଁ । ତେବେ ଦେଖାଯାଉ, ଡିଏମ୍‌କେ ତରଫରୁ ଉଦ୍ୟମ ଜାରି ରହିଥିବା ଏହି ତୃତୀୟ ସାମ୍ମୁଖ୍ୟ ସହଜରେ ଦାନା ବାନ୍ଧି ପାରୁଛି କି ନାହିଁ ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫି



ମଧୁସୂଦନ ମିଶ୍ର

କେବେ କେବେ ଗୋଟିଏ ଛୋଟ ପ୍ୟାକେଟ୍ ମଧ୍ୟ ଗୋଟିଏ ସମଗ୍ର ଅଞ୍ଚଳର ଇତିହାସ, ପ୍ରକୃତି, ସଂସ୍କୃତି ଓ ଲୋକଙ୍କ ସ୍ୱପ୍ନକୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରେ । ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ ଅବସରରେ ଓଡ଼ିଶାର କୋରାପୁଟ କଫି ଏଭଳି ଏକ ଅଦ୍ୱିତୀୟ ଭୂମିକା ଗ୍ରହଣ କରିଛି । ଦେଶ-ବିଦେଶର ପ୍ରତିନିଧି, ମିଡିଆକର୍ମୀ ଓ ଅତିଥିମାନଙ୍କ ନିକଟକୁ କୋରାପୁଟର କଫି ପହଞ୍ଚିବା କେବଳ ଏକ କୃଷିଜାତ ଦ୍ରବ୍ୟର ପ୍ରଚାର ନୁହେଁ ଏହା ହେଉଛି ଓଡ଼ିଶାର ପ୍ରକୃତି, ଆଦିବାସୀ ଜୀବନ, ପାହାଡ଼ିଆ କୃଷି ଓ ନୂଆ ଗ୍ରାମୀଣ ଅର୍ଥନୀତିର ଏକ ସୁଗନ୍ଧିତ ପରିଚୟ ।

ଖବର ଅନୁସାରେ, ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରାୟ ୧,୫୦୦ ପ୍ୟାକେଟ୍ କୋରାପୁଟ କଫି, ପ୍ରତ୍ୟେକ ପ୍ୟାକେଟର ଓଜନ ୨୫୦ ଗ୍ରାମ, ନୂଆଦିଲ୍ଲୀ ପଠାଯାଇ ଥିଲା । ଆଦିବାସୀ ଉନ୍ନୟନ ସମବାୟ ନିଗମ, ଓଡ଼ିଶା (TDCCOL) ମାଧ୍ୟମରେ ଏହା ପହଞ୍ଚିଥିଲା । ଭାରତର ଆନ୍ତର୍ଜାତିକ କୂଟନୈତିକ ମଞ୍ଚରେ ଓଡ଼ିଶାର ଏକ ସ୍ଥାନୀୟ ଉତ୍ପାଦ ଏଭଳି ଗୁରୁତ୍ୱ ପାଇବା ରାଜ୍ୟ ପାଇଁ ନିଶ୍ଚିତଭାବେ ଗର୍ବର ବିଷୟ ।

କୋରାପୁଟକୁ ମନେ ପକାଇଲେ ଆମ ଆଖି ଆଗରେ ଆସିଯାଏ ସବୁଜ ପାହାଡ଼, ଘନ ଜଙ୍ଗଲ, ଝରଣା, ଉପତ୍ୟକା ଓ ସରଳ ଆଦିବାସୀ ଜୀବନ । ଦକ୍ଷିଣ ଓଡ଼ିଶାର ପୂର୍ବଘାଟ ପର୍ବତମାଳାର ଏହି ଅଞ୍ଚଳ ପ୍ରକୃତିର ଅପୂର୍ବ ଦାନରେ ସମୃଦ୍ଧ । ଏହି ପରିବେଶ ହିଁ କୋରାପୁଟକୁ କଫି ଚାଷ ପାଇଁ ଏକ ସ୍ୱତନ୍ତ୍ର ଭୌଗୋଳିକ ପରିଚୟ ଦେଇଛି ।

କଫି ଚାଷ ପାଇଁ ଉଚ୍ଚତା, ମଧ୍ୟମ ତାପମାତ୍ରା, ପ୍ରଚୁର ବର୍ଷା, ଭଲ ଜଳନିଷ୍କାସନ ଓ ଛାୟା ଅତ୍ୟନ୍ତ ଉପଯୁକ୍ତ । କୋରାପୁଟର ପାହାଡ଼ିଆ ଭୂମି ଏହି ସମସ୍ତ ପ୍ରାକୃତିକ ଉପାଦାନର ଏକ ସୁନ୍ଦର ସମନ୍ୱୟ ।

ଏଠାର ଥଣ୍ଡା ଓ ମନୋରମ ପରିବେଶ, ପାହାଡ଼ିଆ ଢାଲ, ଜୈବିକ ଉପାଦାନ ସମୃଦ୍ଧ ମାଟି ଏବଂ ବୃକ୍ଷ ଆବରଣ କଫି ଗଛର ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରେ ।

ବିଶେଷକରି ଆରାବିକା କଫି ପାଇଁ ଉଚ୍ଚଭୂମି ଓ ମଧ୍ୟମ ତାପମାତ୍ରା ଅନୁକୂଳ । କୋରାପୁଟର ପାହାଡ଼ିଆ ଅଞ୍ଚଳରେ ଏହି ପରିବେଶ ପ୍ରାକୃତିକ ଭାବେ ଉପଲବ୍ଧ ହେବା ଯୋଗୁଁ କଫିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ପାରିଛି ।

କୋରାପୁଟ କଫିର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ଏହାର ଛାୟାଭିତ୍ତିକ ଚାଷ ପ୍ରଣାଳୀ । କଫି ଗଛକୁ ଅତ୍ୟଧିକ ପ୍ରଖର ସୂର୍ଯ୍ୟକିରଣ ଆବଶ୍ୟକ ହୁଏ ନାହିଁ । ବଡ଼ ବୃକ୍ଷମାନଙ୍କ ଛାୟା ତଳେ କଫି ଗଛ ଭଲ ଭାବରେ ବଢ଼ିପାରେ ।

ଏହାର ଅର୍ଥ ହେଉଛି-କଫି ଚାଷ କେବଳ କୃଷି ନୁହେଁ ଏହା ବନ ଓ କୃଷିର ସହାବସ୍ଥାନର ଏକ ଉଦାହରଣ ହୋଇପାରେ ।

ପାହାଡ଼ିଆ ଅଞ୍ଚଳରେ ବୃକ୍ଷ ଆବରଣ ମାଟିକୁ କ୍ଷୟରୁ ରକ୍ଷା କରେ, ଆର୍ଦ୍ରତା ଧରି ରଖେ ଓ ସ୍ଥାନୀୟ ଜୈବ ବିବିଧତାକୁ ସୁରକ୍ଷା ଦେବାରେ ସହାୟକ ହୁଏ । ତେଣୁ ଠିକ୍ ପ୍ରଣାଳୀରେ କଫି ଚାଷ ଜୀବିକା ଓ ପରିବେଶ ସୁରକ୍ଷା-ଉଭୟକୁ ଏକାସାଙ୍ଗରେ ଆଗେଇ ନେଇପାରେ ।

ଏହି କାରଣରୁ କୋରାପୁଟ କଫିକୁ କେବଳ 'କଫି' ଭାବରେ ନଦେଖି ଏକ ସବୁଜ ଅର୍ଥନୀତିର ମଡେଲ୍ ଭାବେ ଦେଖିବାର ଆବଶ୍ୟକତା ରହିଛି ।

କୋରାପୁଟର ଗୋଟିଏ କଫି ବିନ୍‌ର ଯାତ୍ରା ଅତ୍ୟନ୍ତ ଦୀର୍ଘ । ଏହା ଆରମ୍ଭ ହୁଏ ପାହାଡ଼ ଢାଲରେ ଏକ ଛୋଟ ଚାରା ରୋପଣରୁ ।

ଚାରା ଲଗାଇବା ପରେ ଏହାର ଯତ୍ନ, ଛାୟା ପରିଚାଳନା, ମାଟିର ଉର୍ବରତା ରକ୍ଷା, ଜଳ ପରିଚାଳନା ଓ ରୋଗପୋକ ନିୟନ୍ତ୍ରଣ ଆବଶ୍ୟକ ହୁଏ । କିଛି ସମୟ ପରେ ଗଛରେ ଫୁଲ ଆସେ । ଫୁଲ ପରେ ଛୋଟ ସବୁଜ ଫଳ ଧୀରେ ଧୀରେ ବଢ଼ିଥାଏ ଏବଂ ପାଚିଲେ ଲାଲ୍ କଫି ଚେରିରେ ପରିଣତ ହୁଏ ।

**କୋରାପୁଟ ଦୀର୍ଘଦିନ ଧରି ଆଦିବାସୀ ଜନଜୀବନର ଏକ ପ୍ରମୁଖ କେନ୍ଦ୍ର । ଏଠାରେ ଜୀବିକା, ଜମି, ଜଙ୍ଗଲ ଓ ପାରମ୍ପରିକ କୃଷି ପରସ୍ପର ସହିତ ଗଭୀର ଭାବରେ ଜଡ଼ିତ । କଫି ଚାଷ ଯଦି ଠିକ୍ ଭାବରେ କରାଯାଏ, ତେବେ ଏହା ଆଦିବାସୀ ପରିବାରଙ୍କ ପାଇଁ ଏକ ଦୀର୍ଘମିଆଦୀ ଆୟର ଉତ୍ସ ହୋଇପାରେ ।**

ଏଠାରୁ ଆରମ୍ଭ ହୁଏ ଗୁଣବତ୍ତାର ଆଉ ଏକ ଅଧ୍ୟାୟ ।

ପାଚିଥିବା ଚେରିକୁ ଠିକ୍ ସମୟରେ ତୋଳିବା ଆବଶ୍ୟକ । ଅପରିପକ୍ୱ ଓ ଅତ୍ୟଧିକ ପାଚିଥିବା ଫଳକୁ ମିଶାଇ ଦେଲେ କଫିର ଗୁଣମାନ ପ୍ରଭାବିତ ହୋଇପାରେ । ତେଣୁ ହାତରେ ଚୟନ କରି ଭଲ ଚେରି ସଂଗ୍ରହ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ।

ତା'ପରେ ଆସେ ପ୍ରୋସେସିଂ, ଶୁଖାଇବା, ବିନ୍ ବାଛିବା, ଗ୍ରେଡିଂ, ରୋଷ୍ଟିଂ ଓ ପ୍ୟାକେଜିଂ । ଏହି ସମଗ୍ର ପ୍ରକ୍ରିୟାରେ ଯେତେ ଅଧିକ ବୈଜ୍ଞାନିକ ଦକ୍ଷତା ଓ ଗୁଣନିୟନ୍ତ୍ରଣ ଯୋଡ଼ାଯିବ, କୋରାପୁଟ କଫିର ବଜାରମୂଲ୍ୟ ସେତେ ବଢ଼ିବ ।

କୋରାପୁଟ କଫିର ସବୁଠାରୁ ବଡ଼ କାହାଣୀ ହେଉଛି ଏହାର ମାନବୀୟ କାହାଣୀ ।

କୋରାପୁଟ ଦୀର୍ଘଦିନ ଧରି ଆଦିବାସୀ ଜନଜୀବନର ଏକ ପ୍ରମୁଖ କେନ୍ଦ୍ର । ଏଠାରେ ଜୀବିକା, ଜମି, ଜଙ୍ଗଲ ଓ ପାରମ୍ପରିକ କୃଷି ପରସ୍ପର ସହିତ ଗଭୀର ଭାବରେ ଜଡ଼ିତ । କଫି ଚାଷ ଯଦି ଠିକ୍ ଭାବରେ କରାଯାଏ, ତେବେ ଏହା ଆଦିବାସୀ ପରିବାରଙ୍କ ପାଇଁ ଏକ ଦୀର୍ଘମିଆଦୀ ଆୟର ଉତ୍ସ ହୋଇପାରେ ।

ଏହାର ସଫଳତାର ମାପ କେବଳ କେତେ ଟନ୍ କଫି ଉତ୍ପାଦନ ହେଲା, ତାହା ନୁହେଁ । ପ୍ରକୃତ ସଫଳତା ହେବ-କଫି ଚାଷୀଙ୍କ ଆୟ କେତେ ବଢ଼ିଲା, ତାଙ୍କ ପରିବାରର ଜୀବନ ଧାରଣର ମାନ କେତେ ଉନ୍ନତ ହେଲା ଏବଂ ଯୁବପିଢ଼ି ନିଜ ଅଞ୍ଚଳରେ କେତେ ନୂଆ ରୋଜଗାର ସୁଯୋଗ ପାଇଲେ ।

ଆଦିବାସୀ ଚାଷୀଙ୍କୁ କେବଳ ଉତ୍ପାଦକ ଭାବେ ରଖିବା ପରିବର୍ତ୍ତେ ତାଙ୍କୁ ଉଦ୍ୟୋଗୀ, ପ୍ରୋସେସର୍, ବ୍ରାଣ୍ଡ ମାଲିକ ଓ ରପ୍ତାନିକାରୀ ଭାବେ ପ୍ରସ୍ତୁତ କରିବା ଆଗାମୀ ଦିନର ଲକ୍ଷ୍ୟ ହେବା ଉଚିତ ।

ବ୍ରିକ୍ସ ସମ୍ମିଳନୀରେ କୋରାପୁଟ କଫିର ଗୁରୁତ୍ୱ ରହିଥିଲା, ଏହା ଏକ ସାଧାରଣ କୃଷି ଉତ୍ପାଦ ଭାବରେ ନୁହେଁ, ବରଂ ଭାରତର ସ୍ଥାନୀୟରୁ ବିଶ୍ୱସ୍ତରକୁ ଯାତ୍ରା କରୁଥିବା ଉତ୍ପାଦର ପ୍ରତୀକ ଭାବେ ପ୍ରକାଶ ପାଇଛି ।

ଜଣେ ବିଦେଶୀ ପ୍ରତିନିଧି ଯେତେବେଳେ କୋରାପୁଟ କଫିର ଏକ କପ୍ ହାତରେ ନେବେ, ସେ କେବଳ କଫିର ସ୍ୱାଦ ନେବେ ନାହିଁ । ସେ ଅଜାଣତରେ ଓଡ଼ିଶାର ପାହାଡ଼, ଜଙ୍ଗଲ, ଆଦିବାସୀ ଚାଷୀ ଓ ପରିବେଶ ସହିତ ଏକ ସମ୍ପର୍କ ସ୍ଥାପନ କରିବେ ।

ଏହା ହେଉଛି କୂଟନୈତିକ ଶକ୍ତିର ଏକ ନରମ ଓ ସୁଗନ୍ଧିତ ରୂପ ।

ଏବେ ଆମ ସମ୍ମୁଖରେ ଥିବା ବଡ଼ ପ୍ରଶ୍ନ ହେଉଛି- ବ୍ରିକ୍ସରେ ମିଳିଥିବା ଏହି ପରିଚୟକୁ କିପରି ଏକ ସ୍ଥାୟୀ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ କରାଯିବ?

ଏଥିପାଇଁ ପ୍ରଥମେ 'କୋରାପୁଟ କଫି'ର ଏକ ସ୍ୱତନ୍ତ୍ର ମୌଳିକ ପରିଚୟ ଗଢ଼ିବା ଆବଶ୍ୟକ । ଚାଷ ଠାରୁ ଗ୍ରାହକଙ୍କ କପ୍ ପର୍ଯ୍ୟନ୍ତ ସମଗ୍ର ଯାତ୍ରାରେ ଗୁଣବତ୍ତାକୁ ସୁନିଶ୍ଚିତ କରାଯିବା ଦରକାର ।

ଆଧୁନିକ ପ୍ରୋସେସିଂ କେନ୍ଦ୍ର, କଫି ଗୁଣ ପରୀକ୍ଷାଗାର, ପ୍ରୟୋଗଶାଳା, ଉନ୍ନତ ସେକିବା ବ୍ୟବସ୍ଥା, ଆକର୍ଷଣୀୟ ପ୍ୟାକେଜିଂ ଓ ଡିଜିଟାଲ୍ ମାର୍କେଟିଂରେ ନିବେଶ କରାଯିବା ଆବଶ୍ୟକ ।

ବିଶେଷକରି ଯୁବ ଆଦିବାସୀମାନଙ୍କୁ କଫି ଉଦ୍ୟୋଗୀକରଣରେ ପ୍ରଶିକ୍ଷଣ ଦିଆଯାଇପାରେ । କେହି ଚାଷ କରିବେ, କେହି ପ୍ରୋସେସିଂ କରିବେ, କେହି ସେକିବା ଓ ବାନ୍ଧିବା କରିବେ, ଆଉ କେହି digital ବଜାର ଓ ରପ୍ତାନୀ ଦାୟିତ୍ୱ ନେବେ । ଏଭଳି ଏକ ସମ୍ପୂର୍ଣ୍ଣ ପଦ୍ଧତି ଗଢ଼ି ଉଠିଲେ କୋରାପୁଟରେ ନୂଆ ଅର୍ଥନୈତିକ ପରିସର ସୃଷ୍ଟି ହେବ ।

କୋରାପୁଟ କଫିକୁ ଆଉ ଏକ ବଡ଼ ସୁଯୋଗ ସହିତ ଯୋଡ଼ା ଯାଇପାରେ- ପାହାଡ଼ ମଝିରେ କଫି ବଗିଚା, ସ୍ଥାନୀୟ ଆଦିବାସୀ ଖାଦ୍ୟ, ହସ୍ତଶିଳ୍ପ, ଲୋକସଂସ୍କୃତି, ଝରଣା ଓ ପ୍ରକୃତିକୁ ନେଇ ଏକ ନୂଆ ପର୍ଯ୍ୟଟନ ମଡେଲ୍ ଗଢ଼ାଯାଇପାରେ ।

ଜଣେ ପର୍ଯ୍ୟଟକ କଫି ବଗିଚାକୁ ଯାଇ ଗଛରୁ କଫି ଚେରି ତୋଳିବେ, ପ୍ରୋସେସିଂ ଦେଖିବେ, ସ୍ଥାନୀୟ ଲୋକଙ୍କ ସହ କଥା ହେବେ ଏବଂ ଶେଷରେ ସେହି ପାହାଡ଼ ଉପରେ ଏକ କପ୍ ତାଜା କଫି ପିଇବେ-ଏହା ନିଜେ ଏକ ଅଦ୍ଭୁତ ଅନୁଭୂତି ହୋଇପାରେ ।

ଏହା କଫି ଚାଷୀଙ୍କ ଆୟ ବଢ଼ାଇବା ସହିତ ସ୍ଥାନୀୟ ଖାଦ୍ୟ, ହସ୍ତଶିଳ୍ପ ଓ ଯୁବ ଉଦ୍ୟମୀଙ୍କ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି କରିବ ।

ଓଡ଼ିଶା ଆଜି ତାହାର ପାରମ୍ପରିକ ପରିଚୟ ସହିତ ନୂଆ ଅର୍ଥନୈତିକ ପରିଚୟ ଗଢୁଛି । ମିଲେଟ୍, ହସ୍ତତନ୍ତ, ହସ୍ତଶିଳ୍ପ, ଜଙ୍ଗଲଜାତ ଦ୍ରବ୍ୟ ଓ ଆଦିବାସୀ ଉତ୍ପାଦ ସହିତ କୋରାପୁଟ କଫି ମଧ୍ୟ ଏହି ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହୋଇପାରେ ।

ବିଶ୍ୱ ବଜାରରେ ଆଜି ଗ୍ରାହକ କେବଳ ଏକ ଉତ୍ପାଦ କିଣିବାକୁ ଚାହୁଁନାହାନ୍ତି ସେ ଏ ସଂକ୍ରାନ୍ତୀୟ କାହାଣୀ ଜାଣିବାକୁ ଚାହାନ୍ତି । କୋରାପୁଟ କଫି ପାଖରେ ସେହି କାହାଣୀ ଅଛି-ପ୍ରକୃତିର କାହାଣୀ, ଆଦିବାସୀ ଚାଷୀଙ୍କ କାହାଣୀ, ପାହାଡ଼ର କାହାଣୀ ଓ ସ୍ଥାୟୀ ବିକାଶର କାହାଣୀ ।

ବ୍ରିକ୍ସ ଶିଖର ସମ୍ମିଳନୀରେ କୋରାପୁଟ କଫିର ଉପସ୍ଥିତି ହୁଏତ ଏକ ଛୋଟ ଘଟଣା ଭଳି ଦେଖାଯାଇପାରେ । କିନ୍ତୁ ଏହାର ଅର୍ଥ ଅନେକ ବଡ଼ । କୋରାପୁଟର ପାହାଡ଼ରେ ଜନ୍ମ ନେଉଥିବା ଏକ କଫି ଚେରି ଏବେ ନୂଆଦିଲ୍ଲୀର ଆନ୍ତର୍ଜାତିକ କୂଟନୈତିକ ମଞ୍ଚରେ ପହଞ୍ଚିଛି । ଏହା ଦେଖାଇ ଦେଇଛି ଯେ ଦୂର ପାହାଡ଼ ଅଞ୍ଚଳର ଏକ ସ୍ଥାନୀୟ ଉତ୍ପାଦ ମଧ୍ୟ ବିଶ୍ୱ ବଜାରରେ ନିଜର ସ୍ଥାନ ସୃଷ୍ଟି କରିପାରେ ।

ଆଜି ଯେତେବେଳେ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ସ୍ଥାୟୀ ବିକାଶ ଓ ସମାବେଶୀ ଅର୍ଥନୀତିର କଥା କହୁଛି, କୋରାପୁଟ କଫି ଆମକୁ ଏକ ସରଳ ବାର୍ତ୍ତା ଦେଉଛି-ପ୍ରକୃତିକୁ ସୁରକ୍ଷା ଦେଇ, ସ୍ଥାନୀୟ ଲୋକଙ୍କୁ ସଶକ୍ତ କରି ଓ ସ୍ଥାନୀୟ ଉତ୍ପାଦକୁ ବିଶ୍ୱ ବଜାର ସହିତ ଯୋଡ଼ି ପାରିଲେ ହିଁ ପ୍ରକୃତ ବିକାଶ ସମ୍ଭବ ।

କୋରାପୁଟର କଫିର ସୁଗନ୍ଧ ଏବେ ପାହାଡ଼ ଓ ଉପତ୍ୟକା ଅତିକ୍ରମ କରି ବିଶ୍ୱ ଦରବାରରେ ପହଞ୍ଚିଛି । ଏହା କେବଳ ଏକ କପ୍ କଫି ନୁହେଁ- ଏହା ଓଡ଼ିଶାର ପାହାଡ଼ରୁ ବିଶ୍ୱକୁ ଯାଉଥିବା ଆତ୍ମବିଶ୍ୱାସର ଏକ ସୁଗନ୍ଧିତ ବାର୍ତ୍ତା ।

କୋରାପୁଟର ପାହାଡ଼ରେ ଫୁଟିଥିବା କଫି ଫୁଲ, ଆଜି ବିଶ୍ୱ ମଞ୍ଚରେ ଓଡ଼ିଶାର ନୂଆ ପରିଚୟର ସୁଗନ୍ଧ ବିତରଣ କରୁଛି ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ )**

ମୋ-୯୯୩୭୮୯୬୧୮

# ତାଙ୍କର ରାତିରେ ସାହିତ୍ୟ, ଦିନରେ ରାଜନୀତି



ଶ୍ରୀଗୋବିନ୍ଦ

ଓଡ଼ିଶା ରାଜନୀତିରେ ଯେଉଁ କେତେଜଣ ରାଜନୀତରେ ଥାଇ ମଧ୍ୟ ସାହିତ୍ୟ, ସମାଜସେବା ଓ ନିର୍ଭୀକତାକୁ ଆଧାର କରି ଜୀବନକୁ ସାର୍ଥକ କରି ପାରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ ବିଷ୍ଣୁ ସେଠୀ । ଜଣେ ଟାଣୁଆ ନେତା ଭାବରେ କେବଳ ଉତ୍ତର ଓଡ଼ିଶା ନୁହେଁ, ଓଡ଼ିଶାର ଜଣେ ବିଚକ୍ଷଣ ରାଜନେତା ଭାବରେ ତଥା ରାଜ୍ୟ ବିଜେପିର ଜଣେ ଲୋକପ୍ରିୟ ନେତା ଭାବରେ ତାଙ୍କର ରହିଥିଲା ପରିଚିତି । ତାଙ୍କର ରାଜନୈତିକ ପତିଆରା ମଧ୍ୟ ବେଶ୍ ରହିଥିଲା । ଜଣେ ସ୍ପଷ୍ଟବାଦୀ, କର୍ତ୍ତବ୍ୟପରାୟଣ, ଶୃଙ୍ଖଳିତ ନେତା ଭାବରେ ନିଜର ଦକ୍ଷତାକୁ ସେ ପ୍ରମାଣ କରାଇ ପାରିଥିଲେ । ସେ କେବଳ କଥାରେ ନୁହେଁ, କାମରେ ବିଶ୍ୱାସ ରଖୁଥିବା ବେଳେ ସାଧାରଣ ଲୋକଙ୍କର ନେତା ଭାବରେ ମଧ୍ୟ ତାଙ୍କର ବେଶ୍ ସୁନାମ ରହିଥିଲା । ଦୁଇ ଦୁଇ ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ବିଷ୍ଣୁ ସେଠୀ ବିରୋଧୀ ଦଳ ଉପନେତା ଭାବରେ ନିଜର କାର୍ଯ୍ୟଦକ୍ଷତା ପ୍ରମାଣିତ କରି ପାରିଥିଲେ ।

ବିଷ୍ଣୁ ସେଠୀଙ୍କ ଜନ୍ମ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ମଙ୍ଗରାଜପୁରରେ । ପିତା ଗୟାଧର ସେଠୀ । ସେ ୫ ଜୁନ୍ ୧୯୬୧ ମସିହାରେ ଜନ୍ମଗ୍ରହଣ କରିଥିଲେ । ଜଣେ ମେଧାବୀ ଛାତ୍ର ଭାବରେ କ୍ୟାରିୟର ତିଆରି କରିଥିଲେ ସୁଦ୍ଧା ରାଜନୀତି ପ୍ରତି ଅହେତୁକ ଦୁର୍ବଳତା କାରଣରୁ ରାଜନୀତିରେ ପାଦ ଥାପିଥିଲେ । ସେ ତିହିଡ଼ି ହାଇସ୍କୁଲରେ ଶିକ୍ଷା ଗ୍ରହଣ କରିବା ପରେ କଲେଜ ଜୀବନରେ ଛାତ୍ର ରାଜନୀତି ସହ ଯୋଡି ହୋଇଥିଲେ । ଭାରତୀୟ ଜନତା ପାର୍ଟିର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ, ଯାହା ପରବର୍ତ୍ତୀ ସମୟରେ ତାଙ୍କୁ ରାଜନୈତିକ କ୍ୟାରିୟର କରିବାକୁ ସହାୟକ ହୋଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସ ଓ ଲାଇବ୍ରେରୀ ସାଇନ୍ସ ଅଧ୍ୟୟନ କରିବା ସହ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଥିଲେ । ସେ ଜଣେ ମେଧାବୀ ଛାତ୍ର ଭାବରେ ପ୍ରଶାସନିକ ସେବାର ସୁଯୋଗ ପାଇଥିଲେ ସୁଦ୍ଧା ସେଥିରେ ନରହି ରାଜନୀତି ପ୍ରତି ମନ ବଳାଇଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ସାଧାରଣ ପ୍ରଶାସନ ବିଭାଗରେ 'ଦାରିଦ୍ର୍ୟ ଦୂରୀକରଣ' ଓ ଇତିହାସ ବିଭାଗରେ 'ଓଡ଼ିଶାର ନୌବାଣିଜ୍ୟ ଐତିହ୍ୟ' ସଂପର୍କରେ ଗବେଷଣା କରିଥିଲେ । ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ଦୀନଦୟାଲ ଉପାଧ୍ୟାୟଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିର ଯୁଗଜନ୍ମା ପୁରୁଷ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ସେ ବିଜେପିରେ ଯୋଗଦାନ କରିଥିଲେ । ସେ ୩୦ ବର୍ଷ ବୟସରେ ବିଜେପି ପକ୍ଷରୁ ଭଦ୍ରକ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ମଧ୍ୟ ହୋଇଥିଲେ ।



(ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଅବସରରେ)

ପରେ ପରେ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ଭାବରେ କାର୍ଯ୍ୟଭାର ସମ୍ଭାଳିଥିଲେ । ସେ କେବଳ ଭଦ୍ରକ ରାଜନୀତି ନୁହେଁ, ଉତ୍ତର ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ଜଣେ ପ୍ରଭାବଶାଳୀ ନେତା ଭାବରେ ଭାରତୀୟ ଜନତା ପାର୍ଟିକୁ ଅନେକ ଆଗକୁ ନେଇ ପାରିଥିଲେ ।

କେବଳ ଜଣେ ରାଜନୀତିଜ୍ଞ ଭାବରେ ନୁହେଁ ବରଂ ସାହିତ୍ୟିକ ଭାବରେ ବିଷ୍ଣୁ ସେଠୀଙ୍କର ରହିଥିଲା ଅନେକ କାତ୍ତି । ଜଣେ ଯୁବ କବି ଭାବରେ ତାଙ୍କର ଯେତିକି ସୁନାମ ରହିଥିଲା, ସେତିକି ମଧ୍ୟ ରହିଥିଲା ସ୍ତମ୍ଭ ଲେଖକ ହିସାବରେ । ଭଦ୍ରକରୁ ପ୍ରକାଶ ପାଉଥିବା ସାପ୍ତାହିକ ଖବରକାଗଜ 'ବିଶେଷ ଖବର'ର ସହ-ସମ୍ପାଦକ ଭାବରେ କାର୍ଯ୍ୟ କରିବା ସହ ସାମ୍ବାଦିକ ଜୀବନ ଆରମ୍ଭ କରିଥିଲେ ।

'ଘାସଫୁଲ' ନାମକ ଏକ ସାହିତ୍ୟ ପତ୍ରିକାର ମଧ୍ୟ ସେ ସଂପାଦନା କରୁଥିଲେ । 'ନିର୍ମାୟା ଆକାଶ ତଳେ', 'ନଇ ପାଣି ନଇକି ଯା' ଓ 'ନିସ୍ୱ ମାଟିର ସ୍ୱର' ନାମକ ତିନୋଟି କବିତା ସଂକଳନ ତାଙ୍କର ଥିଲା । 'ଶିରୋନାମା ଶିରୋଧାର୍ଯ୍ୟ' ନାମକ ଏକ ପ୍ରବନ୍ଧ ସଂକଳନ ମଧ୍ୟ ରହିଛି । ଜଣେ ସୁସାହିତ୍ୟିକ ଭାବରେ ଓଡ଼ିଶାରେ ତାଙ୍କର ରହିଥିଲା ଅନେକ ଲୋକପ୍ରିୟତା ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ୨୦୦୦ ମସିହାରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନେତ୍ରାନନ୍ଦ ମଲ୍ଲିକଙ୍କୁ ପରାଜିତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ ବିଷ୍ଣୁ ସେଠୀ । ୨୦୦୪ ମସିହାରେ ମଧ୍ୟ ବିଜେଡ଼ି-ବିଜେପି ମେଣ୍ଟ ସରକାର କାଳରେ ବିଧାନସଭା ପାଇଁ ଚାନ୍ଦବାଲି ଆସନରୁ ପ୍ରାର୍ଥୀ ହୋଇଥିଲେ । ତେବେ ଏଥିରେ ସେ ସଫଳ ହୋଇପାରି ନଥିଲେ । ୨୦୦୬ ମସିହାରେ ସେ ରାଜ୍ୟ କାଜୁ ନିଗମର ଅଧ୍ୟକ୍ଷ ଭାବରେ ଅବସ୍ଥାପିତ ହୋଇଥିବା ବେଳେ ଉଲ୍ଲେଖନୀୟ କାର୍ଯ୍ୟ କରି କାଜୁଚାଷକୁ ଓଡ଼ିଶାରେ ବେଶ୍ ଅର୍ଥନୈତିକ ଦିଶା ଦେଖାଇ ପାରିଥିଲେ ।

ସେ ରାଜନୀତିରେ ସକ୍ରିୟ ଥାଇ ୨୦୦୯ ଓ ୨୦୧୪ରେ ଧାମନଗର ଆସନରୁ ବିଧାନସଭା ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ ସୁଦ୍ଧା, ତାଙ୍କୁ ଭାଗ୍ୟ ସାଥ୍ ଦେଇ ନଥିଲା । ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ଦୁଇଥର ତାଙ୍କୁ ପରାଜୟ ବରଣ କରିବାକୁ ପଡ଼ିଥିଲା । ୨୦୧୯ ସାଧାରଣ ନିର୍ବାଚନରେ ଧାମନଗର ଆସନରୁ ସେ ବିଜୟ ଲାଭ କରିବା ପରେ ବିରୋଧୀ ଦଳ ଉପନେତା ଭାବରେ ବିଧାନସଭାରେ ବେଶ୍ ପ୍ରାସଙ୍ଗିକ ବିଷୟବସ୍ତୁ ଉପସ୍ଥାପନ କରୁଥିଲେ । ୨୦୧୬ ମସିହାରେ ବିଜେପି ପକ୍ଷରୁ ରାଜ୍ୟ ଉପସଭାପତି ଭାବରେ ତାଙ୍କୁ ନିଯୁକ୍ତ କରାଯାଇଥିଲା ।

ବିଷ୍ଣୁ ସେଠୀ ଜଣେ ଅନନ୍ୟ ନେତା ଭାବରେ ଅନ୍ୟମାନଙ୍କ ଠାରୁ ବେଶ୍ ବାରି ହୋଇପଡ଼ନ୍ତି । ସେ ସବୁବେଳେ ଏକାତ୍ମ ମାନବବାଦ ଦର୍ଶନରେ ବିଶ୍ୱାସ ରଖୁଥିବାବେଳେ ସାଧାରଣ ଜନତାଙ୍କୁ ସର୍ବଦା ସେବା ଯୋଗାଇଦେବାରେ କେବେ କାର୍ପଣ୍ୟ ଦେଖାଇ ନାହାନ୍ତି ।

ବିଷ୍ଣୁ ସେଠୀଙ୍କର ଅକାଳ ନିଧନ ହୋଇଥିଲା ୧୯ ସେପ୍ଟେମ୍ବର ୨୦୨୨ରେ । ଏମ୍ସରେ ମାସାଧିକ କାଳ ଧରି ଚିକିତ୍ସାଧୀନ ଥିବାବେଳେ ୬୧ବର୍ଷ ବୟସରେ ସେ ପ୍ରାଣତ୍ୟାଗ କରିଥିଲେ । ବିଷ୍ଣୁ ସେଠୀଙ୍କର ନିଧନରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବହୁନେତା ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଦକ୍ଷ, ସ୍ପଷ୍ଟବାଦୀ ନେତାଙ୍କୁ ହରାଇଥିଲା । ତାଙ୍କର ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଅବସରରେ ତାଙ୍କର ସ୍ମୃତି ପ୍ରତି ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

**ସାନମଞ୍ଚୁଆଘାଇ,**
**ରାଜଘରପୋଖରୀ, ଭଦ୍ରକ,**
**ମୋ-୭୦୦୮୯୧୩୫୮୯**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସେମିକନ୍...

ରହିବା ସହ ମହାନଦୀ ନିକଟବର୍ତ୍ତୀ ହୋଇଥିବାରୁ ଆବଶ୍ୟକ ଜଳ ଯୋଗାଣ ମଧ୍ୟ ସହଜ ହୋଇପାରିବ। ଏହାଛଡ଼ା, ପାରାଦୀପ ଏବଂ ଧାମରା ବନ୍ଦର ସହ ସଂଯୋଗ ରହୁଥିବାରୁ ଏହା ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପାଇଁ ଏକ ମୁଖ୍ୟ କେନ୍ଦ୍ର ପାଲଟିବ।

ଏହି ସମ୍ମିଳନୀ ଅବସରରେ ରାଜ୍ୟ ସରକାର ପ୍ରାୟ ୨୩,୬୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି, ଯାହାଦ୍ୱାରା ପ୍ରାୟ ୬,୧୦୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା 'ସେମିକନ୍ ୨.୦' ଅଧୀନରେ ଓଡ଼ିଶାରେ ଏକ ସମ୍ପୂର୍ଣ୍ଣ ସେମିକଣ୍ଡକ୍ଟର ଭାଲ୍ୟୁ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। ଏହା ସହିତ ସିଲିକନ୍ କାର୍ବାଇଡ୍ ସବଷ୍ଟ୍ରେଟ୍ ୱାଫର ପ୍ରସ୍ତୁତି ପାଇଁ 'କ୍ୱାଡ଼କ୍ୱାଣ୍ଟମ' ସଂସ୍ଥା ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ନୂଆଦିଲ୍ଲୀରେ ଚାଲିଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଜାପାନ, ସ୍ୱିଡେନ୍ ଏବଂ ତାଇୱାନର ଆନ୍ତର୍ଜାତୀୟ ପ୍ରତିନିଧି ଦଳ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହାବ୍ୟତୀତ ଲ୍ୟାମ୍ ରିସର୍ଚ୍ଚ, ଆପ୍ଲାଏଡ୍ ମେଟେରିଆଲ୍ସ, ସିକ ସେମ୍ (SiC-Sem), ଥ୍ରୀ-ଡି ଗ୍ଲାସ୍ ସୋଲୁସନ ଏବଂ ସାଇଏଣ୍ଟ୍ ଭଳି ପ୍ରମୁଖ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶାର ସେମିକଣ୍ଡକ୍ଟର ଯାତ୍ରା ବର୍ତ୍ତମାନ କେବଳ ପରିକଳ୍ପନା ସ୍ତରରୁ ଆଗକୁ ଯାଇ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆମେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ପୁଞ୍ଜିନିବେଶ ଆକର୍ଷିତ କରିବାରେ ଏବଂ ସବୁଠାରୁ ବଡ଼ କଥା ହେଲା ପ୍ରମୁଖ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ଦିଗରେ ସଫଳ ହୋଇଛୁ। 'ସେମିକନ୍ ଇଣ୍ଡିଆ ୨୦୨୬'ରେ ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତିବିଶେଷଙ୍କ ସହ ଆମର ଆଲୋଚନା ଏହି ଗତିକୁ ଆହୁରି ଆଗକୁ ବଢ଼ାଇବା ଏବଂ ଓଡ଼ିଶାକୁ ପରବର୍ତ୍ତୀ ପର୍ଯ୍ୟାୟର ସେମିକଣ୍ଡକ୍ଟର ନିବେଶ ଆଣିବା ଉପରେ କେନ୍ଦ୍ରୀଭୂତ ରହିଛି। ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବାକୁ ଚାହୁଁଛୁ, ଯେଉଁଠାରେ ବିଶ୍ୱସ୍ତରୀୟ ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକ ଉତ୍ପାଦନ, ନବସୃଜନ ଏବଂ ବିକାଶ କରିପାରିବେ।

ଓଡ଼ିଶା ପାଭିଲିୟନରେ ପ୍ରଦର୍ଶିତ ହୋଇଥିବା "ସାଣ୍ଡ ଟୁ ସିଲିକନ୍" (ବାଲିରୁ ସିଲିକନ୍) ପ୍ରଦର୍ଶନୀ ରାଜ୍ୟର ଏହି ନୂତନ ଯାତ୍ରାକୁ ବେଶ୍ ଆକର୍ଷଣୀୟ ଭାବେ ଉପସ୍ଥାପନ କରୁଛି। ଏହି ପ୍ରଦର୍ଶନୀ ରାଜ୍ୟର ପରିଚୟକୁ ସିଲିକନ୍ ଏବଂ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏହାର ବର୍ଦ୍ଧିତ ମହତ୍ତ୍ୱାକାଂକ୍ଷା ସହିତ ସଂଯୋଗ କରି ରାଜ୍ୟର ସେମିକଣ୍ଡକ୍ଟର ଯାତ୍ରାକୁ ଏକ ସ୍ୱତନ୍ତ୍ର ଓଡ଼ିଆ ଅଭିବ୍ୟକ୍ତି ପ୍ରଦାନ କରୁଛି। ଏହା ଓଡ଼ିଶାର "ମାଇନ୍ ଇକୋନୋମି" (ଖଣି ଅର୍ଥନୀତି) ରୁ "ମାଇଣ୍ଡ ଇକୋନୋମି" (ଜ୍ଞାନ ଅର୍ଥନୀତି) ଆଡ଼କୁ ଅଗ୍ରସର ହେବାର ବୃହତ୍ତର ଦୂରଦୃଷ୍ଟି ସହିତ ମଧ୍ୟ ଓତଃପ୍ରୋତ ଭାବେ ଜଡ଼ିତ।

କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ବ୍ୟତୀତ, ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେବା ପାଇଁ ଆବଶ୍ୟକ ହେଉଥିବା ବ୍ୟାପକ ଇକୋସିଷ୍ଟମ୍ ଗଠନ ନିମନ୍ତେ ଓଡ଼ିଶା କ୍ରମାଗତ ଭାବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି। ରାଜ୍ୟ ସରକାର ସେମିକଣ୍ଡକ୍ଟର ନୀତିକୁ ବିକଶିତ ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦ ସହିତ ସମନ୍ୱୟ ରକ୍ଷା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ଏହାର ସେମିକଣ୍ଡକ୍ଟର ନୀତିର ସଦ୍ୟତମ ତୃତୀୟ ସଂଶୋଧନ ମାଧ୍ୟମରେ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟତାକୁ ଆହୁରି ବ୍ୟାପକ କରାଯାଇଛି।

ଏହି ସଂଶୋଧନ ଜରିଆରେ, ଓଡ଼ିଶା ପକ୍ଷରୁ ସେମିକଣ୍ଡକ୍ଟର ଉପକରଣ ତିଆରି, ସେମିକଣ୍ଡକ୍ଟର-ଗ୍ରେଡ୍ ଗ୍ୟାସ୍, କଞ୍ଚାମାଲ ଏବଂ ଯୋଗାଣ ଶୃଙ୍ଖଳା ବିଭାଗରେ ଆଇଏସ୍ଏମ୍-ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ୨୫% ଅତିରିକ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ବର୍ତ୍ତମାନର ନୀତିଗତ ବ୍ୟବସ୍ଥା ଅଧୀନରେ ୱାର୍କଫୋର୍ସର ଦକ୍ଷତା ବୃଦ୍ଧି, ଇଣ୍ଟର୍ନସିପ୍, ଆନ୍ତର୍ଜାତୀୟ ପେଟେଣ୍ଟ୍ ଏବଂ ଗବେଷଣା ତଥା ବିକାଶ ପାଇଁ ମଧ୍ୟ ସହାୟତା ଯୋଗାଇ ଦିଆଯାଉଛି।

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗରେ ମତ ପ୍ରକାଶ କରି କହିଛନ୍ତି ଯେ, ଆମର ଅଭିଗମ ହେଉଛି କେବଳ ଗୋଟିଏ କ୍ଷେତ୍ରକୁ ଅଲଗା ଭାବରେ ନ ଦେଖି ବରଂ ସେମିକଣ୍ଡକ୍ଟର ପୁଞ୍ଜିନିବେଶ ଚାରିପାଖରେ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ ବା ପରିବେଶ ସୃଷ୍ଟି କରିବା। ଓଡ଼ିଶା ଏହାର ନୀତିଗତ ଢାଞ୍ଚାକୁ ଆଇଏସ୍ଏମ୍ ୨.୦ ସହିତ ସମନ୍ୱୟ କରିବାରେ ଜଣେ ଅଗ୍ରଣୀ ରାଜ୍ୟ ହୋଇଥିବାବେଳେ ଉପକରଣ, ସାମଗ୍ରୀ, ଗ୍ୟାସ୍ ଏବଂ ଯୋଗାଣ ଶୃଙ୍ଖଳା ଭଳି କ୍ଷେତ୍ରଗୁଡ଼ିକୁ ମଧ୍ୟ ବ୍ୟାପକ ସହାୟତା ଯୋଗାଉଛି। ଏହା ସହିତ, ଆମେ ବିଶେଷଜ୍ଞ ପ୍ରତିଭା (ଟ୍ୟାଲେଣ୍ଟ) ନିର୍ମାଣ ଏବଂ କମ୍ପାନିଗୁଡ଼ିକୁ ରାଜ୍ୟରେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବା ଓ ସେଗୁଡ଼ିକୁ ଆହୁରି ବଢ଼ାଇବା ପାଇଁ ଆବଶ୍ୟକ ସମସ୍ତ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାରେ ନିବେଶ କରୁଛୁ।

'ସେମିକନ୍ ଇଣ୍ଡିଆ ୨୦୨୬' ରେ ଓଡ଼ିଶା ଏକ ଅଗ୍ରଣୀ ସେମିକଣ୍ଡକ୍ଟର ହବ୍ ଭାବେ ନିଜକୁ ପ୍ରତିଷ୍ଠା କରୁଛି, ଯାହା ଏକ "ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା" ଗଠନ ଦିଗରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।

## ସୀମା...

କାର୍ଯ୍ୟାଳୟରେ ପହଞ୍ଚାଇବେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୬ ରୁ ୨୮ ଅକ୍ଟୋବର ୨୦୨୬ ମଧ୍ୟରେ ରାଜ୍ୟ ସରକାର, ଅପିଲେଟ୍ କର୍ତ୍ତୃପକ୍ଷ ଭାବେ, ଆପିଲ୍‌ଗୁଡ଼ିକର ଶୁଣାଣି କରି ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ସମଗ୍ର ପ୍ରକ୍ରିୟାର ଶେଷ ପର୍ଯ୍ୟାୟରେ ୩୧ ଅକ୍ଟୋବର ୨୦୨୬ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଦ୍ୱାରା ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ। ଚୂଡ଼ାନ୍ତ ବିଜ୍ଞପ୍ତିର ଆବଶ୍ୟକ ସଂଖ୍ୟକ ନକଲ ରାଜ୍ୟ ନିର୍ବାଚନ ଆୟୋଗ, ରାଜ୍ୟ ସରକାର ଏବଂ ସମ୍ପୃକ୍ତ ପୌରପରିଷଦ/ଏନ୍.ଏ.ସି.କୁ ପ୍ରଦାନ କରାଯିବ।

ଅନ୍ୟପକ୍ଷରେ, ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମରେ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ପର୍କିତ ପ୍ରକ୍ରିୟା ପାଇଁ ମଧ୍ୟ ସଂଶୋଧିତ ସମୟସୀମା ଧାର୍ଯ୍ୟ କରାଯାଇଛି। ୨୪ ସେପ୍ଟେମ୍ବର ୨୦୨୬ ସୁଦ୍ଧା ସମ୍ପୃକ୍ତ ମହାନଗର ନିଗମଗୁଡ଼ିକ ପକ୍ଷରୁ ୱାର୍ଡ ବିଭାଜନ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ସୂଚନା ନିର୍ଦ୍ଧାରିତ ଫର୍ମ-୧ ଓ ଫର୍ମ-୨ରେ, ୱାର୍ଡ ସୀମା ଦର୍ଶାଉଥିବା ସ୍କେଚ୍ ମାନଚିତ୍ର ଏବଂ ମହାନଗର ନିଗମର ସଂକଳ୍ପ ସହିତ ଗୃହ ଓ ନଗର ଉନ୍ନୟନ ବିଭାଗରେ ଦାଖଲ କରାଯିବ।

ମହାନଗର ନିଗମଗୁଡ଼ିକ କ୍ଷେତ୍ରରେ ୫ ଅକ୍ଟୋବର ୨୦୨୬ରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବିତ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କରେ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯିବ। ଏ ସମ୍ବନ୍ଧରେ ଆପତ୍ତି ଓ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ୧୪ ଅକ୍ଟୋବର ୨୦୨୬ ରହିଛି।

ଭୁବନେଶ୍ୱର ମହାନଗର ନିଗମ, କଟକ ମହାନଗର ନିଗମ, ବ୍ରହ୍ମପୁର ମହାନଗର ନିଗମ ଏବଂ ରାଉରକେଲା ମହାନଗର ନିଗମର ମହାନଗର ନିଗମ କମିଶନରମାନଙ୍କୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ଆବଶ୍ୟକ ସୂଚନା ଓ ଦଲିଲ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ସମ୍ପୃକ୍ତ ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ପର୍କିତ ସମସ୍ତ ପ୍ରକ୍ରିୟା ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଯୌନ ଶୋଷଣ...

ସଚିବ ପୀଡିତାଙ୍କୁ ଗାଳିଗୁଲଜ କରି ଜୀବନରୁ ମାରିଦେବା ପାଇଁ ଧମକ ଦେଉଥିଲେ। ପିସିଆର୍ କର୍ମଚାରୀ ଅରୁଣଙ୍କୁ ଯାଇ ବୁଝାସୁଝା କରିବାରୁ ସେ ପୋଲିସକୁ ଦୁର୍ବ୍ୟବହାର କରି ପେଲାଠେଲା କରିଥିଲା। ଅରୁଣ ଏତେ ପରିମାଣରେ ନିଶା ଖାଇ ବିଳମ୍ବିତ ରାତିରେ ପୀଡିତାଙ୍କ ଘର ପାଖକୁ ଯାଇଥିଲେ ନା ପୂର୍ବରୁ ତାଙ୍କ ଘରେ ଥିଲେ ? କୌଣସି ସମସ୍ୟା ସୃଷ୍ଟି ହେବାରୁ ସେ ବାହାରକୁ ଆସି ଗାଳିଗୁଲଜ କରି ମୋବାଇଲରେ ରଖିଥିବା ଆପତ୍ତିଜନକ ଫଟୋ ପ୍ରଭୃତି ଦେଖାଇ ପୀଡିତାଙ୍କୁ ନାନାଦି ଧମକଚମକ ଦେଇଥିଲେ ତାହା ତଦନ୍ତ ଆଗକୁ ବଢିଲେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଗୁରୁବାର ରାତିରେ ଅରୁଣଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଥିଲା। ଶୁକ୍ରବାର ବିଧିବଦ୍ଧ ଭାବେ ପୀଡିତା ଏତଲା କରିବା ପରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ଅରୁଣଙ୍କୁ ସଙ୍ଗୀନ ଦଫାରେ କୋର୍ଟଚାଲାଣ କରାଯାଇଥିବା ବେଳେ ପୀଡିତାଙ୍କ ୧୬୧ ଧାରାରେ ବୟାନ ରେକର୍ଡ କରାଯାଇଛି। କୋର୍ଟରେ ୧୬୪ ଧାରାରେ ପୀଡିତାଙ୍କ ବୟାନ ରେକର୍ଡ ହେବ ବୋଲି ପୋଲିସ ସୂଚନା ଦେଇଛି। କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଅତିରିକ୍ତ ସଚିବ ଅରୁଣ ବିଶ୍ୱାଳଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## ନନ୍ଦୀଗ୍ରାମ...

ପରେ କଂଗ୍ରେସ ପ୍ରାର୍ଥୀଙ୍କୁ ପୋଲିସ ଗିରଫ କରିଛି।

କଂଗ୍ରେସ ପ୍ରାର୍ଥୀଙ୍କ ନାମରେ ୨୦୦୭ରେ ଜମି ଅଧିଗ୍ରହଣ ବିରୋଧ ପ୍ରତିବାଦରେ ଏକ ମାମଲା ଥିଲା। ଏହି ପ୍ରତିବାଦରେ ୧୪ ଗ୍ରାମବାସୀ ପ୍ରାଣ ହରାଇଥିଲେ। ଏହି ଘଟଣା ପରେ ପଶ୍ଚିମବଙ୍ଗ ରାଜନୀତି ବଦଳି ଯାଇଥିଲା। ଓ ୨୦୧୧ରେ ବାମପନ୍ଥୀ ସରକାରକୁ କ୍ଷମତାଚ୍ୟୁତ କରି ମମତା କ୍ଷମତାକୁ ଆସିଥିଲେ। ତେବେ ମମତାଙ୍କ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କଲା ପରେ ମମତା କହିଥିଲେ ଆମେ ଲଢ଼େଇ କରିବୁ ଓ ଇଣ୍ଡିଆମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିବୁ। ମମତାଙ୍କ ପ୍ରାର୍ଥୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁବେନ୍ଦୁ ଅଧିକାରୀଙ୍କୁ ରାଜ୍ୟ ସଚିବାଳୟରେ ଭେଟିବା ପରେ ପ୍ରତ୍ୟାହର ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ତୃଣମୂଳ କଂଗ୍ରେସର ଅନ୍ୟ ଏକ ଗୋଷ୍ଠୀକୁ ନିର୍ବାଚନ କମିଶନର ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ ବୋଲି ନୂଆ ନାଁ ଦେବା ସହ ଲଫାପା ପ୍ରଦାନ କରିଛନ୍ତି। ଉଭୟ ଗୋଷ୍ଠୀର ଏହି ଚିହ୍ନ ଅସ୍ଥାୟୀ ଭାବେ ରହିବ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହାରିଲା ପରେ ତୃଣମୂଳ କଂଗ୍ରେସର ବଡ଼ ଧରଣା ବିଭାଜନ ହୋଇଛି। ନିର୍ବାଚନ କମିଶନରଙ୍କ ନିଷ୍ପତି ଏହା କଳା ଦିବସ ବୋଲି କହିଛନ୍ତି।

## ଆଇଏଏସ୍...

ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଯୋଜନା ଓ ସଞ୍ଜୋଜନା ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଜ୍ୟୋତି ରଞ୍ଜନ ମିଶ୍ରଙ୍କୁ ଶିଳ୍ପ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ଇଡ୍‌କୋର ଚିଫ୍ ଜେନେରାଲ ମ୍ୟାନେଜର ଭାବେ ପୁନଃ ଦାୟିତ୍ୱ ଦିଆଯାଇଛି। ଶୁଭ୍ରା ମହାନ୍ତିଙ୍କୁ ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସଂଘମିତ୍ରା ଶତପଥୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ହିମାଂସୁ ଶେଖର ବେହେରାଙ୍କୁ ଗୃହ ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ତଥା ଗୋବିନ୍ଦପୁର ଥାନା ଅନ୍ତର୍ଗତ ରହମ୍ବା ଗ୍ରାମର ଅନୀଲ ମହାପାତ୍ରଙ୍କ ପୁଅ ବିଶ୍ୱଜିତ ମହାପାତ୍ର (୩୧)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଘର ମଧ୍ୟରୁ ଉଦ୍ଧାର କରାଯାଇଛି। ଗଣେଶ ପୂଜା ଭସାଣ ଦିନ ରାତି ୧୨ଟାରେ ବିଶ୍ୱଜିତ ଫେରି ଘରେ ଶୋଇଥିଲେ। ତେବେ ସକାଳେ କବାଟ ନଖୋଲିବାରୁ ଗ୍ରାମବାସୀ ଓ ପରିବାର ଲୋକେ କବାଟ ଭାଙ୍ଗିଥିଲେ। ଘର ଭିତରେ ତାଙ୍କର ମୃତ ଦେହ ଫାନରେ ଝୁଲୁଥିଲାବେଳେ ଗୋଡ଼ ଦୁଇଟି ଖଟ ଉପରେ ରହିଥିଲା। ସେ ଆତ୍ମହତ୍ୟା କରିଛନ୍ତି କିମ୍ବା ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଛି ତାହା ଏବେ ସନ୍ଦେହ ଘେରରେ ରହିଛି। ଏ ନେଇ ଅଭିଯୋଗ ହେବା ପରେ ଗୋବିନ୍ଦପୁର ଥାନା ପୁଲିସ ସାଇଫିକ ଟିମ ସହ ଘଟଣାର ତଦନ୍ତ ଚଳାଇଛି। ବିଶ୍ୱଜିତ ୬ବର୍ଷ ପୂର୍ବେ ବିବାହ କରିଥିଲେ।

### ଟାଙ୍ଗୀ ଅବକାରୀ ବିଭାଗର ଚଢ଼ାଉ

# ୫ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

କୁହୁଡ଼ି/ଟାଙ୍ଗୀ, (ସବ୍ୟୁ): ଟାଙ୍ଗୀ ସଦରମହକୁମାରେ ଦିନକୁ ଦିନ ଧଳାଜହର କାରବାର ବଢ଼ିବାରେ ଲାଗିଛି। ଏହା ଉପରେ ରୋକ ଲଗାଇବା ପାଇଁ ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଛି। ଆଜି ଟାଙ୍ଗୀ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କମାଗୁରୁ ଗ୍ରାମର ବ୍ୟାଙ୍କ ଛକ ନିକଟରେ ପାଣ୍ଡବ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ୫୨ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା (କେସ ନଂ ୧୩୧/୨୫-୨୬) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜବତ ବ୍ରାଉନସୁଗାରକୁ ନେଇ ଅବକାରୀ ବିଭାଗର ଅଧିକ ତଦନ୍ତ ଜାରି ରହିଛି। ଖୋରଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଅବକାରୀ ନିରୀକ୍ଷକ ଅଜି କୁମାର ପାତ୍ରଙ୍କ ତ%ାବଧାନରେ ଅବକାରୀ ଉପନିରୀକ୍ଷକ ରାଜେନ୍ଦ୍ର କୁମାର ସିଂଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଏହି ଧରପଗଡ଼ କରିଛନ୍ତି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

# ଗଛରେ ପିଟି ହେଲା କାର : ଜଣେ ମୃତ ,୪ ଗୁରୁତର

ଭାପୁର, (ସବ୍ୟୁ): ଦ୍ରୁତ ଗତି ନେଲା ଜୀବନ। ବୁଧବାର ବିଳମ୍ବିତ ରାତିରେ ଦ୍ରୁତ ଗତିରେ ଆସୁଥିବା ଏକ କାର ନିମାଣୀ ବାଦଭୂଇଁ ରାସ୍ତାରେ ଗୋଟିଏ ଗଛରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଥାନା ଅନ୍ତର୍ଗତ ନିମାଣୀ ପଞ୍ଚାୟତ ଅଧୀନ ଅରଖପଲ୍ଲୀ ଗ୍ରାମର ୫ ଜଣ ଯୁବକ ନିଜ ଗାଁରେ ଗଣେଶ ଭସାଣୀରେ ସାମିଲ ହୋଇଥିଲେ। ଏହାପରେ ଗୋଟିଏ କାର ଗାଡ଼ିରେ ସେହି ୫ ଯୁବକ ଚକ୍ରଧରପ୍ରସାଦ ଗ୍ରାମକୁ ମେଲେଡି ଦେଖିବାକୁ ଆସିଥିଲେ। ମେଲଡି ପ୍ରୋଗ୍ରାମ ଦେଖିସାରି ବିଳମ୍ବିତ ରାତ୍ରିରେ କାର ଗାଡ଼ିରେ ଦ୍ରୁତଗତିରେ ନିମାଣୀ ବାଦଭୂଇଁ ରାସ୍ତାରେ ଫେରୁଥିବା ବେଳେ ଗୋଟିଏ ଗଛରେ ଗାଡ଼ି ଧକ୍କା ଦେଇଥିଲେ। ୫ଜଣ ଗୁରୁତର ଯୁବକମାନଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଜଣେ ଯୁବକକୁ ମୃତ୍ୟୁ ଘୋଷଣା କରିଥିଲେ। ଚାରିଜଣ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶର ସ୍ଥାନାନ୍ତରିତ କରିଥିଲେ। ଘଟଣାସ୍ଥଳରେ ଫତେଗଡ ପୋଲିସ ପହଞ୍ଚି ଶବ ଓ ଦୁର୍ଘଟଣା ଗାଡିକୁ ଜବତ କରଛି।


ANNEXURE-II

**OFFICE OF THE DISTRICT MANAGER,**
**ODISHA STATE CIVIL SUPPLIES CORPORATION LTD.,**
**(O.S.C.S.C. LTD.)**
**PURI DISTRICT.**

7001/121/2627

Phone : 06752-222228
District Website : https://puri.odisha.gov.in/
Tender No. : 3581 Date :11.09.2026

District Manager, Odisha State Civil Supplies Corporation Ltd., Puri invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of Handling Contractor (Labour Works) for Handling of food grains (Rice, Wheat etc.) at the RRCs in the district of the State of Odisha. |
| 2 | Availability of bid document in the portal | From 18.09.2026 |
| 3 | Last Date / Time for receipt of bids in the portal | Dt.05.10.2026 up to 05.00 PM |
| 4 | Date/Time of Opening of Technical Bid | Dt.06.10.2026 at 11.30 AM |
| 5 | Name and address of the Officer Inviting Tender | Chief C.S.O.-cum-District Manager, O.S.C.S.C. Ltd., Puri |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments / Corrigendum / Cancellation / Re-Tenders etc. if any shall be published only in above website.

OIPR : 7001/7009/1/26-27/0004 — **Sd/- District Manager, O.S.C.S.C. Ltd., Puri.**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୬୭୪
ଇପିବିଏକ୍ସ : (୦୬୭୪) ୨୩୯୧୬୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୬୨, ୱେବ୍‌ସାଇଟ୍ www.oshb.org.

13001/1867/2627

ପତ୍ର ସଂଖ୍ୟା: ୧୯୬ **ବିଜ୍ଞାପନ** ତା : ୩୧.୮.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗ୍ରାହକ ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| | ସ୍ୱର୍ଗତ ନବ କିଶୋର ସାହୁ, ପିତା- ସ୍ୱର୍ଗତ କୃଷ୍ଣନିଧି ସାହୁ, ଗ୍ରା/ପୋ- ପିଙ୍ଗୁଆ, ଥା - ଗଁଦିଆ, ଜି - ଢେଙ୍କାନାଳ | ଏଲ୍.ସି.ଆର.-୧୦୧ (LCR-101) ଛେଣ୍ଡ, ପ୍ରଥମ ପର୍ଯ୍ୟାୟ ରାଉରକେଲା | ୧. ପଦ୍ମମଣି ସାହୁ (ସ୍ତ୍ରୀ) ୨. ପ୍ରିୟଦର୍ଶିନି ସାହୁ (ବି.କନ୍ୟା) ୩. ଦୁର୍ଗା ପ୍ରସନ୍ନ ସାହୁ (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0255

**AFFIDAVIT**

By Virtue of an affidavit sworn before Executive magistrate Tirtol,03.09.2026, I Bipan Bhoi ,Son of Bhagban Bhoi, At-Mulisingh, Po- Harisinghpur, Tirtol,Jagatsinghpur,Odisha,754136,Declare that I have changed the Name of my Daughter from Archana Bhoi to Suhani Priyadarsini Bhoi, Henceforth she shall be known as **Suhani Priyadarsini Bhoi** for all Purposes.
**Bipan Bhoi**

**ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର**
**OFFICE OF THE MUNICIPAL COUNCIL: JAJPUR**
**At/PO/Dist- Jajpur (Odisha), Pin-755001**
**E-mail: jajpur.m.1869@gmail.com, Phone No. 06728-222073**
**No. 3438 JM Dated. 18.09.2026**

13001/1863/2627

**EXPRESSION OF INTEREST (EOI)**

Jajpur Municipality invites EOI from experienced, competent and eligible Agencies / Suppliers / Bidders for supply and installation of the different items as mentioned below for **Kusuma Park**.

| Sl. No. | Name of the item required |
|---|---|
| 1 | Repairing & Renovation of Tensile Canopy |

The Quotation Paper will be available at Works Section of Jajpur Municipality @ Rs. 6000.00 (Rupees Six Thousand) only per each schedule from **Dt. 18.09.2026 11.00A.M to Dt. 29.09.2026 of 3.00 PM** (within working days & Office hours). The Quotation Paper will be received up to **5.00 P.M of Dt.29.09.2026**. The Quotation Paper will be opened on **Dt.30.09.2026 at 11.00A.M** in presence of the Quotationers or their Authorised representatives. The Quotation documents can be seen in our Office Website ***"www.jajpurmunicipality.co.in"***.

Any other clarifications regarding EOI may contact Works Section of Jajpur Municipality.

The Authority reserves the right to accept, reject or cancel any or all the Quotations without assigning any reason thereof.

**Sd/- Executive Officer**
**Jajpur Municipality**

OIPR : 13001/13171/1/26-27/0009

**GOVERNMENT OF ODISHA DEPARTMENT OF PANCHYATIRAJ & DRINKING WATER**
**Office of the Superintending Engineer . RWS&S Division. Nuapada-766105**
**E-Mail-ID- eerwssnpd@rediffmail.com**
**NOTICE INVITING TENDER**
**e-Procurement Notice**

25001/1157/2627

**Bid Identification No. RWS&S -13/2026-27**

**Name of work** :- Operation and Maintenance work
**Total no. of projects** :- 04 (Four) No. of projects
**Class of contractor** :- "B" Class only
a) Estimated cost above Rs. 20.00 Lakhs & up to Rs. 3.00 Crore: "B" Class only (of Odisha PWD) or relevant class of other licensing authorities.
**Estimated Cost put to Tender** :- Rs 65.81 lakhs , Rs. 81.61 Lakh , Rs. 51.85 lakhs and Rs. 82.77 lakhs
**Time for completion** :- **05 (five) calendar Year**

| Procurement Officer | Bid Identification No. | Availability of Tender online for Bidding | | Date and Time of opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, RWS&S Division, Nuapada | No. RWS&S -13/26-27 | 10.09.2026 at 10.00 A.M. | 24.09.2026 at 5.00 P.M. | 25.09.2026 at 11.00 A.M. at office of Superintending Engineer, RWS&S Division, Nuapada |

Further details can be seen from the website www.tenderorissa.gov.in

OIPR : 25001/25043/1/26-27/0003 — **Sd/- Superintending Engineer, RWS&S Division, Nuapada**

**GOVERNMENT OF ODISHA,**
**"e"-PROCUREMENT NOTICE**
**OFFICE OF THE SUPERINTENDING ENGINEER,**
**PURI (R&B) DIVISION, PURI**

34001/800/2627

**WORKS DEPARTMENT**
**Short Tender Call Notice**
**E-mail: eerbpuri@yahoo.co.in**

**Bid Identification No. SE (R&B) Puri-19/2026-27**

The Superintending Engineer Puri (R&B) Division, Puri on behalf of Governor of Odisha inviting percentage rate bid in Double cover/ Single Cover system in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

1. Nature of Work : Civil work/ supply of furniture.
2. No of-Work : 4 Nos
3. Tender Cost : Rs. 10,000/- & Rs. 6,000/- (On-Line)
4. Class of bidders : D, C ,B Class and Manufacturer/OEM authorized dealer
5. Available of Bid document in the Website : From 10.00 AM of Dt. 19.09.2026 to Dt.28.09.2026 up to 5.00 PM
6. Last Date of receipt of tender : Dt.28.09.2026 up to 05.00 PM
7. Date of opening of Bid : Dt.29.09.2026 at 11:00 AM
8. The Bidders have to participate in ONLINE bidding only. Further details can be seen from the Website: https://tenderodisha. gov.in . Any Addendum / Corrigendum / Cancellation of tender can also be seen in the said website.

**Sd/- Superintending Engineer,**
**Puri (R&B) Division, Puri**

OIPR : 34001/34064/1/26-27/0009

**GOVERNMENT OF ODISHA**
**OFFICE OF PANCHAYAT SAMITI, SADAR**
**KENDUJHAR**

19001/254/2627

**NOTICE INVITING TENDER (e-Procurement)**
**Online Bid ID No. TCN No.05-Kjr Sadar / 2026-2027**

The Block Development Officer, Sadar, Kendujhar on behalf of Governor of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 6 (Six) Nos. |
| Estimated Cost put to Tender | Rs. 13554999/- |
| Tender Paper Cost | Mentioned in Column No. 4 of Tender call notice |
| Period of completion | Mentioned in Column No. 7 of Tender call notice |
| Availability of Bid Documents | From 10.00 AM of 19.09.2026 to 5.00 PM of 28.09.2026 during office hours in Website (www.tendersodisha.gov.in) |
| Period of receipt of Bid through online | From 10.00 AM of 19.09.2026 to 5.00 PM of 28.09.2026 through online. |
| Other Documents | License, PAN card, GST Registration, Affidavit, successful confirmation slip of online submission of EMD and Paper Cost through Speed Post/ Regd. Post to this office From 10.00 AM of 19.09.2026 to 5.00 PM of 28.09.2026 |
| Date of Opening of Technical Bid | At 11.00 A.M. on 29.09.2026 in the office chamber of the BDO, Sadar, Kendujhar |
| Date of Lottery of Technical Bid | Communicated After Opening of Tender |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-III or Class-IV |
| Name and Address of the OIT : | OFFICE OF THE PANCHAYAT SAMITI, SADAR, COLLECTORATE CAMPUS, At/ Po-Kendujhar, Dist- Kendujhar Pin-758001. E-Mail ID ori-bkeonjhar@nic.in |

Further Details can be seen from the web site:**www.tendersodisha.gov.in**

**Sd/-(Sri Binod Chandra Panda)**
**Block Development Officer**
**Sadar, Kendujhar**

OIPR : 19001/19123/1/26-27/0005

32001/883/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
**e-Procurement Notice No. e-CHID-07/2026-27**

| | | |
|---|---|---|
| 1. | Name of work | Construction and installation of 11 KV line |
| 2. | Total No. of work | 01 (One) |
| 3. | Estimated cost | **39.47 Lakhs** |
| 4. | Period of completion | 4 Calendar Months |
| 5. | Date & time of availability of Bid Document in the portal | **10.00 hours of 22.09.2026 to 17.00 hours 07.10.2026** |
| 6. | Last date/ Time for receipt of Bids in the Portal | 07.10.2026 up to 17.00 hours |
| 7. | Date and place of opening of Bid | Dt. 08.10.2026 at 11.30 Hours in the office of the Superintending Engineer, Chikiti Irrigation Division, Brahmapur. |
| 8. | Name and address of the O.I.T (Officer Inviting Tender) | Superintending Engineer, Chikiti Irrigation Division, Brahmapur |

Further details can be seen from the e-Procurement Portal **"https://tendersodisha.gov.in.**

**Sd/- Superintending Engineer**
**Chikiti Irrigation Division**

OIPR : 32001/32115/1/26-27/0007

ଏନ-୨୨୦୬/୮୯/୨୦୨୨-ଏନଆଇ(ଇ - ୨୩୫୪୮)
**ଭାରତ ସରକାର**
**ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ**
**ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ**
***

୫ମ ମହଲା, ପଣ୍ଡିତ ଦୀନଦୟାଲ ଅନ୍ତ୍ୟୋଦୟ ଭବନ, ସିଜିଓ କମ୍ପ୍ଲେକ୍ସ,
ଲୋଧି ରୋଡ୍, ନୂଆଦିଲ୍ଲୀ – ୧୧୦୦୦୩
ତାରିଖ: ୨୫.୦୮.୨୦୨୬

**ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ନିର୍ଦ୍ଦେଶକ ନିଯୁକ୍ତି**

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର 'ଦିବ୍ୟାଙ୍ଗଜନ ସଶକ୍ତିକରଣ ବିଭାଗ' (DEPwD)ର ପ୍ରଶାସନିକ ନିୟନ୍ତ୍ରଣାଧୀନ ନିମ୍ନଲିଖିତ ପାଞ୍ଚୋଟି (୦୫) ଜାତୀୟ ପ୍ରତିଷ୍ଠାନ (ସ୍ୱୟଂଶାସିତ ସଂସ୍ଥା)ରେ ଥିବା ବର୍ତ୍ତମାନର ଏବଂ ସମ୍ଭାବ୍ୟ ଖାଲି ପଦବୀ ପାଇଁ 'ନିର୍ଦ୍ଦେଶକ' ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଆବେଦନ ଆହ୍ୱାନ କରାଯାଉଛି:

(i) ଦୃଷ୍ଟିଶକ୍ତି ଜନିତ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କ ସଶକ୍ତିକରଣ ପାଇଁ ଜାତୀୟ ପ୍ରତିଷ୍ଠାନ, ଡେରାଡୁନ୍।
(ii) ବହୁବିଧ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କ ସଶକ୍ତିକରଣ ପାଇଁ ଜାତୀୟ ପ୍ରତିଷ୍ଠାନ, ଚେନ୍ନାଇ।
(iii) ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, କଟକ। (୦୪.୧୧.୨୦୨୬ ରେ ପଦବୀ ଖାଲି ହେବାର ସମ୍ଭାବନା ଅଛି)
(iv) ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଶାରୀରିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କ ପାଇଁ ଜାତୀୟ ପ୍ରତିଷ୍ଠାନ, ନୂଆଦିଲ୍ଲୀ (୦୧.୧୧.୨୦୨୬ ରେ ପଦବୀ ଖାଲି ହେବାର ସମ୍ଭାବନା ଅଛି):
(v) ଚଳନକ୍ଷମତା ଜନିତ ଦିବ୍ୟାଙ୍ଗତା ପାଇଁ ଜାତୀୟ ପ୍ରତିଷ୍ଠାନ, କୋଲକାତା। (୦୧.୧୨.୨୦୨୬ ରେ ପଦବୀ ଖାଲି ହେବାର ସମ୍ଭାବନା ଅଛି):

ଏହି ପଦବୀଗୁଡ଼ିକ 'ଡେପୁଟେସନ୍' କିମ୍ବା 'ଚୁକ୍ତିଭିତ୍ତିକ' ଆଧାରରେ ପୂରଣ କରାଯିବ ଏବଂ ଡେପୁଟେସନ୍ ପାଇଁ 'ପେ ମ୍ୟାଟ୍ରିକ୍ସ'ର 'ବେତନ ସ୍ତର–୧୩(ଟ.୧,୨୩,୧୦୦/–ରୁ ଟ.୨,୧୫,୯୦୦/–) ଚୁକ୍ତି ଭିତ୍ତିକ ଆଧାର ପାଇଁ ମାସିକ ୧,୭୫,୦୦୦ ଟଙ୍କାର ସଂଗଠିତ ପାରିଶ୍ରମିକ।

୨. ବିସ୍ତୃତ ବିଜ୍ଞାପନ ବିଭାଗର ୱେବସାଇଟ୍ (https://depwd.gov.in) ଏବଂ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକର ୱେବସାଇଟରେ ଉପଲବ୍ଧ ଅଛି। 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍' ରେ ବିଜ୍ଞାପନ ପ୍ରକାଶ ପାଇବା ତାରିଖରୁ ୪୨ ଦିନ ମଧ୍ୟରେ ଆବେଦନ ଗ୍ରହଣ କରାଯିବ।

**cbc38117/11/0013/2627** ନିର୍ଦ୍ଦେଶକ (NIs)


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭ ୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

### ଖୋର୍ଦ୍ଧାରେ କିଟ୍ ଆଇନ ସେବା କ୍ଲିନିକ୍ ପକ୍ଷରୁ
# ମହିଳାଙ୍କ ପାଇଁ ଆଇନ ସଚେତନତା ଶିବିର

ଭୁବନେଶ୍ୱର, (ସବ୍ୟୁ): କିଟ୍ ଲ' ସ୍କୁଲ୍‌ର ଆଇନ ସେବା କ୍ଲିନିକ୍ ପକ୍ଷରୁ ମହିଳାଙ୍କ ମଧ୍ୟରେ ଆଇନ ସାକ୍ଷରତା ଓ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଖୋର୍ଦ୍ଧା ଜିଲ୍ଲା ନାଲିପଡ଼ା-ଅର୍ଜୁନପୁର ପଞ୍ଚାୟତରେ ଇତି ମଧ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ପଞ୍ଚାୟତ ସମେତ ଆଖପାଖ ଗ୍ରାମର ବହୁ ମହିଳା ଯୋଗଦେଇଥିଲେ। ଏଥିରେ ମହିଳାଙ୍କ ସାମ୍ବିଧାନିକ ଓ ଆଇନଗତ ଅଧିକାର, ହିଂସା ଓ ଉତ୍ପୀଡ଼ନରୁ ସୁରକ୍ଷା, ଆଇନଗତ ସୁରକ୍ଷା ବ୍ୟବସ୍ଥା ଏବଂ ନ୍ୟାୟ ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅଂଶଗ୍ରହଣକାରୀ ମହିଳାମାନେ ବିଭିନ୍ନ ଆଇନଗତ ଓ ସାମାଜିକ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିବା ସହ ଆବଶ୍ୟକ ସୂଚନା ଜାଣିବାକୁ ପାଇଥିଲେ। କିଟ ଆଇନ ସେବା କ୍ଲିନିକ୍‌ର ଛାତ୍ର ସ୍ୱେଚ୍ଛାସେବୀମାନେ ଶିବିରରେ ସକ୍ରିୟ ଭାବେ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସହ ଆଇନଗତ ସମସ୍ୟା ନେଇ ଆଲୋଚନା କରିଥିଲେ। ଆବଶ୍ୟକ ସମୟରେ ଆଇନଗତ ସହାୟତା ପାଇବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ମଧ୍ୟ ସେମାନେ ଲୋକଙ୍କୁ ଅବଗତ କରାଇଥିଲେ। ଏହି ଶିବିର ଆଇନ ସେବା ନିର୍ଦ୍ଦେଶକ ଲୋକନାଥ ମହାପାତ୍ର, ଆଇନ ସେବା କ୍ଲିନିକ୍‌ର ଫ୍ୟାକଲ୍ଟି ସଂଯୋଜକ ଶଶାଙ୍କ ନନ୍ଦେ ଓ ଡ. ପ୍ରଜ୍ଞା ପାରମିତା ରାୟ ଏବଂ କିଟ୍ ଲ' ସ୍କୁଲ୍‌ର ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଶ୍ରୀମତୀ ଅମ୍ରିତା ବଳଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନାଲିପଡ଼ା-ଅର୍ଜୁନପୁର ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟ ପ୍ରସାଦ ମହାନ୍ତି ଉପସ୍ଥିତ ରହି ଏହି ଉଦ୍ୟମକୁ ମୂଲ୍ୟବାନ ସମର୍ଥନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳ ସ୍ତରରେ ନ୍ୟାୟ ପାଇବାର ସୁଯୋଗ, ଆଇନ ସଚେତନତା ଓ ସାମାଜିକ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ଦିଗରେ କିଟ୍ ଲ' ସ୍କୁଲ୍‌ର ନିରନ୍ତର ପ୍ରୟାସ ଜାରି ରହିଛି। ଏଭଳି କାର୍ଯ୍ୟକ୍ରମ ଜରିଆରେ କିଟ ଲ ସ୍କୁଲ ଛାତ୍ରଛାତ୍ରୀମାନେ କ୍ଲିନିକାଲ୍ ଆଇନ ଶିକ୍ଷା ଓ ସମୁଦାୟଭିତ୍ତିକ ଆଇନ ସେବା ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ପାଇଥାନ୍ତି।



## ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବୃକ୍ଷରୋପଣ

ଜଟଣୀ, (ସବ୍ୟୁ) : 'ଏକ ପେଡ୍ ମା କେ ନାମ ଅଭିଯାନ-୩.୦' ଏବଂ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ପରିସରରେ ଏକ ସାମୂହିକ ରୋପଣ ଅଭିଯାନର ଆୟୋଜନ କରିଥିଲା। ପ୍ରତିଷ୍ଠାନର ସଦସ୍ୟମାନେ ଉତ୍ସାହ ଏବଂ ଉତ୍ସାହର ସହିତ ଏହି ଅଭିଯାନରେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ ଏବଂ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସରେ ପ୍ରାୟ ୨୦୦ଟି ଆଭେନ୍ୟୁ, ଫଳଦାୟକ ଏବଂ ଅଳଙ୍କାରିକ ଚାରା ରୋପଣ କରିଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ବୃକ୍ଷରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଫେସର ମିହିର କୁମାର ଦାସ (ଡିନ୍, ଛାତ୍ର ବ୍ୟାପାର), ବାମଦେବ ଆଚାର୍ଯ୍ୟ (ରେଜିଷ୍ଟ୍ରାର), ଡକ୍ଟର ଅଙ୍କିତ ଦଲାଲ (ଏନଏସଏସ ସଂଯୋଜକ) ଏବଂ କେ. ରବିନ୍ କୁମାର ଡୋରା (ତତ୍ତ୍ୱାବଧାରକ ଯନ୍ତ୍ରୀ) ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଓ ବୃକ୍ଷରୋପଣ କରିଥିଲେ।

# ଡ୍ରିମ୍‌ସ ସ୍କୁଲ ଅଫ୍ ଫାର୍ମାସୀରେ ଅଭିମୁଖୀକରଣ ଉତ୍ସବ

କଟକ, (ସ୍ୱପ୍ର): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଫାର୍ମାସୀରେ ବି. ଫାର୍ମା ଓ ଡି. ଫାର୍ମାର ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀ କରଣ କାର୍ଯ୍ୟକ୍ରମ ପ୍ରାରମ୍ଭ ଶୁଭାରମ୍ଭ ହୋଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ସ୍ୱପ୍ନ ଦେଖିଥିବା ନବାଗତ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟଅତିଥି ଫାର୍ମାସିଉଟିକାଲ ସାଇନ୍ସ ଓ ରିସର୍ଚ୍ଚ, ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଡା. ପ୍ରଭାତ କୁମାର ସାହୁ ଚିକିତ୍ସା ବିଜ୍ଞାନ ଓ ଗବେଷଣା ନିମନ୍ତେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡିନ୍ ( ଗବେଷଣା)



ଉଦଘାଟନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟପୁରୋଧା ଭାବରେ ଯୋଗଦେଇ ନିମନ୍ତ୍ରିତ ଅତିଥି, ଉପସ୍ଥିତ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇବା ସହ ଫାର୍ମାସୀକୁ କ୍ୟାରିୟର କରିବାର କ୍ଷେତ୍ରରେ ଫାର୍ମାସୀ ପାଠ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ । ସମ୍ମାନିତ ଅତିଥି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧିନସ୍ଥ କେନ୍ଦ୍ରୀୟ ଭେଷଜ ମାନକ ନିୟନ୍ତ୍ରଣ ସଂସ୍ଥାର ନିରୀକ୍ଷକ ମଙ୍ଗଳ ଜ୍ୟୋତି ଦାସ ବୃତ୍ତିଗତ ସଫଳତା ଡ. ବିଶ୍ୱରଂଜନ ମହାନ୍ତି, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡ. ଅମୂଲ୍ୟ ରନି ବେହେରା ସ୍ୱାଗତ ଅଭିଭାଷଣ ଓ ପ୍ରାଧ୍ୟାପକ ଡ. କାହ୍ନୁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା ଷ୍ଟିଲ୍‌ର ନୂଆ ଅଭିଯାନ: ମୁକ୍ତିଲାଭ କଲା କ୍ଷୁଦ୍ର ଚଳଚ୍ଚିତ୍ର 'ଜୀବନର ପୁନଃଚକ୍ରଣ'

ଭୁବନେଶ୍ୱର (ସବ୍ୟୁ): ଦୀର୍ଘସ୍ଥାୟୀ ପରିବେଶ ଓ ସବୁଜ ଭବିଷ୍ୟତ ନିର୍ମାଣ ଲକ୍ଷ୍ୟରେ ଟାଟା ଷ୍ଟିଲ୍ ତାର କର୍ପୋରେଟ୍ ଅଭିଯାନ 'ଆମେ ଭବିଷ୍ୟତ ମଧ୍ୟ ନିର୍ମାଣ କରିଥାଉ'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି । ଏହି ଅବସରରେ ପ୍ରସିଦ୍ଧ ବ୍ରିଟିଶ୍ ଆନିମେସନ୍ ନିର୍ମାତା ମାର୍ଟିନ୍ ପିକ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର 'ଜୀବନର ପୁନଃଚକ୍ରଣ' ଉନ୍ମୋଚିତ ହୋଇଛି । ଅଭିଯାନର ୱେବସାଇଟ୍: https://www.wealsomaketomorrow.tatasteel.com/ ୨୦୧୮ ରେ ଆରମ୍ଭ ହୋଇଥିବା ପ୍ରଥମ ପର୍ଯ୍ୟାୟ, ଯେଉଁଥିରେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କିପରି ଭବିଷ୍ୟତ ଗଠନ କରୁଛି ତାହା ଉପରେ ଧ୍ୟାନ ଦିଆଯାଇଥିଲା, ତାର ଆଧାରରେ ଏହି ନୂତନ ଅଧ୍ୟାୟ ଦୀର୍ଘସ୍ଥାୟୀ ପରିବେଶ ଓ ଭବିଷ୍ୟତକୁ ମୁଖ୍ୟ ବିଷୟବସ୍ତୁ ଭାବେ ଗ୍ରହଣ କରିଛି । ନିଜର ଉତ୍ପାଦ, ସମାଧାନ ଏବଂ ପଦକ୍ଷେପ ମାଧ୍ୟମରେ ଦାୟିତ୍ୱପୂର୍ଣ୍ଣ କଞ୍ଚାମାଲ ତଥା ଉତ୍ପାଦନ କିଭଳି ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ, ଟାଟା ଷ୍ଟିଲ୍ ତାହା ଉପସ୍ଥାପନ କରୁଛି । ନିଜର ମୌଳିକ ଗୁଣ ନହରାଇ ଇସ୍ପାତ କିଭଳି ବାରମ୍ବାର ପୁନଃଚକ୍ରଣ ହୋଇପାରେ, ତାହାକୁ ଶିଶୁ ଏବଂ 'ଓରିଗାମି' କଳା ମାଧ୍ୟମରେ ଏହି ଚଳଚ୍ଚିତ୍ରରେ ଜୀବନ୍ତ କରାଯାଇଛି । ସଙ୍ଗୀତ ନିର୍ଦ୍ଦେଶକ ଧ୍ରୁବ ଘାନେକରଙ୍କ ସଂଯୋଜନା ଓ ବିଶିଷ୍ଟ କର୍ଣ୍ଣାଟକୀ ଗାୟକ ସଞ୍ଜୟ ସୁବ୍ରହ୍ମଣ୍ୟନ୍‌ଙ୍କ କଣ୍ଠରେ ପ୍ରସ୍ତୁତ 'ରିସାଇକେଲ୍ ରାଗ' ଏହାର ମୁଖ୍ୟ ଆକର୍ଷଣ ପାଲଟିଛି ।୨୦୪୫ ସୁଦ୍ଧା ସମ୍ପୂର୍ଣ୍ଣ 'ନେଟ୍ ଜିରୋ' ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ରଖିଥିବା ଟାଟା ଷ୍ଟିଲ୍ ଆଗାମୀ ୧୦ ରୁ ୧୫ ବର୍ଷ ମଧ୍ୟରେ କେବଳ ପୁନଃଚକ୍ରଣ ପଦ୍ଧତିରେ ବାର୍ଷିକ ୧୦ ରୁ ୧୫ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିବାକୁ ଯୋଜନା କରିଛି। ଏଥିପାଇଁ କମ୍ପାନୀ ଭାରତର ପଞ୍ଜାବ ସମେତ ପଶ୍ଚିମ ଓ ଦକ୍ଷିଣ ଭାରତରେ ଏବଂ ଇଉରୋପର ପୋର୍ଟ ଟାଲବଟ୍‌ଠାରେ (୩.୨ ନିୟୁତ ଟନ୍ କ୍ଷମତାସମ୍ପନ୍ନ) 'ବୈଦ୍ୟୁତିକ ଆର୍କ ଫର୍ଣ୍ଣେସ୍' ପ୍ରକଳ୍ପ ସ୍ଥାପନ କରୁଛି।

## ବରିଷ୍ଠ ମୁରବୀ ଭିକାରୀ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବିଧାୟିକା ସୋଫିଆ

କଟକ, (ସ୍ୱପ୍ର): କଟକ-ବାରବାଟୀ ବିଧାୟିକା ସୋଫିଆ ଫିରଦୋସ ଶୁକ୍ରବାର କଟକ ସହରର ବରିଷ୍ଠ ମୁରବୀ ତଥା କଟକ ମହାନଗର ଶାନ୍ତି କମିଟିର ସମ୍ପାଦକ ଭିକାରୀ ଦାସଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିଛନ୍ତି । ଶ୍ରୀ ଦାସ କିଛି ଦିନ ହେବ ଅସୁସ୍ଥ ଥିବାରୁ ବିଧାୟିକା ତାଙ୍କ ବାସଭବନରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଚିକିତ୍ସା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ । ଏଥିସହ ସେ ତାଙ୍କର ଆଶୁ ଆରୋଗ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି । ଏହି ଅବସରରେ କଟକ ନଗର କଂଗ୍ରେସ କମିଟି ସଭାନେତ୍ରୀ ଗିରିବାଳା ବେହେରାଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଉପସ୍ଥିତ ରହି ଶ୍ରୀ ଦାସଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

### ସହରାଞ୍ଚଳରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବ
# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ-ଏସ୍‌ବିଆଇ ଇ ପେ ସହଭାଗିତା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ସହରାଞ୍ଚଳରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ "ସୁଯୋଗ" ପ୍ଲାଟଫର୍ମ ଜରିଆରେ ନାଗରିକଙ୍କୁ ସୁଗମ, ସୁରକ୍ଷିତ ଓ ନାଗରିକକେନ୍ଦ୍ରିକ ପେମେଣ୍ଟ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପେମେଣ୍ଟ ଆଗ୍ରିଗେଟର୍ ସେବା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।। ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭାଗର ଅତିରିକ୍ତ ସଚିବ ସୁଭେନ୍ଦୁ ସାହୁ ଏବଂ ଏସ୍‌ବିଆଇ ପକ୍ଷରୁ ଡିଜିଏମ୍, ଟିବି ସୁଶାନ୍ତ କୁମାର ଦାଶ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏସ୍ ବି ଆଇ ଓଡ଼ିଶା ସର୍କଲ୍‌ର ମୁଖ୍ୟ ମହାପ୍ରବନ୍ଧକ ରାକେଶ ଯାଦବ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

ଏହି ସହଭାଗିତା ଫଳରେ ନାଗରିକମାନେ "ସୁଯୋଗ" ପ୍ଲାଟଫର୍ମ ଜରିଆରେ ବିଭିନ୍ନ ପୌର ସେବା, ଟିକସ, ଫି' ଏବଂ ୟୁଟିଲିଟି ଚାର୍ଜ ପାଇଁ ଅନ୍‌ଲାଇନ୍‌ରେ ପେମେଣ୍ଟ କରିପାରିବେ । ଏଥିପାଇଁ ଇଣ୍ଟରନେଟ୍ ବ୍ୟାଙ୍କିଂ, ମୋବାଇଲ୍ ବ୍ୟାଙ୍କିଂ ଏବଂ ଡିଜିଟାଲ୍ ୱାଲେଟ୍ ଭଳି ବିଭିନ୍ନ ଡିଜିଟାଲ୍ ପେମେଣ୍ଟ ବିକଳ୍ପ ଉପଲବ୍ଧ ହେବ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ନାଗରିକଙ୍କ ପାଇଁ ସରକାରୀ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସୁବିଧାଜନକ ଓ ସହଜଲଭ୍ୟ କରିବା ସହିତ ନିୟମିତ ପୌର କାରବାର ପାଇଁ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତାକୁ କମାଇବା । ଏହା ସହରାଞ୍ଚଳ ଶାସନରେ ସ୍ୱଚ୍ଛତା, ଦକ୍ଷତା ଓ ପେମେଣ୍ଟ ପ୍ରକ୍ରିୟାର ସୁଗମତାକୁ ଆହୁରି ବଢ଼ାଇବ । ଏହି ଅବସରରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, 'ସୁଯୋଗ' ପ୍ଲାଟଫର୍ମକୁ ସୁଦୃଢ଼ କରିବାରେ ଷ୍ଟେଟବ୍ୟାଙ୍କ ତରଫରୁ ମିଳିଥିବା ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ସେ କହିଥିଲେ ଯେ, ଏହି ସହଭାଗିତା ଡିଜିଟାଲ୍ ମାଧ୍ୟମରେ ନାଗରିକ ସେବାର ଦକ୍ଷତା, ସୁବିଧା ଓ ସହଜଲଭ୍ୟତାକୁ ଆହୁରି ବଢ଼ାଇବାରେ ସହାୟକ ହେବ ।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ରୁ ଶିକ୍ଷା ସମାପ୍ତ କରିଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଗ୍ରାଜୁଏସନ୍ ଉତ୍ସବ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୧ରୁ ଶିକ୍ଷା ସମାପ୍ତ କରିଥିବା ୨୦୨୦-୨୦୨୧ ବ୍ୟାଚ୍‌ର ଏମ୍‌ବିବିଏସ୍, ୨୦୨୨-୨୩ ବ୍ୟାଚ୍‌ର ଏମ୍‌ଡି/ଏମ୍‌ଏସ୍ ଓ ୨୦୨୩-୨୪ ବ୍ୟାଚ୍‌ର ଏମ୍‌ଡି/ଏମ୍‌ଏସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି।

ସେହିପରି ୨୦୨୨-୨୩ ଡିଏମ୍/ଏମ୍‌ସିଏଚ୍ ଶିକ୍ଷା ବର୍ଷରେ ବିଭିନ୍ନ ସୁପର ସ୍ପେଶିଆଲିଟି ଓ ୨୦୨୧-୨୨ ଓ ୨୦୨୨-୨୩ ବ୍ୟାଚର ମେଡିକାଲ୍ ଟେକ୍‌ନୋଲୋଜି ପ୍ରୋଗ୍ରାମ୍ (ଏମ୍‌ଟିପି)ରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର ଉପ କୁଳପତି ପ୍ରଫେସର ପ୍ରସେନ୍‌ଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗଜାମିନେସନ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସଙ୍କ ସମେତ ଏକାଡେମିକ୍ କାଉନ୍‌ସିଲର ସଦସ୍ୟ, ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟିମାନେ ଉପସ୍ଥିତ ଥିଲେ। ଆଡିସ୍‌ନାଲ ଡିନ୍ ପ୍ରଫେସର (ଡାକ୍ତର) ଅଜୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।




# ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜା କମିଟି ପକ୍ଷରୁ ମାଟି ଅନୁକୂଳ

କଟକ, (ସ୍ୱପ୍ର) : ଆସୁଛି କଟକର ପ୍ରସିଦ୍ଧ ଦୁର୍ଗାପୂଜା । ଏହାକୁ ଆଖି ଆଗରେ ରଖି ମାସେ ପୂର୍ବରୁ ଆରମ୍ଭ ହେଲାଣି ପ୍ରସ୍ତୁତି । ଏନେଇ ଶିଖରପୁର-ଗଣ୍ଡରପୁର-ମହାନଦୀ ବିହାର ପୂଜା କମିଟି ପକ୍ଷରୁ ଶୁକ୍ରବାର ଲଳିତା ସପ୍ତମୀରେ ମାଟି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପୂଜା କମିଟିର ନୂତନ କର୍ତ୍ତା ଭାବେ ଏମଡିଏ ଉପସଭାପତି ସରୋଜ ପ୍ରସାଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଭବ୍ୟ ଶୋଭାଯାତ୍ରାରେ ସମସ୍ତ କୀର୍ତ୍ତନ ମଣ୍ଡଳୀ, ଉପଦେଷ୍ଟା, ଚୟନିତ ସଦସ୍ୟ, ଜନପ୍ରତିନିଧି, ଏମଡିଏ କର୍ମକର୍ତ୍ତା, ସଦସ୍ୟ ଏବଂ ମହାନଦୀ ବିହାରର ସମସ୍ତ ଭକ୍ତବୃନ୍ଦଙ୍କୁ ଏଥିରେ ସାମିଲ ହୋଇଥିଲେ । ଏମଡିଏ ପରିସରରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏକତ୍ରିତ ହୋଇ ସଙ୍କୀର୍ତ୍ତନ ସହିତ ଶିଖରପୁର ଦୁର୍ଗା ମଣ୍ଡପକୁ ଆସି ସେଠାରୁ ମା'ଙ୍କ ବିମାନ ସହ ଭବ୍ୟ ଶୋଭାଯାତ୍ରାରେ ସାମିଲ ହୋଇ ସ୍ଥାନୀୟ ମହାନଦୀ ଘାଟ ଗୁରୁକ୍ଷେତ୍ରରୁ ପୂଜାର୍ଚ୍ଚନା ପରେ ମାଟି ଅନୁକୂଳ ହୋଇଛି । ଏହି ମାଟକୁ ମୂଳପିଣ୍ଡ ଭାବେ ବ୍ୟବହାର କରି ମୂର୍ତ୍ତି କାରିଗର ମା' ଦୁର୍ଗାଙ୍କ ମୂର୍ତ୍ତି ଗଢିବେ । ଏଥିରେ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡଙ୍ଗୀ, ପୂର୍ବତନ ସଭାପତି ରବିନ୍ଦ୍ରନାଥ ତ୍ରିପାଠୀ, ପୂଜା କମିଟି ଉପଦେଷ୍ଟା ନିର୍ମଳ କୁମାର ମହାନ୍ତି, ସଭାପତି ଜୟନ୍ତ ପ୍ରଧାନ, ସମ୍ପାଦକ ବିଷ୍ଣୁଚରଣ ନାୟକ, ଲକ୍ଷ୍ମୀଧର ମହାନ୍ତି, ଶୁକଦେବ ମହାନ୍ତି, କୋଷାଧ୍ୟକ୍ଷ ନଗେଷ ଚନ୍ଦ୍ର ସ୍ୱାଇଁ, ପ୍ରତାପ ଚନ୍ଦ୍ର ପରିଡାଙ୍କ ସମେତ ବହୁ ସଂଖ୍ୟାରେ କମିଟି ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ ।



## କୋକା-କୋଲାଇଣ୍ଡିଆ ମହାରାଷ୍ଟ୍ର ସମେତ ଅନ୍ୟାନ୍ୟ ରାଜ୍ୟରେ ସତେଜତା ଏବଂ ଅନନ୍ୟ ଉତ୍ସବ ବ୍ରାଣ୍ଡ ଅନୁଭୂତି ପ୍ରଦାନ କରୁଛି

ଭୁବନେଶ୍ୱର, (ସବ୍ୟୁ): ଏହି ଉତ୍ସବ ଋତୁରେ, କୋକା-କୋଲା ଇଣ୍ଡିଆ ତାହାର ବିବିଧ ପାନୀୟ ପୋର୍ଟଫୋଲିଓକୁ ଉପଭୋକ୍ତାମାନଙ୍କ ଅହୁରି ନିକଟତର କରୁଛି, ଯାହା ସେମାନଙ୍କ ଉତ୍ସବ ଅନୁଭୂତିକୁ ଦୃଢ଼ କରୁଥିବା ବିଭିନ୍ନ ଅବସରରେ ସତେଜତା ଏବଂ ଜଳୀୟଅଂଶକୁ ଯୋଗାଇଦେଉଛି। ମହାରାଷ୍ଟ୍ର ଏବଂ ଅନ୍ୟାନ୍ୟ ଅଂଚଳରେ ନିଜର ଉପସ୍ଥିତିକୁ ବିସ୍ତାର କରି, କମ୍ପାନୀ ଉଲ୍ଲସିତ ପେଣ୍ଡାଲ, ପଡ଼ୋଶୀ ହାଉସିଙ୍ଗ ସୋସାଇଟି ଏବଂ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିଧାସଳଖ ଏହି ଅନନ୍ୟ ବ୍ରାଣ୍ଡର ଅନୁଭୂତି ଆଣି ସ୍ଥାନୀୟ ସମୁଦାୟ ସହିତ ଯୋଡ଼ି ହେଉଛି। ଅଗଣିତ ସ୍ଥାନୀୟ ଦୋକାନଗୁଡ଼ିକରେ ପ୍ରିୟ ପାନୀୟଗୁଡ଼ିକୁ ସହଜରେ ଉପଲବ୍ଧ କରାଇ, କୋକା-କୋଲା ସାଙ୍ଗ ଏବଂ ପରିବାରବର୍ଗମାନଙ୍କ ପାଇଁ ଏହି ଉତ୍ସବ ସମୟରେ ଆନନ୍ଦର ମୁହୂର୍ତ୍ତଗୁଡ଼ିକୁ ସମସ୍ତଙ୍କ ମଧ୍ୟରେ ବାଂଟିବାକୁ ଆହୁରି ସହଜ କରିଛି। ସୋସାଇଟି ମଧ୍ୟରେ ଆନନ୍ଦ ଉତ୍ସବ ମାଧ୍ୟମରେ ମାଜା ଏହି ଅ ଳର ବହୁ ସଂଖ୍ୟକ ହାଉସିଙ୍ଗ ସୋସାଇଟିଗୁଡ଼ିକୁ ଏକ ବିଶେଷ ସାମୁଦାୟିକ ଅନୁଭୂତି ପ୍ରଦାନ କରିବ। ବିଜୟୀ ପଡ଼ୋଶୀମାନେ ଆକର୍ଷଣୀୟ ପୁରସ୍କାର ଏବଂ ଏହାର ବ୍ରାଣ୍ଡ ଆମ୍ବାସାଡ଼ର ରିତେଶ ଓ ଜେନେଲିଆଙ୍କୁ ଭେଟିବାର ଏକ ସ୍ୱତବ ସୁଯୋଗ ପାଇବେ।

# ହାଇଟେକ୍ ଦନ୍ତଚିକିତ୍ସା ମହାବିଦ୍ୟାଳୟରେ ପାଞ୍ଚ ଦିନିଆ ଗଣେଶ ଉତ୍ସବ ୨୦୨୬

ଭୁବନେଶ୍ୱର (ସବ୍ୟୁ): ହାଇଟେକ ଦନ୍ତ ଚିକିତ୍ସା ମହାବିଦ୍ୟାଳୟରେ ପଞ୍ଚଦିବସ ବ୍ୟାପି ଶ୍ରୀ ଗଣେଶ ଉତ୍ସବ ୨୦୨୬ ମହାସମାରୋହରେ ପାଳିତ ହେଉଅଛି। ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ବିଶ୍ୱରେ ଭାରତକୁ ପରିଚୟ ସୃଷ୍ଟି କରିବାକୁ ଯାଉଛି। ସହସ୍ରାଧିକ ଡାକ୍ତରୀ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ପରିବେଶରେ ପ୍ରତେହ ସନ୍ଧ୍ୟାରେ ଭଜନ କୀର୍ତନ ସହ ମନୋଜ୍ଞ ବିଭୂଚେତନା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ଆଧ୍ୟାତ୍ମିକମୟ ସୃଷ୍ଟି କରୁଛି। ଅଧ୍ୟକ୍ଷ ପ୍ରଫେସର ଡ଼କ୍ଟର ସଂଗ୍ରାମ ପାତ୍ର ବିଦ୍ୟାର୍ଥୀ ମାନଙ୍କ ଏତାଦୃଶ କାର୍ଯ୍ୟକୁ ପ୍ରଶଂସା କରିଥବାବେଳେ ଉପାଧ୍ୟକ୍ଷ ଡ଼କ୍ଟର ସୁବାସ ନାୟକ ଡ଼କ୍ଟର ଅଭିତୋଷ ଦେବତା, ଡ଼କ୍ଟର ସିଦ୍ଧାର୍ଥ ନାୟକ ଡ଼କ୍ଟର ଦେବଜ୍ୟୋତି ବର୍ଦ୍ଧନ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରେ ପାଠପଢା ସହ ଆଧ୍ୟାତ୍ମିକ ଭାବନା ପ୍ରତି ଜାଗ୍ରତ ରହିବା ପାଇଁ ଆହ୍ୱାନ ଦେଇଥିବା ବେଳେ ବିଦ୍ୟାର୍ଥୀ ସାରଦା ପ୍ରସନ ଆଚାର୍ଯ୍ୟ, ନିଲୁଫର ଜହନା, ଆକାଂକ୍ଷ୍ୟା ଦଳବେହେରା, କୈବଲ୍ୟ ପ୍ରଧାନ, ତନ୍ମୟ ଭୂୟାଁ, କାଜଲ ରଥ, ସିଦ୍ଧାର୍ଥ ପଟ୍ଟନାୟକ, ସମୀକ୍ଷ୍ୟା ଦାସ, ଶିବାନୀ ମିଶ୍ର ଶ୍ରେୟା ବକ୍ସି, ସଂଯୁକ୍ତା ଚାନ୍ଦ, ନେହା ଦାସ, ସବା ସରମିନି ଇତ୍ୟାଦି ବିଦ୍ୟାର୍ଥୀ ଖୁବ ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ । ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀ ମନେଜିଙ୍ଗ ଟ୍ରଷ୍ଟି ତଥା ସିଇଓ ସୁରେଶ ପାଣିଗ୍ରାହୀ ଓ ଟ୍ରଷ୍ଟି ମଧୁସ୍ମିତା ପାଣିଗ୍ରାହୀ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଡାକ୍ତରୀ ବିଦ୍ୟାର୍ଥୀଙ୍କୁ ଭୁୟସୀ ପ୍ରଶଂସା କରିଛନ୍ତି।



## ଜେଏସ୍‌ଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ ପକ୍ଷରୁ 'ଗୀତୁ ସେବା କିଚେନ୍' ଆରମ୍ଭ



ଭୁବନେଶ୍ୱର (ସବ୍ୟୁ): ସମାଜର ଆବଶ୍ୟକତାରେ ଥିବା ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ଜେଏସଡବ୍ଲ୍ୟୁ ଗ୍ରୁପ୍ର ପଦକ୍ଷେପ 'ଗୀତୁ ସେବା କିଚେନ୍' ଆରମ୍ଭ ହୋଇଛି। ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ଅଧ୍ୟକ୍ଷା ସଙ୍ଗୀତା ଜିନ୍ଦଲଙ୍କ ପ୍ରେରଣାରେ ଏହି ପଦକ୍ଷେପ ନିଆଯାଇଛି। 'ସେବା ପରମୋ ଧର୍ମ' ମନ୍ତ୍ରକୁ ଆଧାର କରି ହସ୍ପିଟାଲ, ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ଆବଶ୍ୟକୀୟଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯିବ। ସେପ୍ଟେମ୍ବର ୧୬ରେ ଜେଏସଡବ୍ଲ୍ୟୁ ଜେଏଫ୍‌ଇ ଷ୍ଟିଲ୍ର ହୋଲ୍ ଟାଇମ୍ ଡାଇରେକ୍ଟର ତଥା ସିଇଓ ଉମେଶ ରାୟ ଏହାର ଉଦ୍ଘାଟନ କରିଥିଲେ। ଅକାଂକ୍ଷା ଲେଡିଜ୍ କ୍ଲବ୍ର ସଭାପତି ପ୍ରୀତି ରାୟଙ୍କ ନେତୃତ୍ୱରେ ପ୍ରଥମ ସେବା ଭାବେ ଝାରସୁଗୁଡ଼ା ସଞ୍ଜୀବନୀ ହସ୍ପିଟାଲର ରୋଗୀଙ୍କ ସମ୍ପର୍କୀୟ ଓ ହାଉସକିପିଂ କର୍ମଚାରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ୩୦ ଜଣ ମହିଳା ସ୍ୱେଚ୍ଛାସେବୀଙ୍କୁ ନେଇ ଆରମ୍ଭ ହୋଇଥିବା ଏହି କିଚେନ୍ରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ପାଇଁ ଆଧୁନିକ ସୁବିଧା ସହ ବ୍ୟବସ୍ଥିତ ପ୍ରକ୍ରିୟା ରହିଛି।

### ଆଇଆଇଏ ଓଡ଼ିଶା ଚାପ୍ଟରର
# ନୂଆ ଏକ୍‌ଜିକ୍ୟୁଟିଭ କମିଟି ୨୦୨୬-୨୮ ନିମନ୍ତେ ଦାୟିତ୍ୱ ଗ୍ରହଣ କଲେ

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଆର୍କିଟେକ୍ଟସ୍ (ଆଇଆଇଏ), ଓଡ଼ିଶା ଚାପ୍ଟରର ୨୦୨୬-୨୮ ନିମନ୍ତେ ନବ ନିର୍ବାଚିତ ଏକଜିକ୍ୟୁଟିଭ କମିଟି (କାର୍ଯ୍ୟନିର୍ବାହୀ କମିଟି) ନିର୍ବାଚନ ଫଳ ସେପ୍ଟେମ୍ବର ୪, ୨୦୨୬ରେ ଘୋଷଣା ହେବାପରେ ସେପ୍ଟେମ୍ବର ୧୬, ୨୦୨୬ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ଥପତି ମୌସୁମୀ ନନ୍ଦ ଆଇଆଇଏ ଓଡ଼ିଶା ଚାପ୍ଟରର ଚେୟାରପର୍ସନ ଭାବରେ ନିର୍ବାଚିତ ହୋଇଛନ୍ତି। ନୂତନ ଟିମ୍ ରେ ନିମ୍ନଲିଖିତ କାର୍ଯ୍ୟକର୍ତ୍ତାଗଣ ରହିଛନ୍ତି। ସେମାନେ ହେଲେ ଆଇଆଇଏ ଓଡ଼ିଶା ଚାପ୍ଟରର ଚେୟାରପର୍ସନ ସ୍ଥପତି ମୌସୁମୀ ନନ୍ଦ, ଭାଇସ ଚେୟାରପର୍ସନ ସ୍ଥପତି ଲକ୍ଷ୍ମୀ ନାରାୟଣ ସିଂହ, ଅବୈତନିକ କୋଷାଧ୍ୟକ୍ଷ ସ୍ଥପତି ବିଭୁଦତ୍ତ ସାହୁ, ଯୁଗ୍ମ ଅବୈତନିକ ସମ୍ପାଦକ ସ୍ଥପତି ଦେବୀ ପ୍ରସାଦ ସାହୁ, ଯୁଗ୍ମ ଅବୈତନିକ ସମ୍ପାଦକ ସ୍ଥପତି ଭକ୍ତି ପ୍ରସାଦ ମହାପାତ୍ର । ନବ ନିର୍ବାଚିତ ଏକଜିକ୍ୟୁଟିଭ କମିଟି ସଦସ୍ୟଗଣ ହେଉଛନ୍ତି ସ୍ଥପତି ନନ୍ଦିନୀ ପରିଡ଼ା, ଲଗ୍ନଜିତ ମହାପାତ୍ର, ଶିବ ପ୍ରସାଦ ରଥ,ସୌମ୍ୟ ରଞ୍ଜନ ବେହେରା, ସ୍ନେହଲତା ଦାଶ,ଅନୁସୂୟା ତ୍ରିପାଠୀ, ରବି ନାରାୟଣ ଦାସ, ଶଙ୍କର ଗିରି, ଅଭିନବ କୌଶଲ୍ , ମାନସ ରଞ୍ଜନ ନାୟକ ଏଥି ସହିତ ରୁଦ୍ର ସବିତ୍ରୁ ନାୟକ ଏବଂ ଦିବ୍ୟ ଜ୍ୟୋତି ରାୟଙ୍କୁ ମିଳିତ ଭାବରେ ଏକଜିକ୍ୟୁଟିଭ କମିଟି ସଦସ୍ୟ ଭାବରେ ମନୋନୀତ କରାଯାଇଛି। ନୂଆ କାର୍ଯ୍ୟନିର୍ବାହୀ କମିଟି ଆନୁଷ୍ଠାନିକ ଭାବରେ ସେପ୍ଟେମ୍ବର ୧୬ରେ ଆଇଆଇଏ ଓଡ଼ିଶା ଚାପ୍ଟରର ୨୦୨୫-୨୬ ନିମନ୍ତେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକ ଅବସରରେ ଦାୟିତ୍ୱ ଗ୍ରହଣ କରିଥିଲେ।



# ଉରି ଆକ୍ରମଣକୁ ପୂରିଲା ୧୦ ବର୍ଷ

## ଏବେ ବି ଅଭୁଲା ସେଦିନର ଘଟଣା



**ନୂଆଦିଲ୍ଲୀ:** ୨୦୧୬ ମସିହା ସେପ୍ଟେମ୍ବର ୧୮ । ସକାଳ ହେବା ପୂର୍ବରୁ ଜମ୍ମୁ-କଶ୍ମୀରର ଉରିରେ ଥିବା ଭାରତୀୟ ସେନା ଶିବିରରେ ହଠାତ୍ ଶୁଭିଥିଲା ଗୁଳି ଓ ବିସ୍ଫୋରଣର ଶବ୍ଦ। ସେହି ସକାଳର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟବିଦାରକ। ଆକ୍ରମଣକାରୀମାନେ ଗ୍ରେନେଡ୍ ମାଡ଼ କରିବା ସହ ଗୁଳି ଚଳାଇଥିଲେ। ଶିବିରରେ ନିଆଁ ଲାଗିଯିବାରୁ ଅନେକ ଯବାନ ଗୁରୁତର ଭାବେ ଆହତ ହୋଇଥିଲେ। ସେନାର ପ୍ରତିଆକ୍ରମଣରେ ଚାରିଜଣ ଆତଙ୍କବାଦୀ ନିହତ ହୋଇଥିଲେ, କିନ୍ତୁ ତା' ପୂର୍ବରୁ ଦେଶ ହରାଇଥିଲା ତା'ର ବୀର ସନ୍ତାନମାନଙ୍କୁ।

ଉରି ଆକ୍ରମଣ କେବଳ ଏକ ସେନା ଶିବିର ଉପରେ ହୋଇଥିବା ଆକ୍ରମଣ ନଥିଲା; ଏହା ଅନେକ ପରିବାରର ଜୀବନକୁ ଚିରଦିନ ପାଇଁ ବଦଳାଇ ଦେଇଥିଲା।ଚାରିଜଣ ଆତଙ୍କବାଦୀ ସେନା ଶିବିର ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରଥମେ ୧୭ ଜଣ ଯବାନ ସହିଦ ହୋଇଥିବାବେଳେ ପରବର୍ତ୍ତୀ ଦିନଗୁଡ଼ିକରେ ଆହତ ଯବାନଙ୍କ ମଧ୍ୟରୁ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ଫଳରେ ସହିଦଙ୍କ ସଂଖ୍ୟା ୧୯ରେ ପହଞ୍ଚିଥିଲା। ଯେଉଁ ଘରଗୁଡ଼ିକରେ ସେଦିନ ପର୍ଯ୍ୟନ୍ତ ଫେରିବା ବାଟକୁ ଚାହିଁ ବସିଥିଲେ ପରିବାର, ସେଠାକୁ ଫେରିଥିଲା ଦୁଃଖଦ ଖବର। ମା' ହରାଇଥିଲେ ପୁଅକୁ, ପତ୍ନୀ ହରାଇଥିଲେ ଜୀବନସାଥୀଙ୍କୁ ଏବଂ ଛୋଟ ପିଲାଙ୍କ ମୁଣ୍ଡରୁ ଉଠିଯାଇଥିଲା ବାପାଙ୍କ ସ୍ନେହର ଛାତ। ସେହି ଶୂନ୍ୟତାର ଯନ୍ତ୍ରଣା ଆଜି ବି ଅନେକ ପରିବାର ବୋହିଚାଲିଛନ୍ତି।ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରାଯାଇଥିଲା ଏବଂ ସେନା ପକ୍ଷରୁ ବିଭିନ୍ନ ପ୍ରୋଟୋକଲ୍ ଓ ସୁରକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିବା ସରକାରୀ ରେକର୍ଡରେ ଉଲ୍ଲେଖ ରହିଛି। ଏହାର କିଛି ଦିନ ପରେ, ୨୮-୨୯ ସେପ୍ଟେମ୍ବର ରାତିରେ ଭାରତୀୟ ସେନା ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିବା ଭାରତ ସରକାର ଘୋଷଣା କରିଥିଲେ। ଦଶ ବର୍ଷ ବିତିଗଲାଣି। ସମୟ ଆଗକୁ ବଢ଼ିଛି, ପିଢ଼ି ବଦଳିଛି, କିନ୍ତୁ ୧୯ ଜଣ ଯବାନଙ୍କ ବଳିଦାନର ସ୍ମୃତି ମିଳାଇ ଯାଇନାହିଁ। ପ୍ରତିବର୍ଷ ସେପ୍ଟେମ୍ବର ୧୮ ଆସିଲେ ଦେଶ ସେହି ବୀର ଯବାନମାନଙ୍କୁ ଶ୍ରଦ୍ଧାର ସହ ସ୍ମରଣ କରେ। ସେମାନେ ଆଜି ଆମ ମଧ୍ୟରେ ନାହାନ୍ତି, କିନ୍ତୁ ଦେଶ ପାଇଁ ଦେଇଥିବା ସେମାନଙ୍କ ତ୍ୟାଗ ଓ ବଳିଦାନ ଭାରତର ସ୍ମୃତିରେ ସବୁବେଳେ ଅମର ହୋଇ ରହିବ।

# ମସଜିଦ ନିକଟରେ ବିସ୍ଫୋରଣ, ଗଲାଣି ୧୭ ଜୀବନ



**ଇସ୍ଲାମବାଦ:** ବିସ୍ଫୋରଣରେ ଦୋହଲି ଯାଇଛି ପାକିସ୍ତାନ। ଶୁକ୍ରବାର ମୁସଲିମଙ୍କ ଜୁମା ନମାଜ ବେଳେ ହୋଇଛି ବିସ୍ଫୋରଣ। ଖାଯବର ପାଖତୁନଖ୍ୱାର କୋହଟା ଜିଲ୍ଲା ଅନ୍ତର୍ଗତ ପୁଲିସ୍ ଲାଇନ ଅଞ୍ଚଳରେ ଥିବା ଗୋଟିଏ ମସଜିଦ ନିକଟରେ ଆତ୍ମଘାତୀ କାର ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି।ଏଥିରେ ବର୍ତ୍ତମାନ ସୁଦ୍ଧା ୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି। ମୃତକଙ୍କ ମଧ୍ୟରେ ୧୧ ଜଣ ସାଧାରଣ ଲୋକ ଓ ୫ ଜଣ ପୁଲିସ କର୍ମଚାରୀ ରହିଛନ୍ତି। ଶୁକ୍ରବାର ଜୁମା ପାଇଁ ଆଜି ପୁଲିସ୍ ଲାଇନ ଅଞ୍ଚଳରେ ସମୂହ ନମାଜ ପାଠ ଚାଲିଥିଲା। ସୁରକ୍ଷାକର୍ମୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକ ସମୂହ ନମାଜ ପାଠରେ ସାମିଲ ହୋଇଥିଲେ। ଏତିକି ବେଳେ ହଠାତ୍ ମସଜିଦ ବାହାରେ ଭୟଙ୍କର ବିସ୍ଫୋରଣ ହୋଇଥିଲା।କୁହାଯାଉଛି ଯେ ମଧ୍ୟାହ୍ନ ସମୟରେ ସମୂହ ନମାଜ ପାଠ ଚାଲିଥିବା ବେଳେ ଗୋଟିଏ ବିସ୍ଫୋରକ ଖଚିତ ଗାଡ଼ି ପୁରୁଣା ପୁଲିସ୍ ଲାଇନ୍ସ ଗେଟକୁ ଭାଙ୍ଗି ପ୍ରବେଶ କରିଥିଲା। ଏହାପରେ ଗାଡ଼ି ଚାଳକ ନିଜକୁ ବିସ୍ଫୋରଣ କରି ଉଡ଼ାଇ ଦେଇଥିଲେ। କିଛି ସମୟ ପାଇଁ ମଧ୍ୟ ସେଠାରେ ଗୁଳି ବିନିମୟ ହୋଇଥିଲା। ଜଣେ ପୁଲିସ୍ କର୍ମଚାରୀ କହିଛନ୍ତି ଯେ ମସଜିଦ ନିକଟ ବିସ୍ଫୋରଣଟି ଆତ୍ମଘାତୀ ହମଲା। ସେହିପରି ସ୍ପେଶାଲ ବ୍ରାଞ୍ଚ ବିଲଡିଂ ନିକଟରେ ମଧ୍ୟ ଗୁଳି ବିନିମୟ ପରେ ଆଉ ଏକ ବିସ୍ଫୋରଣ ହୋଇଛି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ସାଧାରଣ ଲୋକ ରହିଛନ୍ତି। ବିସ୍ଫୋରଣ ପରେ ପୂରା ଅଞ୍ଚଳରେ ଅତିରିକ୍ତ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ଉଦ୍ଧାର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାରୀ ଟିମର କହିବା କଥା ଯେ ବିସ୍ଫୋରଣ ପ୍ରଭାବ ଏତେ ଅଧିକ ରହିଥିଲା ଯେ ଏହା ମସଜିଦର ବାହାର ପାର୍ଶ୍ୱକୁ ପୂରା କ୍ଷତିଗ୍ରସ୍ତ କରିଛି। ସେହିପରି ମସଜିଦର ଗୋଟିଏ କାନ୍ଥ ମଧ୍ୟ ଭୁଶୁଡ଼ି ପଡ଼ିଛି। ଏବେ ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ କୋହଟା-ହାଙ୍ଗୁ ରୋଡ୍ରେ ସମସ୍ତ ଯାତାୟାତକୁ ବନ୍ଦ କରି ଦିଆଯାଇଛି। କୋହଟାରେ ଥିବା ଜିଲ୍ଲା ହସ୍ପିଟାଲରେ ଏମର୍ଜେନ୍ସି ଲାଗୁ ହୋଇଛି।

## ନିଠାରୀ ହତ୍ୟାକାଣ୍ଡ

# ଦୋଷମୁକ୍ତ ସୁରେନ୍ଦ୍ର କୋଲିଙ୍କ ଆତ୍ମହତ୍ୟା



**ନୂଆଦିଲ୍ଲୀ:** ଝୁଲନ୍ତା ଅବସ୍ଥା ମିଳିଛି ଏକଦା ନିଠାରୀର ରାକ୍ଷାସ ଭାବେ ପରିଚୟ ହାସଲ କରିଥିବା ସୁରିନ୍ଦର କୋଲିଙ୍କ ମୃତଦେହ। ନୋଏଡାର ନିଠାରୀ ଠାରେ ଛୋଟ ଛୋଟ ପିଲାଙ୍କୁ ହତ୍ୟା କରିବା ଘଟଣାରେ ଗତବର୍ଷ ସୁପ୍ରିମକୋର୍ଟ ସୁରେନ୍ଦ୍ରଙ୍କୁ ଦୋଷମୁକ୍ତ କରିଥିଲେ। ହେଲେ ଏବେ ହରିଦ୍ୱାର ସ୍ଥିତ ଗୋଟିଏ ଚା' ଷ୍ଟଲ ଭିତରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତବର୍ଷ ସୁପ୍ରିମକୋର୍ଟରୁ ଦୋଷମୁକ୍ତ ହେବା ପରେ କୋଲି ସିଧା ହରିଦ୍ୱାର ଚାଲି ଯାଇଥିଲେ। ସେଠାରେ ଭଡ଼ାରେ ଗୋଟିଏ ଚା' ଷ୍ଟଲ ନେଇ ସେ ବେପାର ଆରମ୍ଭ କରିଥିଲେ। ହେଲେ ଆଜି ଚା' ଷ୍ଟଲ ଭିତରୁ ସେ ଗୋଟିଏ ଦୌଡ଼ି ଦ୍ୱାରା ଆତ୍ମହତ୍ୟା କରିଛନ୍ତି।ପୁଲିସ୍ ମୃତଦେହକୁ ଜବତ କରି ଉତ୍ତର ପ୍ରଦେଶର ଅଲମୋରାରେ ରହୁଥିବା ପରିବାର ଲୋକଙ୍କୁ ଖବର ଦେଇଛି। ସେହିପରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଆଜି ସକାଳେ ସପତ ଋଷି ପୁଲିସ୍ ଆଉଟପୋଷ୍ଟ ଏ ସମ୍ପର୍କରେ ପ୍ରଥମେ ଖବର ପାଇଥିଲା।ସପତ ସରଭର ରୋଡରେ ସ୍ଥିତ ଲାଲମାତା ମନ୍ଦିରର ବିପରୀତ ଦିଗରେ ଥିବା ଗୋଟିଏ ଚା' ଷ୍ଟଲ ଭିତରେ ଜଣେ ବ୍ୟକ୍ତି ଝୁଲି ପଡ଼ିଥିବା ଖବର ପାଇ ପୁଲିସ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲା।ଯାଞ୍ଚ ପରେ ମୃତ ବ୍ୟକ୍ତି ଜଣଙ୍କ ସୁରେନ୍ଦ୍ର କୋହଲି ବୋଲି ପୁଲିସ ସ୍ପଷ୍ଟ କରିଛି। ଏକଦା ସେ ଦେଶରେ ଚହଳ ସୃଷ୍ଟି କରିଥିବା ନିଠାରୀ ହତ୍ୟାକାଣ୍ଡର ଅଭିଯୁକ୍ତ ଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବେଶ କିଛି ମାସ ହେବ ସୁରେନ୍ଦ୍ର କୋଲି ହରିଦ୍ୱାରରେ ଚା' ବିକ୍ରି କରି ପେଟ ପୋଷୁଥିଲେ। ଏବେ ସେ ଜୀବନ ହାରିଥିଲେ ହେଁ କୌଣସି ସୁଇସାଇଡ ନୋଟ ପୁଲିସ୍କୁ ମିଳିନାହିଁ। ୨୦୦୬ ଡିସେମ୍ବର ୨୯ ତାରିଖରେ ନଏଡାର ଗୌତମ ବୁଦ୍ଧ ନଗରର ନିଠାରୀ ଅଞ୍ଚଳରୁ ମନିନ୍ଦର ସିଂହ ପଣ୍ଡେରଙ୍କ ଘର ପଛରେ ଥିବା ଡ୍ରେନରୁ ୧୯ଟି ନର କଙ୍କାଳ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ନୋଏଡା ପୁଲିସ କୋଲି ଓ ପଣ୍ଡେରଙ୍କୁ ଗିରଫ କରିଥିଲା। ପରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା।କିଛି ମାମଲାରେ ସିବିଆଇ କୋର୍ଟ ସୁରେନ୍ଦ୍ର କୋଲି ଓ ପଣ୍ଡେରଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ। ହେଲେ ଦୀର୍ଘ ବର୍ଷର ଆଇନଗତ ଲଢ଼େଇ ପରେ ୨୦୨୫ରେ ସୁପ୍ରିମକୋର୍ଟ କୋଲି ଓ ପଣ୍ଡେରଙ୍କୁ ଦୋଷମୁକ୍ତ କରିଥିଲେ।

## ଆଜି ୨୦ତମ ରୋଜଗାର ମେଳା

# ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ସେପ୍ଟେମ୍ବର ୧୯ରେ ଆୟୋଜିତ ହେବାକୁ ଥିବା ୨୦ତମ ରୋଜଗାର ମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ସରକାରୀ ବିଭାଗ ଓ ସଂସ୍ଥାରେ ନୂତନ ଭାବେ ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିବେ। ଏହି ଅବସରରେ ସେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସମ୍ବୋଧିତ କରିବେ। ଦେଶବ୍ୟାପୀ ଏହି ରୋଜଗାର ମେଳା ୪୫ଟି ସ୍ଥାନରେ ଅନୁଷ୍ଠିତ ହେବ। ନୂତନ ଭାବେ ନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ରାଜସ୍ୱ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ। ଦେଶବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଭାବରେ ଓଡ଼ିଶାରେ ଦୁଇଟି ରୋଜଗାର ମେଳା କଟକ ଏବଂ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଉଭୟ ସ୍ଥାନରେ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଆନୁଷ୍ଠାନିକ ଭାବରେ ନିଯୁକ୍ତି ପତ୍ର ପ୍ରଦାନ କରାଯିବ ଏବଂ କିଛି ନୂତନ ନିଯୁକ୍ତିପ୍ରାପ୍ତ ପ୍ରାର୍ଥୀ ସରକାରୀ ଚାକିରିରେ ଯୋଗଦେବାର ନିଜର ଅଭିଜ୍ଞତା ସମ୍ପର୍କରେ କହିବେ। କଟକରେ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରେଭେନ୍ସା କନଭେନ୍ସନ୍ ସେଣ୍ଟରରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱରରେ ଏହି କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁର ସ୍ଥିତ ରେଳ କୁଟୀର, ଜି-୧୮/୪, ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ଏଥିରେ ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାଶୱାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଭୁବନେଶ୍ୱର କାର୍ଯ୍ୟକ୍ରମରେ ବିଭିନ୍ନ କେନ୍ଦ୍ରୀୟ ସରକାରୀ ବିଭାଗରୁ ପ୍ରାୟ ୧୬୧ ଜଣ ନବନିଯୁକ୍ତ ପ୍ରାର୍ଥୀ ଅଂଶଗ୍ରହଣ କରିବେ। ଅଂଶଗ୍ରହଣ କରୁଥିବା ବିଭାଗଗୁଡ଼ିକ ମଧ୍ୟରେ ରେଳବାଇ (୩୭), ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ/ଏମ୍ସ (୪୧), ଡାକ ବିଭାଗ (୩୦), ଭୁବନେଶ୍ୱର ସିଜିଏସ୍ଟି (୨୨), ଆୟକର/ସିବିଡିଟି (୧୦), ଇଏସ୍ଆଇସି ଓଡ଼ିଶା (୮), ଜଳ ଶକ୍ତି ମନ୍ତ୍ରଣାଳୟ/କେନ୍ଦ୍ରୀୟ ଭୂଜଳ ବୋର୍ଡ (୪), ଆର୍ଥିକ ସେବା ବିଭାଗ/ଏସ୍ଏଲବିସି (୩), ସିଆଇଏସ୍ଏଫ୍ (୨), ଶିକ୍ଷା ମନ୍ତ୍ରଣାଳୟ (୨), ପ୍ରତିରକ୍ଷା ଲେଖା ବିଭାଗ/ସିଜିଡିଏ (୧), ଏବଂ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (୧) ଅନ୍ତର୍ଭୁକ୍ତ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଭୁବନେଶ୍ୱର କାର୍ଯ୍ୟକ୍ରମରେ ରୋଜଗାର ମେଳାର ଉଦ୍ଦେଶ୍ୟ ଏବଂ ମୁଖ୍ୟ ଦିଗଗୁଡ଼ିକ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ, ଯାହାପରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ରହିବ। ଏହାପରେ ମୁଖ୍ୟ ଅତିଥି ନୂତନ ନିଯୁକ୍ତ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ ଏବଂ ଶେଷରେ କିଛି ନୂତନ ନିଯୁକ୍ତିପ୍ରାପ୍ତ ବ୍ୟକ୍ତି ସେମାନଙ୍କର ନୂତନ ଦାୟିତ୍ୱ ସମ୍ପର୍କରେ ନିଜର ଅଭିଜ୍ଞତା ଓ ଚିନ୍ତାଧାରା ବାଣ୍ଟିବେ।

# ରୁଷରେ ସଂସଦୀୟ ନିର୍ବାଚନ: କ୍ଷମତା ଆହୁରି ସୁଦୃଢ଼ କରିବ କ୍ରେମ୍ଲିନ୍

**ମସ୍କୋ:** ରୁଷରେ ଶୁକ୍ରବାରଠାରୁ ୩ ଦିନିଆ ସଂସଦୀୟ ନିର୍ବାଚନ ଆରମ୍ଭ ହୋଇଛି। ୨୦୨୨ରେ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ ହେବା ପରେ ଏହା ରୁଷ୍ର ପ୍ରଥମ ସଂସଦୀୟ ନିର୍ବାଚନ। ଦେଶର ପ୍ରାୟ ୧୧ କୋଟି ଯୋଗ୍ୟ ଭୋଟର ଏହି ନିର୍ବାଚନରେ ମତଦାନ କରିବେ। ଇଲେକ୍ଟ୍ରୋନିକ୍ ଭୋଟିଂର ମଧ୍ୟ ବ୍ୟବସ୍ଥା କରାଯାଇଛି। ରବିବାର ମତଦାନ ଶେଷ ହେବ। ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମର୍ଥିତ ୟୁନାଇଟେଡ୍ ରୁଷିଆ ଦଳ ଷ୍ଟେଟ୍ ଡୁମାରେ ନିଜର ଦବଦବା ବଜାୟ ରଖିବାର ଆଶା କରାଯାଉଛି। ୪୫୦ ଆସନ ବିଶିଷ୍ଟ ଡୁମାର ଅଧା ଆସନ ଦଳୀୟ ତାଲିକା ଅନୁସାରେ ଏବଂ ଅବଶିଷ୍ଟ ଅଧା ଆସନ ସିଙ୍ଗଲ୍-କନ୍ଷ୍ଟିଚୁଏନ୍ସି ନିର୍ବାଚନ ମାଧ୍ୟମରେ ପୂରଣ ହୁଏ। ନିର୍ବାଚନ ପୂର୍ବରୁ ବିରୋଧୀ ସ୍ୱର ଉପରେ କଟକଣା ବଢ଼ାଯାଇଥିବା ଅଭିଯୋଗ ରହିଛି। ଯୁଦ୍ଧକୁ ଖୋଲାଖୋଲି ବିରୋଧ କରୁଥିବା ଉଦାରବାଦୀ ୟାବ୍ଲୋକୋ ଦଳକୁ ଗତ ମାସରେ ରୁଷ୍ ସୁପ୍ରିମକୋର୍ଟ ନିର୍ବାଚନରୁ ବାଦ୍ ଦେଇଥିଲେ। ଦଳର କେତେକ ପ୍ରାର୍ଥୀ ଏବେ ମଧ୍ୟ ସିଙ୍ଗଲ୍-ଇନଷ୍ଟିଚ୍ୟୁଏନସି ଆସନରୁ ନିର୍ବାଚନ ଲଢୁଛନ୍ତି। ୟାବ୍ଲୋକୋର ଉପନେତା ମାକ୍ସିମ୍ କ୍ରୁକୋଭ ସାମରିକ ବାହିନୀ ସମ୍ପର୍କରେ ମିଥ୍ୟା ତଥ୍ୟ ପ୍ରଚାର ଅଭିଯୋଗରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ଦଳର ନେତା ଲେଭ୍ ଶ୍ଲୋସବର୍ଗଙ୍କୁ ମଧ୍ୟ ଗତ ମାସରେ ଯୁଦ୍ଧବିରୋଧୀ ମତ ଦେବା ଅଭିଯୋଗରେ ୧୧ ବର୍ଷରୁ ଅଧିକ ଜେଲ୍ ଦଣ୍ଡ ମିଳିଛି। ଏହି ନିର୍ବାଚନରେ ପ୍ରଥମ ଥର ପାଇଁ ରୁଷ୍ ଦଖଲରେ ଥିବା ୟୁକ୍ରେନ୍ର ୪ଟି ଅଞ୍ଚଳର ବାସିନ୍ଦାଙ୍କୁ ମଧ୍ୟ ସାମିଲ କରାଯାଇଛି। ୨୦୧୪ରେ ରୁଷ୍ ଦଖଲ କରିଥିବା କ୍ରିମିଆରେ ମଧ୍ୟ ମତଦାନ ହେଉଛି। ୟୁକ୍ରେନ୍ ଏହି ମତଦାନକୁ ବେଆଇନ ବୋଲି କହିଛି। ନିର୍ବାଚନ ପୂର୍ବରୁ ପୁଟିନ୍ ଭୋଟ୍କୁ ଯୁଦ୍ଧ ପ୍ରତି ଜନସମର୍ଥନର ପ୍ରତୀକ ଭାବେ ଉପସ୍ଥାପନ କରିଛନ୍ତି।

# ଫୋନରେ କଥା ହେଲେ ମୋଦୀ ଓ ୟୁଏଇ ରାଷ୍ଟ୍ରପତି



**ନୂଆଦିଲ୍ଲୀ:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ ଅଲ ନାହୟାନ୍ ଶୁକ୍ରବାର ଫୋନ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ କଥାବାର୍ତ୍ତା କରିଛନ୍ତି। ଉଭୟ ପଶ୍ଚିମ ଏସିଆ ସଙ୍କଟ ଓ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉପରେ କଥାବାର୍ତ୍ତା ହୋଇଛନ୍ତି। ଆଞ୍ଚଳିକ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପ୍ରତିଷ୍ଠା ଦିଗରେ ଦୁଇ ନେତା ଏକାଠି କାମ କରିବାକୁ ସେମାନଙ୍କ ପ୍ରତିଶ୍ରୁତିକୁ ଦୋହରାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯାଳୟ ପକ୍ଷରୁ ପ୍ରକାଶିତ ବିବୃତିରେ କହିଛନ୍ତି।ମୋଦୀ ଓ ଶେଖ ମହମ୍ମଦ ଭାରତ-ୟୁଏଇ ବ୍ୟାପକ ରଣନୈତିକ ସହଭାଗୀତାକୁ ଆହୁରି ସୁଦୃଢ଼ କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ଆଲୋଚନା କରିଥିଲେ। ଶକ୍ତି, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ନିବେଶ ଓ ସ୍ୱାସ୍ଥ୍ୟ ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ନେଇ ସେମାନଙ୍କର ଆଲୋଚନା ହୋଇଥିଲା।

# ଭାରତକ୍ଲାଉଡ- ଇବେଣ୍ଟୋସ୍ ରଣନୈତିକ ସହ ଭାଗିତା

**ନୂଆଦିଲ୍ଲୀ:** ଭବିଷ୍ୟତର ବ୍ରାଣ୍ଡ ମାର୍କେଟିଂ ଅଭିଯାନ ଓ ଇଭେଣ୍ଟ ଟେକ୍ନୋଲୋଜି ପାଇଁ ଭାରତର ଏଆଇ କ୍ଲାଉଡ ସେବା ପ୍ରଦାତା ଭାରତକ୍ଲାଉଡ ପକ୍ଷରୁ ଉତ୍ତର ଆମେରିକା ଓ ଭାରତରେ ପରିଚାଳନା କରୁଥିବା ଏକ ଏଆଇ-ଚାଳିତ ଟେକ୍ନୋଲୋଜି କମ୍ପାନୀ ଆଇବେଣ୍ଟୋସ୍ ସହ ସହଭାଗିତା ଘୋଷଣା କରାଯାଇଛି । କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଅଧ୍ୟକ୍ଷତାରେ ବାଣିଜ୍ୟ ଏବଂ ନିବେଶ ଉପରେ ଆୟୋଜିତ ୭ମ ଭାରତ-କାନାଡା ମନ୍ତ୍ରୀସ୍ତରୀୟ ଆଲୋଚନା ଅବସରରେ ନିକଟରେ ଅନୁଷ୍ଠିତ ଭାରତ-କାନାଡା ବ୍ୟବସାୟ ସମ୍ମିଳନୀ ସମୟରେ ଉଭୟ ସଂସ୍ଥା ମଧ୍ୟରେ ଆଲୋଚନା ହେବା ପରେ ଏହି ସହଭାଗିତାକୁ ଆନୁଷ୍ଠାନିକ କରାଯାଇଥିଲା । ଏହି ସହଭାଗିତା ଆଇବେଂଟୋସର ଏଆଇ-ପରିଚାଳିତ ପ୍ଲାଟଫର୍ମକୁ ବ୍ୟବହାର କରି ଏହାର ବ୍ରାଣ୍ଡ ମାର୍କେଟିଂ, ଇଭେଣ୍ଟ ଟେକ୍ କ୍ଷମତା ଏବଂ ଗ୍ରାହକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତକ୍ଲାଉଡର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । ଭାରତକ୍ଲାଉଡ୍ ଏହାର ନିଜସ୍ୱ ଅନ୍-ବ୍ରାଣ୍ଡ ମାର୍କେଟିଂ କ୍ୟାମ୍ପେନଗୁଡ଼ିକୁ ଦକ୍ଷତାର ସହ ବ୍ୟାପକ ସ୍ତରରେ ନିର୍ମାଣ ଓ ପରିଚାଳନା କରିବା ପାଇଁ ଆଇବେଣ୍ଟୋସର ଏକ ଏଆଇ-ପରିଚାଳିତ ମାର୍କେଟିଂ ପ୍ଲାଟଫର୍ମ ହାଇପ୍ର ବ୍ୟବହାର କରିବ ଏବଂ ସମାନ ଏଆଇ-ଚାଳିତ ବ୍ରାଣ୍ଡ ମାର୍କେଟିଂ କ୍ଷମତାଗୁଡ଼ିକ ସହ ନିଜର ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ସୁଯୋଗଗୁଡ଼ିକର ଅନ୍ୱେଷଣ କରିବ । ଭାରତକ୍ଲାଉଡର ସହ-ପ୍ରତିଷ୍ଠାତା ରାହୁଲ ଟମିଲ୍ଲାପାଲି କହିଛନ୍ତି, ଭାରତ-କାନାଡା ବ୍ୟବସାୟ ମିଶନରେ ଆଇବେଂଟୋସ୍ ଟିମ୍ ସହିତ ଆମର ଆଲୋଚନା ଉଦ୍ଭାବନ ଓ ଗ୍ରାହକ ସନ୍ତୁଷ୍ଟି ପ୍ରତି ଏକ ସାଧାରଣ ଦୃଷ୍ଟିକୋଣ ଆଣିଥିଲା । ସେହିପରି ଆଇବେଂଟୋସ ଆଇଏନସିର ସହପ୍ରତିଷ୍ଠାତା ଓ ସିଏମ୍ଓ ଜସପିନ୍ଦର ଭାଟିଆ କହିଛନ୍ତି।

# ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଦେଇହେବ ନାହିଁ



**ନୂଆଦିଲ୍ଲୀ:** ହାଇକୋର୍ଟ କିମ୍ବା ଜିଲ୍ଲା ଅଦାଲତରେ ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିବା ସପକ୍ଷରେ ନାହାନ୍ତି ସୁପ୍ରିମ୍କୋର୍ଟ। ହାଇକୋର୍ଟଗୁଡ଼ିକରେ ମାମଲାର ବୋଝ ଓ ପ୍ରତ୍ୟେକ ବିଚାରପତିଙ୍କ ଦୈନନ୍ଦିନ ତାଲିକାକୁ ବିଚାରକୁ ନେଇ ଏଭଳି ନିର୍ଦ୍ଦେଶ ଦେବା ସମ୍ଭବ ନୁହେଁ ବୋଲି ଶୁକ୍ରବାର ସୁପ୍ରିମ୍କୋର୍ଟ କହିଛନ୍ତି।ବିଚାରପତି ବିଭି ନାଗରତ୍ନା ଓ ଏଜି ମସିହଙ୍କ ଖଣ୍ଡପୀଠ ଏକ ବୈବାହିକ ବିବାଦ ସମ୍ପର୍କିତ ମାମଲାର ଶୁଣାଣି ବେଳେ ଏହି ମତ ଦେଇଛନ୍ତି। ଆବେଦନକାରୀ ତାଙ୍କ ପାସପୋର୍ଟ ଫେରାଇବା ସହ ହାଇକୋର୍ଟରେ ଚାଲିଥିବା ମାମଲାର ଶୀଘ୍ର ଶୁଣାଣି ପାଇଁ ସୁପ୍ରିମ୍କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କ ଓକିଲ ହାଇକୋର୍ଟଙ୍କୁ ଚାରି ସପ୍ତାହ ମଧ୍ୟରେ ମାମଲା ଫଇସଲା କରିବାକୁ ନିର୍ଦ୍ଦେଶ ଦେବା ପାଇଁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ।ତେବେ ବିଚାରପତି ନାଗରତ୍ନା ଏଭଳି ସମୟସୀମା ଧାର୍ଯ୍ୟ କରିବାକୁ ମନା କରିଦେଇଥିଲେ। ବିଚାରପତି ନାଗରତ୍ନା କହିଥିଲେ ଯେ ଜିଲ୍ଲା ବିଚାରପତିମାନଙ୍କୁ ମଧ୍ୟ ମାମଲା ଫଇସଲା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଦେବାକୁ ସୁପ୍ରିମ୍କୋର୍ଟ ପସନ୍ଦ କରନ୍ତି ନାହିଁ।ଏହି ମାମଲାରେ ଆବେଦନକାରୀଙ୍କ ବୈବାହିକ ବିବାଦରୁ ଏକାଧିକ ଆଇନଗତ ପ୍ରକ୍ରିୟା ଚାଲିଥିବା ଓ ତାଙ୍କ ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି ହୋଇଥିବା କୋର୍ଟଙ୍କୁ ଜଣାଯାଇଥିଲା। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ଗିରଫ ହୋଇଥିବା ଏବଂ ପାସପୋର୍ଟ ଜବତ ହୋଇଥିବା ତାଙ୍କ ଓକିଲ କହିଥିଲେ। ହାଇକୋର୍ଟ ମାମଲାର ଶୁଣାଣି ବାରମ୍ବାର ଘୁଞ୍ଚାଇ ଶେଷରେ ଫେବ୍ରୁଆରି ୨୦୨୭କୁ ଧାର୍ଯ୍ୟ କରିଥିଲେ। ତେବେ ସୁପ୍ରିମ୍କୋର୍ଟ ମାମଲାର ଶୀଘ୍ର ଶୁଣାଣି ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟରେ ଆବେଦନ କରିବାର ସ୍ୱାଧୀନତା ଦେଇଛନ୍ତି। ଏଭଳି ଆବେଦନ ହେଲେ ମାମଲାର ପରିସ୍ଥିତି ଓ ଆବେଦନକାରୀ ଅନ୍ତରୀଣ ରିଲିଫ୍ ଚାହୁଁଥିବା କଥା ବିଚାରକୁ ନେଇ ହାଇକୋର୍ଟ ଶୁଣାଣି ଆଗୁଆ କରିବାକୁ ବିଚାର କରିବେ ବୋଲି ଖଣ୍ଡପୀଠ କହିଛନ୍ତି।

# ଦି ଗ୍ରେଟ୍ ଇଣ୍ଡିଆନ୍ ରବି ଫେଷ୍ଟିଭାଲ୍

**ମୁମ୍ବାଇ:** ଭାରତର ଅଗ୍ରଣୀ ଅନ୍-ଡିମାଣ୍ଡ ସୁବିଧାଜନକ ସେବା ପ୍ରଦାନକାରୀ ପ୍ଲାଟଫର୍ମ, ସ୍ୱିଗି' ପକ୍ଷରୁ ସ୍ୱିଗି ଡାଇନ୍ଆଉଟ' ର ପ୍ରମୁଖ ଇଭେଣ୍ଟ ଗ୍ରେଟ୍ ଇଣ୍ଡିଆନ୍ ରେଷ୍ଟୁରାଣ୍ଟ ଫେଷ୍ଟିଭାଲ' (ଜିଆଇଆରଏଫ୍)ର ପ୍ରତ୍ୟାବର୍ତ୍ତନ ଘୋଷଣା କରିଛି । ଚଳିତ ବର୍ଷ, ଜିଆଇଆରଏଫ ଦି ଗ୍ରେଟ୍ ଇଣ୍ଡିଆନ୍ ରବି ଫେଷ୍ଟିଭାଲ' ଭାବରେ ଏକ ନୂଆ ରୂପ ଦିଆଯାଇଛି । ଏହି ଅଭିଯାନର ମୁଖ୍ୟ ସ୍ଲୋଗାନ୍ ହେଉଛି ଡିସକାଉଣ୍ଟ ଫଲୋସ୍ ମାଇଁ ବ୍ରଦର' - ଯାହା ରବି କିଶନଙ୍କ ଏକ ଅତ୍ୟନ୍ତ ଲୋକପ୍ରିୟ ଭାଇରାଲ୍ ସଂଳାପର ଏକ ମଜାଦାର ରୂପାନ୍ତର । ଜିଆଇଆରଏଏଫର ଏହି ସଂସ୍କରଣ ୧୪ ସେପେଟମ୍ବର ୨୦୨୬ ରୁ ୨୪ ଅକେଟାବର ୨୦୨୬ ପର୍ଯ୍ୟନ୍ତ ଚାଲିବ ।

# ଫିଲିପାଇନ୍ସ ସ୍କୁଲରେ ଗୁଳିକାଣ୍ଡ, ୩ ଛାତ୍ର ମୃତ

**ମାନିଲା:** ଦକ୍ଷିଣ ଫିଲିପାଇନ୍ସର ବାଙ୍ଗା ଟାଉନରେ ଏକ ସ୍କୁଲରେ ଗୁଳିକାଣ୍ଡ ଘଟି ତିନି ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ବାଙ୍ଗାର ମେୟର ଆଲବର୍ଟ ପାଲେନସିଆ କହିଛନ୍ତି, ମୃତକଙ୍କ ମଧ୍ୟରେ ୧୬ ବର୍ଷୀୟ ସନ୍ଦିଗ୍ଧ ବନ୍ଧୁକଧାରୀ ଅଛନ୍ତି। ତେବେ ସନ୍ଦିଗ୍ଧ ବନ୍ଧୁକଧାରୀର କେମିତି ମୃତ୍ୟୁ ହେଲା ସେ ବିଷୟରେ ଅଧିକ ତଥ୍ୟ ଦେଇନାହାନ୍ତି। ୮ ଜଣ ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବା ମେୟର କହିଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ବୟସ ୧୪ରୁ ୧୭ ମଧ୍ୟରେ ହେବ। ତେବେ ଗୁଳିକାଣ୍ଡର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ଆକ୍ରମଣ କେଉଁ କାରଣରୁ ଜାଣିବା ପାଇଁ ସୁରକ୍ଷାକର୍ମୀ ଗୁଳିକାଣ୍ଡ ଘଟଣାର ତଦନ୍ତ କରୁଛନ୍ତି। ପାଲେନସିଆ କହିଛନ୍ତି, ମଧ୍ୟାହ୍ନ ଭୋଜନ ପୂର୍ବରୁ ସନ୍ଦିଗ୍ଧ ଛାତ୍ର ଜଣକ ବନ୍ଧୁମାନଙ୍କୁ ଘରକୁ ଚାଲି ଯିବାକୁ କହିଥିଲା। କାରଣ ମଧ୍ୟାହ୍ନ ଭୋଜନ ପରେ ସେ ନିଜ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଥିବା ସେମାନଙ୍କୁ କହିଥିଲା।

# ଏସିଆନ ଗେମ୍ସ: ମନୁ, ତାଜିନ୍ଦରପାଲ ଧ୍ୱଜାବାହକ



ନୂଆଦିଲ୍ଲୀ,୧୮।୯ (ଏଜେନ୍ସି): ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିଥିବା ମନୁ ଭକର ଓ ଏସିଆନ ଗେମ୍ସ ଚାମ୍ପିଅନ୍ ତଜିନ୍ଦରପାଲ ସିଂତୋରଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଜାପାନରେ ଆୟୋଜିତ ହେବାକୁଥିବା ଏସିଆନ ଗେମ୍ସର ଉଦଘାଟନୀ ସମାରୋହରେ ଏହି ଦୁଇ କ୍ରୀଡାବିତ ଭାରତର ଧ୍ୱଜାବାହାକ ସାଜିବେ। ଶନିବାର ଜାପାନର ଆଇଚି-ନାଗୋୟାରେ ଏସିଆନ ଗେମ୍ସର ଉଦଘାଟନୀ ସମାରୋହ ହେବ। ଏହି ସମୟରେ ଭାରତର ପତାକା ଧରିବେ ମନୁ ଓ ତଜିନ୍ଦରପାଲ। ଭାରତର ଚିଫ ଡି ମିଶନ ସହଦେବ ଯାଦବ ଶୁକ୍ରବାର ମନୁଙ୍କ ଚୟନକୁ ନିଶ୍ଚିତ କରିଥିବା ବେଳେ ତଜିନ୍ଦର ପାଲ ଦ୍ୱିତୀୟ ଧ୍ୱଜାବାହାକ ହେବେ ବୋଲି ଆଥଲେଟିକ୍ ଫେଡେରେସନ୍ ଅଫ୍ ଇଣ୍ଡିଆ କହିଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ମନୁ ଇତିହାସ ରଚିଥିଲେ। ଭାରତର ପ୍ରଥମ ମହିଳା କ୍ରୀଡାବିତ ଭାବେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ଦୁଇଟି ପଦକ ଜିତିବାର ଗୌରବ ପାଇଥିଲେ। ମହିଳା ୧୦ ମିଟର ଏୟାର ପିସ୍ତଲରେ ବ୍ରୋଞ୍ଜ ଏବଂ ପରେ ସରବଜ୍ୟୋତ ସିଂଙ୍କ ସହ ମିଶି ମିକ୍ସଡ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାତେଇଥିଲେ। ତୁର ଏସିଆନ୍ ଗେମ୍ସର ଗତ ଦୁଇଟି ସଂସ୍କରଣରେ ସଟପୁଟରେ ସ୍ୱର୍ଣ୍ଣ ଜିତିଛନ୍ତି। ୨୦୧୮ରେ ପ୍ରଥମେ ଜାକାତା ଏବଂ ୨୦୨୩ରେ ଚୀନର ହାଙ୍ଗଝୌ ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମନୁ ଓ ଜତିନ୍ଦରପାଲ ଏଥର ପଦକ ଦାବିଦାର ଅଛନ୍ତି। ଭାରତ ଚଳିତ ବର୍ଷ ଏସିଆନ ଗେମ୍ସକୁ ୪୯୨ ଜଣ ଆଥଲେଟଙ୍କୁ ପଠାଇଛି। ଗତ ସଂସ୍କରଣରେ ଭାରତ ୧୦୭ ପଦକ ଜିତିଥିଲା। ଏଥର ପଦକ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟରେ ରହିଛି ଭାରତ।

ଶନିବାର ଏସିଆନ ଗେମ୍ସର ଉଦଘାଟନୀ ସମାରୋହ ରହିଥିଲେ ହେଁ ଭାରତ ତାର ଅଭିଯାନ ଏହି କ୍ରୀଡା ମହାକୁମ୍ଭରେ ଆରମ୍ଭ କରିସାରିଛି। କ୍ୟୁମି ଡିସୋଜା ଟେକ୍ ବଲର ସେମିଫାଇନାଲରେ କରିସାରିଛନ୍ତି। ଯଦି ସେ ଶନିବାର ସେମିଫାଇନାଲ ଜିତିବେ ତା'ହେଲେ ଟେକବଲରେ ଭାରତ ପାଇଁ ସେ ଐତିହାସିକ ପଦକ ଜିତିବାକୁ ସକ୍ଷମ ହେବେ। ଭାରତୀୟ ମହିଳା କ୍ରିକେଟ ମଧ୍ୟ ଜାପାନ ବିପକ୍ଷରେ ଏକତରଫା ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦ ତାରିଖରେ ଦଳ ବାଂଲାଦେଶ ବିପକ୍ଷ ସେମିଫାଇନାଲ ମ୍ୟାଚ ଖେଳିବ।

## ୫ ଓଭରରେ ମ୍ୟାଚ ସାରିଲେ ଶେଫାଳୀ



ନୂଆଦିଲ୍ଲୀ,୧୮।୯ (ଏଜେନ୍ସି): ଏସିଆନ ଗେମ୍ସର ସେମିଫାଇନାଲରେ ଭାରତୀୟ ମହିଳା କ୍ରିକେଟ ଦଳ ପ୍ରବେଶ କରିଛି। ଆୟୋଜକ ଜାପାନ ବିପକ୍ଷ ଐତିହାସିକ ମୁକାବିଲାରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ଏକତରଫା ବିଜୟ ହାସଲ କରିଛି। ପ୍ରଥମେ ବୋଲିଂରେ ସ୍ପିନର ଶ୍ରୀଚରଣୀ ୪ ଓଭରରେ ୧୦ ରନ ଦେଇ ୪ ୱିକେଟ୍ ନେଇଥିଲେ। ଏହାପରେ ଶେଫାଳୀ ବର୍ମା ୫୮ ବଲର ଟାର୍ଗେଟକୁ ମାତ୍ର ୫ ଓଭରରେ ହାସଲ କରିନେଇଛନ୍ତି। ଭାରତ ୮ ୱିକେଟରେ ଜିତି ଏସିଆନ ଗେମ୍ସ ସେମିଫାଇନାଲରେ ପ୍ରବେଶ କରିଛି। ୨୦ ତାରିଖରେ ଦଳ ବାଂଲାଦେଶକୁ ସେମିଲଢ଼େଇରେ ଭେଟିବ। ଏହି ମ୍ୟାଚରେ ଜାପାନ ମହିଳା ଦଳ ୧୯.୫ ଓଭରରେ ମାତ୍ର ୫୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୫ ଓଭରରେ ୨ ୱିକେଟ ହରାଇ ୫୯ ରନ କରି ଲକ୍ଷ୍ୟହାସଲ କରିନେଇଥିଲା। ଜାପାନ ପକ୍ଷରୁ କେବଳ ୨ ଜଣ ହାରୁନା ୱାସାକି ୧୦ ଓ ଆୟାକା କାଟୋ ଷ୍ଟାଫୋର୍ଡ ୨୫ ରନ କରିଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରିନଥିଲେ। ଶ୍ରୀଚରଣୀ ସର୍ବାଧିକ ୪ଟି, ଶେଫାଳୀ ବର୍ମା ଦୁଇଟି, ଶ୍ରୀଅଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ କରି ୱିକେଟ୍ ହାସଲ କରିଥିଲେ। ଜବାବରେ ଭାରତୀୟ ମହିଳା ଦଳ ଶେଫାଳୀ ବର୍ମାଙ୍କ ୧୫ ବଲରୁ ୪୦ ରନ ଏବଂ ରିଚା ଘୋଷଙ୍କ ୬ ବଲ ୧୨ ରନ ସହାୟତାରେ ବିଜୟଲକ୍ଷ୍ୟକୁ ମାତ୍ର ୫ ଓଭର ହାସଲ କରିନେଇଥିଲା।

# ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲରେ ଅରୁଣ, ମଜୁମଦାର



ମୁମ୍ବାଇ,୧୮।୯ (ଏଜେନ୍ସି): ବିସିସିଆଇର ୯୫ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଶୁକ୍ରବାର ମୁମ୍ବାଇରେ ଅନୁଷ୍ଠିତ ହୋଇଛି। ବୈଠକରେ ବିସିସିଆଇର ପଦାଧିକାରୀଙ୍କ ସହ ଦେଶର ବିଭିନ୍ନ ଅନୁବନ୍ଧିତ କ୍ରିକେଟ୍ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ସମ୍ପାଦକ ସଞ୍ଜୟ ବେହେରା ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

ଏହି ବୈଠକରେ ଅରୁଣ ସିଂହ ଧୁମାଲ ଓ ଏମ୍. ଖାଇରୁଲ ଜମାଲ ମଜୁମଦାର ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ନିର୍ବାଚନକୁ ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଉଭୟଙ୍କୁ ଅଭିନନ୍ଦନ ଜଣାଯାଇଛି।

ନିର୍ବାଚନ ପରେ ବିସିସିଆଇର ସମ୍ମାନୀୟ ସମ୍ପାଦକ ଦେବଜିତ ସାଇକିଆ ଓ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅରୁଣ ସିଂହ ଧୁମାଲ ଏବଂ ଏମ୍. ଖାଇରୁଲ ଜମାଲ ମଜୁମଦାରଙ୍କୁ ସମ୍ମାନିତ କରିଥିଲେ। ବିସିସିଆଇର ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ହୋଇଥିବା ହିସାବ ରିପୋର୍ଟକୁ ଜେନେରାଲ ବଡି ଅନୁମୋଦନ କରିଥିବାବେଳେ ୨୦୨୬-୨୭ ଆର୍ଥିକ ବର୍ଷର ବାର୍ଷିକ ବଜେଟ୍କୁ ମଧ୍ୟ ମଞ୍ଜୁରି ମିଳିଛି। ଏହାସହ ଆଗାମୀ ଆର୍ଥିକ ବର୍ଷ ପାଇଁ ଅଡିଟର ନିଯୁକ୍ତି କରାଯାଇଛି।

୨୦୨୭ରେ ଆଇପିଏଲ୍ର ୨୦ତମ ସଂସ୍କରଣକୁ ବ୍ୟାପକ ଭାବେ ପାଳନ କରିବାକୁ ଜେନେରାଲ ବଡି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଛି। ଏଥିସହ ୨୦୨୮ରେ ବିସିସିଆଇର ଶତବାର୍ଷିକୀ ପାଳନ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୭ ଡିସେମ୍ବରରୁ ଆରମ୍ଭ କରି ୨୦୨୮ ପର୍ଯ୍ୟନ୍ତ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଐତିହାସିକ ଅବସର ପାଳନ କରାଯିବ।

ଅମ୍ପାୟାର ଓ ମ୍ୟାଚ୍ ରେଫରିମାନଙ୍କ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବ୍ୟବସ୍ଥା ସହ ଗ୍ରେଡ୍ର ପୁନଃବର୍ଗୀକରଣକୁ ମଧ୍ୟ ଜେନେରାଲ ବଡି ସର୍ବସମ୍ମତିକ୍ରମେ ଅନୁମୋଦନ କରିଛି। ବିସିସିଆଇର ଯୌନ ଉତ୍ପୀଡ଼ନ ନିରୋଧୀ ନୀତି ଅନୁସାରେ ନୂଆ ଇଣ୍ଟରନାଲ କମିଟି ଗଠନ କରାଯାଇଛି। ଏହାବ୍ୟତୀତ ବିସିସିଆଇର ଏଜ୍ ଭେରିଫିକେସନ୍ ପଲିସିକୁ ସଂଶୋଧନ କରି ଗ୍ରହଣ କରାଯାଇଛି। ଦିବ୍ୟାଙ୍ଗ କ୍ରିକେଟରମାନଙ୍କ ବିକାଶ ଓ ଉନ୍ନତି ପାଇଁ ଆବଶ୍ୟକ ସୁବିଧା ଓ ସମ୍ବଳ ଯୋଗାଇବା ସମ୍ପର୍କରେ ମଧ୍ୟ ରାଜ୍ୟ କ୍ରିକେଟ୍ ସଂଘଗୁଡ଼ିକ ସହ ଆଲୋଚନା କରାଯାଇଛି।

## ହକି ଆସୋସିଏସନ୍ ଅଫ୍ ଓଡ଼ିଶାର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ

ଭୁବନେଶ୍ୱର,୧୮।୯ (ସବ୍ୟୁ): ହକି ଆସୋସିଏସନ୍ ଅଫ୍ ଓଡ଼ିଶା ପୂର୍ବ ଏଜିଏମର ମାତ୍ର ସାଢ଼େ ୩ ମାସ ପରେ ପୁଣି ଏକ ବାର୍ଷିକ ସାଧାରଣ ସଭା ଡାକିବାରୁ ସଂଗଠନର କାର୍ଯ୍ୟ ପ୍ରଣାଳୀ, ଉଦ୍ଦେଶ୍ୟ, ସ୍ୱଚ୍ଛତା ଓ ପ୍ରଶାସନିକ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏଚଏଓର ପୂର୍ବତନ ଏଜିଏମ ଗତ ଜୁନ ୧୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସଂଘ ପକ୍ଷରୁ ସେପ୍ଟେମ୍ବର ୧୩ରେ ନୂଆ ନୋଟିସ ଜାରି ହୋଇଛି। ଏହି ନୋଟିସ ଅନୁଯାୟୀ ଅକ୍ଟୋବର ୩ରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମର ଟେନିସ୍ ଅଡିଟୋରିୟମରେ ବାର୍ଷିକ ସାଧାରଣ ବୈଠକ ସହ ପଦାଧିକାରୀ ଓ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ନିର୍ବାଚନ କରାଯିବ ବୋଲି ଉଲ୍ଲେଖ ରହିଛି। ଏହି ଘଟଣାକ୍ରମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ କହିଛନ୍ତି, ଘଟଣାକ୍ରମ ରାଜ୍ୟର ହକି ପ୍ରଶାସନ ମଧ୍ୟରେ ଚାଲିଥିବା ଏକ ଗମ୍ଭୀର ହେରଫେରର ଧାରାକୁ ପ୍ରକାଶ କରୁଛି। ଏହା ଏକ ବହୁସ୍ତରୀୟ ବିଭ୍ରାଟ ଯାହା ଏବେ ସାମ୍ନାକୁ ଆସୁଛି। ପୂର୍ବ ଏଜିଏମର ମାତ୍ର ୩ ମାସ ପରେ ପୁଣି ଏଜିଏମ ଡାକିବା ସଂଘଠନର ସ୍ୱଚ୍ଛତା, କାର୍ଯ୍ୟଶୈଳୀ ଓ ନୈତିକତାକୁ ନେଇ ପ୍ରଶ୍ନ ଉଠାଉଛି। ଏତେ ଶୀଘ୍ର ପୁଣି ଏକ ଏଜିଏମର ଆବଶ୍ୟକତାର କାହିଁକି ପଡିଲା। ଜୁନ ଓ ସେପ୍ଟେମ୍ବର ମଧ୍ୟରେ କଣ ପରିବର୍ତ୍ତନ ହୋଇଛି। ଏହି ପ୍ରଶ୍ନ ଗୁଡିକର ଉତ୍ତର ଏଚଏଓକୁ ଦେବାକୁ ପଡିବ ବୋଲି ଶ୍ରୀ ଶତପଥୀ କହିଛନ୍ତି।

## ଜିମ୍ନାଷ୍ଟ ପ୍ରଣତି, ପ୍ରଶିକ୍ଷକ ଅଶୋକଙ୍କୁ ଗୋଟିଏ ରୁମ୍

ନାଗୋୟା,୧୮।୯ (ଏଜେନ୍ସି): ଚଳିତ ଆଇଚି-ନାଗୋୟା ଏସୀୟ କ୍ରୀଡ଼ାରେ ରହଣୀଙ୍କୁ ନେଇ ସମସ୍ୟା ଲାଗି ରହିଛି। ଗୁରୁବାର ଭାରତୀୟ ମହିଳା ଜିମ୍ନାଷ୍ଟ ପ୍ରଣତି ନାୟକ ଏବଂ ତାଙ୍କ ପୁରୁଷ ପ୍ରଶିକ୍ଷକ ଅଶୋକ ମିଶ୍ର ଅଧିକୃତ ରହଣୀସ୍ଥଳରେ ପହଞ୍ଚିବା ପରେ ଅଜବ ସମସ୍ୟାରେ ପଡ଼ିଥିଲେ। ଆୟୋଜକମାନେ କହିଥିଲେ କ୍ରୁଜ୍ ଜାହାଜରେ ସେମାନଙ୍କୁ ସମାନ ରୁମ୍ ଦିଆଯାଇଛି। ମହିଳା ଓ ପୁରୁଷଙ୍କୁ ଗୋଟିଏ ରୁମ୍ ମିଳିଥିବା ଜାଣି ଅଶୋକ ସ୍ଥାନୀୟ ଆୟୋଜକ ଓ ଦଳୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ କରିବା ସତ୍ତ୍ୱେ ଘଣ୍ଟା ଘଣ୍ଟା ଧରି କୌଣସି ସମାଧାନ ହୋଇ ପାରିଲାନି। ଶେଷରେ ଭାରତୀୟ ଅଲିମ୍ପିକ୍ ସଂଘ ହସ୍ତକ୍ଷେପ ପରେ ରାତି ୧.୩୦ରେ ବିକଳ୍ପ ବ୍ୟବସ୍ଥା ହୋଇଥିଲା। ହେଲେ ଅସୁବିଧା ଏଠି ସରି ନଥିଲା। ଅଶୋକ ମିଶ୍ର ଯେତେବେଳେ ଅଲଗା ରୁମ୍ ଚାବି ପାଇଁ ଗଲେ ହୋଟେଲ ଷ୍ଟାଫ୍ ରେଜିଷ୍ଟରରେ ବୁକ୍ ହୋଇ ନଥିବା କହି ପୁଣି ୪୫ ମିନିଟ୍ ଅପେକ୍ଷା କରାଇଥିଲେ। ଶେଷରେ ରାତି ୨ଟାରେ ଅଶୋକଙ୍କୁ ରୁମ୍ ମିଳିଥିଲା ଏବଂ ଏହାର ସମାଧାନ ହୋଇଥିଲା।

# ଏସୀୟ କ୍ରୀଡ଼ାରେ ଭାରତ ପାଇଁ ଖେଳିବେ କିଟର ୫୪ କ୍ରୀଡ଼ାବିତ୍

ଭୁବନେଶ୍ୱର,୧୮।୯ (ସବ୍ୟୁ): ଜାପାନର ଆଇଚି-ନାଗୋୟାରେ ଆୟୋଜିତ ହେବାକୁ ଥିବା ୨୦ତମ ଏସୀୟ କ୍ରୀଡ଼ାରେ କିଟ୍ ଓ କିସ୍ ପୁଣିଥରେ ଭାରତୀୟ କ୍ରୀଡ଼ା ମାନଚିତ୍ରରେ ନିଜର ଦୃଢ଼ ଉପସ୍ଥିତି ଜଣାଇବାକୁ ଯାଉଛି। ଏଥର କିଟ୍ ବିଶ୍ୱବିଦ୍ୟାଳୟର ୫୪ ଜଣ ଛାତ୍ର-କ୍ରୀଡ଼ାବିତ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏକକ ଭାରତୀୟ ବିଶ୍ୱବିଦ୍ୟାଳୟ ଭାବେ ଏସୀୟ କ୍ରୀଡ଼ାରେ ଏହା ସର୍ବବୃହତ ପ୍ରତିନିଧିତ୍ୱ ବୋଲି କିଟ୍ ପକ୍ଷରୁ କୁହାଯାଇଛି।

ଭାରତୀୟ ଦଳରେ ସ୍ଥାନ ପାଇଥିବା ୫୪ ଜଣଙ୍କ ମଧ୍ୟରୁ ୪୫ ଜଣ ଆଥଲେଟିକ୍ସରେ ରହିଥିବା ବେଳେ ଅନ୍ୟ ୯ ଜଣ ଫେନ୍ସିଂ, ରୋଇଂ, ସାଇକ୍ଲିଂ, ହକି, ସନ୍ତରଣ ଓ ରଗ୍ବିରେ ଭାଗ ନେବେ। ଅର୍ଥାତ୍ କିଟ୍-କିସର କ୍ରୀଡ଼ାବିତମାନେ ମୋଟ ୭ଟି କ୍ରୀଡ଼ାରେ ଭାରତକୁ ପ୍ରତିନିଧିତ୍ୱ କରିବେ।

୨୦୨୩ ମସିହାରେ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କିଟର ୧୪ ଜଣ କ୍ରୀଡ଼ାବିତ୍ ଭାରତୀୟ ଦଳରେ ଥିଲେ। ସେମାନଙ୍କ ମଧ୍ୟରୁ ତଜିନ୍ଦରପାଲ ସିଂହ ତୁର୍ ସଟରେ ସ୍ୱର୍ଣ୍ଣ, ଅମିତ ରୋହିଦାସ ପୁରୁଷ ହକିରେ ସ୍ୱର୍ଣ୍ଣ, କିଶୋର କୁମାର ଜେନା ଜାଭେଲିନ୍ ଥ୍ରୋରେ ରୌପ୍ୟ ଏବଂ ତେଜସ୍ୱିନ ଶଙ୍କର ଡେକାଥଲନରେ ରୌପ୍ୟ ପଦକ ଜିତିଥିଲେ। ଏଥର ସଂଖ୍ୟା ୫୪ରେ ପହଞ୍ଚିଥିବାରୁ ୨୦୨୩ ତୁଳନାରେ କିଟର ପ୍ରତିନିଧିତ୍ୱ ପ୍ରାୟ ଚାରିଗୁଣ ବଢ଼ିଛି।

ଏଥର କିଟ୍ ପାଇଁ ଆଉ ଏକ ବିଶେଷ ଆକର୍ଷଣ ହେଉଛି ତଜିନ୍ଦରପାଲ ସିଂହ ତୁର୍ଙ୍କ ଅଂଶଗ୍ରହଣ। ସେ ଭାରତ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିସହ ଉଦଘାଟନୀ ସମାରୋହରେ ଭାରତର ଦୁଇ ଧ୍ୱଜାବାହକଙ୍କ ମଧ୍ୟରୁ ଜଣେ ଭାବେ ତାଙ୍କୁ ଚୟନ କରାଯାଇଛି। ଅନ୍ୟ ଧ୍ୱଜାବାହକ ହେଉଛନ୍ତି ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ମନୁ ଭାକର।

ଏହି ଦଳରେ ଓଡ଼ିଶାର କ୍ରୀଡ଼ା ପ୍ରତିଭାର ମଧ୍ୟ ଉଲ୍ଲେଖନୀୟ ଉପସ୍ଥିତି ରହିଛି। ରାଜ୍ୟର ୯ ଜଣ କ୍ରୀଡ଼ାବିତ୍ ଭାରତ ପାଇଁ ଖେଳିବେ। ଅମିତ ରୋହିଦାସ, ଅନିମେଶ କୁଜୁର ଓ ଶ୍ରାବଣୀ ନନ୍ଦଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ସହ ଓଡ଼ିଶାର ଉଦୀୟମାନ ଆଦିବାସୀ ପ୍ରତିଭାମାନେ ମଧ୍ୟ ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଦଳର ଅଂଶ ହୋଇଛନ୍ତି। ସୁନେଲିତା ଟପ୍ପୋ, ମାମା ନାଏକ, ନିର୍ମଲ୍ୟ ରାଉତ ଓ ଦୁମୁନି ମାର୍ଣ୍ଡିଙ୍କ ଭଳି ଖେଳାଳି ଓଡ଼ିଶାର ଆଦିବାସୀ ଅଞ୍ଚଳରୁ ଉଦୀୟମାନ କ୍ରୀଡ଼ା ପ୍ରତିଭାର ଉଦାହରଣ ପାଲଟିଛନ୍ତି। ଆଥଲେଟିକ୍ସରେ କିଟ୍ର ୪୫ ଜଣଙ୍କ ମଧ୍ୟରେ ୨୩ ଜଣ ପୁରୁଷ ଓ ୨୨ ଜଣ ମହିଳା ଅଛନ୍ତି। ଏହି ଦଳରେ ଏମ୍. ଶ୍ରୀଶଙ୍କର, ପ୍ରବୀଣ ଚିତ୍ରଭେଲ, ତେଜସ୍ୱିନ ଶଙ୍କର, ତଜିନ୍ଦରପାଲ ସିଂହ ତୁର୍, ଜ୍ୟୋତି ଯାରାଜୀ, ପାରୁଲ ଚୌଧୁରୀ, ଶ୍ରାବଣୀ ନନ୍ଦ ଓ ଆନ୍ସି ସୋଜନଙ୍କ ଭଳି ଭାରତର ପ୍ରମୁଖ ଆଥଲେଟିକନେ ରହିଛନ୍ତି।

କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ପ୍ରଫେସର (ଡ.) ଅଚ୍ୟୁତ ସାମନ୍ତ ଭାରତୀୟ ଦଳରେ ସ୍ଥାନ ପାଇଥିବା ସମସ୍ତ କ୍ରୀଡ଼ାବିତମାନେ ଅଭିନନ୍ଦନ ଜଣାଇବା ସହ ଏସୀୟ କ୍ରୀଡ଼ା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏସୀୟ କ୍ରୀଡ଼ା ସହ ଆଗାମୀ ଅଲିମ୍ପିକ୍ ଚକ୍ର ପାଇଁ ମଧ୍ୟ କ୍ରୀଡ଼ାବିତମାନଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ସୁବିଧା, ପେସାଦାର କୋଚିଂ, ଆଧୁନିକ ଭିତ୍ତିଭୂମି ଓ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

କିଟ୍-କିସ୍ ପରିବାରର ନିରନ୍ତର ସମର୍ଥନ, ପ୍ରୋତ୍ସାହନ ଓ କ୍ରୀଡ଼ା ଭିତ୍ତିଭୂମି ପାଇଁ ଚୟନ ହୋଇଥିବା କ୍ରୀଡ଼ାବିତମାନେ ପ୍ରଫେସର ସାମନ୍ତଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରି ଭାରତକୁ ଗୌରବ ଆଣିବାକୁ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।


ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗୀୟା ବିନୋଦିନୀ ମିଶ୍ର
ଜେଲରୋଡ୍, ହରିହାଟ ସାହି, ହିନ୍ଦୋଳ
ଆବିର୍ଭାବ - ୨୦.୦୪.୧୯୫୦
ତିରୋଧାନ - ୧୦.୦୯.୨୦୨୬
ବୋଉ ତୁ ଅସମୟରେ ଆମମାନଙ୍କୁ ଛାଡି ଚାଲିଗଲୁ ହେଲେ ତୋର ଭଲପାଇବା, ସ୍ନେହ-ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନଯାପନ ଆମପାଇଁ ସର୍ବଦା ପ୍ରେରଣା ଯୋଗାଉଥାଉ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟରରେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ : ଦୁଇ ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ଭାଇ, ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।


# ଓଡ଼ିଶା ଟି-୨୦ ଲିଗ୍ : ରାଉରକେଲା ସୁପରଷ୍ଟାର୍ସର ଜର୍ସି ଉନ୍ମୋଚନ


ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଇଁ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଇଁ କରି ଦେୟ ରସିଦକୁ ବିଜ୍ଞାପନ ସହ ୯୯୩୮୫୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୯୯୩୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।


ଭୁବନେଶ୍ୱର,୧୮।୯ (ସବ୍ୟୁ): ଆଗାମୀ ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍ ଟ୍ରଫି ପାଇଁ ରାଉରକେଲା ସୁପରଷ୍ଟାର୍ସ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରାଚୀ ସରୋବରରେ ନିଜର ଅଫିସିଆଲ୍ ଜର୍ସି ଉନ୍ମୋଚନ କରିଛି। ଆସନ୍ତା ସେପ୍ଟେମ୍ବର ୨୦ରୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ୬ଟି ଦଳ ଚାମ୍ପିଅନ୍ ଟାଇଟଲ୍ ପାଇଁ ପ୍ରତିଯୋଗିତା କରିବେ। ପ୍ରତିଯୋଗିତା ସେପ୍ଟେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ। ରାଜ୍ୟର ଟି-୨୦ ଲିଗର ନୂଆ ସିଜନରେ ସମସ୍ତ ଫ୍ରାଞ୍ଚାଇଜର ନିଜର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହେଉଛନ୍ତି। ଜର୍ସି ଉନ୍ମୋଚନ ରାଉରକେଲା ସୁପରଷ୍ଟାର୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ୍। ଟିମର ଯୁବ ପ୍ରତିଭାଙ୍କ ସହ ଅଭିଜ୍ଞ ଖେଳାଳିଙ୍କ ସମନ୍ୱୟ ରହିଛି। ଜର୍ସି ଉନ୍ମୋଚନ ଅବସରରେ ରାଉରକେଲା ସୁପରଷ୍ଟାର୍ସର ସହ-ମାଲିକ ସନ୍ତୁଷ୍ଟ ଭାଟିଆ ଓଡ଼ିଶାର ଯୁବ କ୍ରିକେଟରଙ୍କୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ଉଚ୍ଚସ୍ତରୀୟ କ୍ରିକେଟ୍ ପାଇଁ ଏକ ସୁଯୋଗ ଦେବା ଉପରେ ଫ୍ରାଞ୍ଚାଇଜିର ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, "ଓଡ଼ିଶାର ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିଭାବାନ ଖେଳାଳିଙ୍କୁ ବଡ଼ ମଞ୍ଚରେ ପ୍ରଦର୍ଶନ କରିବାର ସୁଯୋଗ ଦେବା ଆମର ଲକ୍ଷ୍ୟ। ଆମେ ଏଭଳି ଏକ ଶକ୍ତିଶାଳୀ ପଥ ସୃଷ୍ଟି କରିବାକୁ ଚାହୁଁଛୁ, ଯାହା ମାଧ୍ୟମରେ ରାଜ୍ୟର




ବିଭିନ୍ନ ଅଞ୍ଚଳର ଖେଳାଳିମାନେ ମୂଲ୍ୟବାନ ଅଭିଜ୍ଞତା ହାସଲ କରିପାରିବେ, ନିଜ ଦକ୍ଷତା ବିକଶିତ କରିପାରିବେ ଏବଂ ଅଭିଜ୍ଞ କ୍ରିକେଟରଙ୍କଠାରୁ ଶିଖିପାରିବେ। ଆମର ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ କ୍ରିକେଟର ଉଚ୍ଚସ୍ତରକୁ ଯିବାରେ ସହାୟତା କରିବା ଏବଂ ଭବିଷ୍ୟତରେ ଓଡ଼ିଶା ଓ ଦେଶ ପାଇଁ ଖେଳିବାର ସୁଯୋଗ ସୃଷ୍ଟି କରିବା। ଅନ୍ୟତମ ସହ-ମାଲିକ ପାର୍ଥ ଲୁଥ୍ରା ଟୁର୍ଣ୍ଣାମେଣ୍ଟ ପାଇଁ ଗଠିତ ଦଳକୁ ନେଇ ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ। ଅଭିଜ୍ଞତା ଓ ଯୁବ ପ୍ରତିଭାର ସମନ୍ୱୟ ଦଳକୁ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାରେ ସହାୟକ ହେବ ବୋଲି ସେ କହିଥିଲେ।

ସେ କହିଥିଲେ, "ଟୁର୍ଣ୍ଣାମେଣ୍ଟ ପାଇଁ ଆମେ ଗଠନ କରିଥିବା ଦଳକୁ ନେଇ ମୁଁ ବହୁତ ଉତ୍ସାହିତ। ଆମ ପାଖରେ ଏକ ସନ୍ତୁଳିତ ଏବଂ ପ୍ରତିଯୋଗିତାମୂଳକ ଦଳ ରହିଛି। ଦଳରେ ଅନେକ ଖେଳାଳିଙ୍କ ପାଖରେ ରଣଜୀ ଟ୍ରଫିର ଅଭିଜ୍ଞତା ରହିଛି। ଅଭିଜ୍ଞ ଖେଳାଳି ଏବଂ ଯୁବ ପ୍ରତିଭାଙ୍କ ମିଶ୍ରଣ ଆମ ଦଳକୁ ଶକ୍ତିଶାଳୀ କରିଛି। ଆମେ ଭଲ ପ୍ରଦର୍ଶନ କରିବା ସହ ଟୁର୍ଣ୍ଣାମେଣ୍ଟରେ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆତ୍ମବିଶ୍ୱାସୀ। ସେପ୍ଟେମ୍ବର ୨୦ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଥିବାରୁ ଏବେ ରାଉରକେଲା ସୁପରଷ୍ଟାର୍ସ ନିଜର ଅଭିଯାନ ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଟାଇଟଲ୍ ପାଇଁ ଦଳ ଏକ ଶକ୍ତିଶାଳୀ ଆରମ୍ଭ କରିବା ସହ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ।


ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି